ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୯୯
୨୬ ଡିସେମ୍ବର, ୨୦୨୫ ଶୁକ୍ରବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 199
26th December, 2025 Friday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ ନ ବୈ ସୁଖଂ ପ୍ରାପ୍ନୁବନ୍ତୀହ ଭିନ୍ନା ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ।

## ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ
## ସମୁଦ୍ରରେ ଭାସି ଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ, ୨୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ପୁଣି ମହାପ୍ରଭୁଙ୍କୁ ଅପମାନ। ସମୁଦ୍ର ଢେଉରେ ଭାସିଲେ ମହାବାହୁ। ଭାସିଲେ ନୁହେଁ ଭାସି ଆସିଲେ ବିଗ୍ରହ। ହଁ ମହୋଦଧି ତଟରେ ମନେ ହେଉଥିବା ଏହି ନିଆରା ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ। ଦୃଶ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଏକ ବିଗ୍ରହ ଭାସି ଆସୁଛନ୍ତି। ସମୁଦ୍ର ତଟରେ ବୁଲୁଥିବା ଜଣେ ବ୍ୟକ୍ତି ତାହା ଦେଖି ଦୌଡି ଯାଉଛନ୍ତି ସମୁଦ୍ର ଭିତରକୁ। ଆଉ ବିଗ୍ରହକୁ ଧରିବା ପରେ ବି ସେ ଆଣି ପାରୁନାହାନ୍ତି, ଆଉ ପାଟି କରି ଡାକୁଛନ୍ତି ଅନ୍ୟମାନଙ୍କୁ। ତାପରେ ଜଣକ ପରେ ଜଣେ ଢେଉ ମାଡରେ ଭାସି ଆସୁଥିବା ଜଗନ୍ନାଥଙ୍କ ବିଗ୍ରହଙ୍କ ପାଖରେ ପହଞ୍ଚି ଯାଉଛନ୍ତି।

ଜଣେ ଦୁଇ ଜଣ ଏପରିକି ତିନି ଜଣ ଚେଷ୍ଟା କରୁଛନ୍ତି ବିଗ୍ରହଙ୍କୁ ଉଠାଇ ଆଣିବାକୁ। କିନ୍ତୁ ପାରୁ ନାହାନ୍ତି। ବଳିଆର ଭୁଜକୁ ବା କିଏ ସହଜେ ଉଠାଇ ପାରିବ ? ବେଶ୍ ଓଜନିଆ ମନେ ହେଉଥିବା ମୂର୍ତ୍ତୀ ଟିକୁ ୫ରୁ ୬ ଜଣ ବ୍ୟକ୍ତି ଧରି ଧରି ପାଣିରୁ ବାଲି ଉପରକୁ (ଶେଷ ପୃଷ୍ଠା ଦେଖନ୍ତୁ)

## ଜାନୁଆରୀ ପ୍ରଥମ ସପ୍ତାହରେ ଲଘୁଚାପ !

ଭୁବନେଶ୍ୱର, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍



ରାଜ୍ୟ ଉପରୁ ପଶ୍ଚିମାଝଡ଼ ପ୍ରଭାବ ଅପସରି ଯିବା ପରେ ଗତ ଦୁଇଦିନ ହେଲା ବିଭିନ୍ନ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା କମୁଛି। ଗୁରୁବାରଠାରୁ ପାରଦ ଆହୁରି ତଳମୁହାଁ ହେବ। ସମତଳ ଏବଂ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ୧ରୁ ୨ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ହ୍ରାସ ପାଇବା ସମ୍ଭାବନା ରହିଛି। ଏଣେ ରାଜ୍ୟରେ ପାରଦ ତଳମୁହାଁ ହୋଇଥିବା ବେଳେ ବିଳମ୍ବିତ ରାତିରୁ ଘନ କୁହୁଡ଼ି ମାଡ଼ି ଆସୁଛି। ଘନକୁହୁଡ଼ି ଶୀତ ପ୍ରଭାବକୁ ଆହୁରି ତୀବ୍ର କରୁଛି। ଫଳସ୍ୱରୂପ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି। ଗମନାଗମନରେ ସମସ୍ୟା ଉପୁଜୁଛି। ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ ଅନୁସାରେ, ଇଂରାଜୀ ନୂଆବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ପ୍ରକୋପ ଲାଗି ରହିବ। ଏଥିସହିତ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଘନକୁହୁଡ଼ି ଦୃଶ୍ୟମାନ ହେବା ସମ୍ଭାବନା ରହିଛି।

ଗତ ୨୪ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ସବୁଠୁ କମ୍ କୋରାପୁଟରେ ୬.୧ଡିଗ୍ରୀ ଥିବା ବେଳେ ଜିଲ୍ଲାର ସେମିଳିଗୁଡ଼ାରେ ପାରଦ ୬.୬ ଡିଗ୍ରୀ ରହିଛି। ନବରଙ୍ଗପୁରରେ ୮.୯, ରାୟଗଡ଼ାରେ ୧୦, ୬ ଭବାନୀପାଟଣାରେ ୧୦.୫, ଦାରିଙ୍ଗବାଡ଼ିରେ ୭.୫, ଘୁ. ଉଦୟଗିରିରେ ଫୁଲବାଣୀରେ ୯, ବୌଦ୍ଧରେ ୯.୭, ଚିପିଲିମା ୯.୯, ଝାରସୁଗୁଡ଼ାରେ ୬.୮, କିରେଇରେ ୯.୩, ଲିମାରେ ଅନୁଗୋଳରେ ୧୦.୬, କେନ୍ଦୁଝରରେ ୧୧, ସୁନ୍ଦରଗଡ଼ରେ ୧୦.୨, ଭୁବନେଶ୍ୱରରେ ୧୩.୬ ଏବଂ କଟକରେ ୧୩.୪ ଡିଗ୍ରୀ ରହିଛି। କୋରାପୁଟ, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ନବରଙ୍ଗପୁର ଆଦି ପଶ୍ଚିମ, ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଶୀତ ପ୍ରକୋପ ଅଧିକ ରହିଛି।

ଅପରାହ୍ନ ୪ଟା ବାଜିଲେ ଶୀତ ମାଡ଼ି ଆସୁଛି। ରାତି ୨ଟା ବେଳକୁ ସର୍ବନିମ୍ନ ତାପମାତ୍ରା ଖସିବା ଦ୍ୱାରା ଶୀତ ପ୍ରକୋପ ବଢୁଛି। ସକାଳ ୯ଟା ପର୍ଯ୍ୟନ୍ତ ଶୀତ କମୁନାହିଁ। ଶୀତୁଆ ସକାଳରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଯବାନଙ୍କ ପାଇଁ ସୋସିଆଲ ମିଡିଆ କଟକଣା
# ଦେଖିପାରିବେ, ଲେଖିପାରିବେନି

ନୂଆଦିଲ୍ଲୀ, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍




ଭାରତୀୟ ସେନା ଏହାର ସୈନିକ ଏବଂ ଅଧିକାରୀମାନଙ୍କ ପାଇଁ ସୋସିଆଲ ମିଡିଆ ଆପ୍ ବ୍ୟବହାର ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି। ପ୍ରତିରକ୍ଷା ଅଧିକାରୀଙ୍କ ଅନୁଯାୟୀ, ନୂତନ ନୀତିରେ ଇନଷ୍ଟାଗ୍ରାମ, ହ୍ୱାଟସଆପ, ୟୁଟ୍ୟୁବ ଏବଂ ଲିଙ୍କଡିନ୍ ଭଳି ପ୍ଲାଟଫର୍ମ ବ୍ୟବହାର ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଛି।

ସେନାର ନୂତନ ନୀତି ଅନୁଯାୟୀ, ସାମରିକ କର୍ମଚାରୀମାନେ ଏବେ ଇନଷ୍ଟାଗ୍ରାମ, ଏକ୍ସ, ୟୁଟ୍ୟୁବ ଏବଂ କୋରା ଭଳି ଆପ୍ କେବଳ ସୂଚନା ସଂଗ୍ରହ କିମ୍ବା ତଦାରଖ ପାଇଁ ବ୍ୟବହାର କରିପାରିବେ। କିନ୍ତୁ ଏସବୁ ଆପ୍ସରେ ମନ୍ତବ୍ୟ ଦେବା, ମତାମତ ପ୍ରକାଶ କରିବା କିମ୍ବା ବ୍ୟକ୍ତିଗତ ବିଷୟବସ୍ତୁ ଅପଲୋଡ୍ କରିବା ଉପରେ କଟକଣା ଜାରି କରାଯାଇଛି।

ଅନ୍ୟପକ୍ଷରେ, ହ୍ୱାଟସଆପ, ଟେଲିଗ୍ରାମ, ସିଗନାଲ ଏବଂ ସ୍କାଏପ୍ ପରି ମେସେଜିଂ ଆପ୍ କେବଳ ସାଧାରଣ ପ୍ରକୃତିର ଅଣବର୍ଗୀକୃତ ସୂଚନା/ବିଷୟବସ୍ତୁର ଆଦାନ ପ୍ରଦାନକୁ ଅନୁମତି ଦିଏ। ବିଷୟବସ୍ତୁ କେବଳ ସେହି ଲୋକଙ୍କ ସହିତ ସେୟାର କରାଯାଇପାରିବ ଯାହାକୁ ବ୍ୟବହାରକାରୀ ବ୍ୟକ୍ତିଗତ ଭାବରେ ଜାଣନ୍ତି। ପ୍ରାପ୍ତକର୍ତ୍ତାଙ୍କୁ ଚିହ୍ନଟ କରିବା ପାଇଁ ବ୍ୟବହାରକାରୀ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ। ଏହା ସହିତ, ସାମରିକ କର୍ମଚାରୀମାନେ କେବଳ ସେମାନଙ୍କର ଜୀବନବୃତ୍ତାନ୍ତ ଅପଲୋଡ୍ କରିବା କିମ୍ବା ସମ୍ଭାବ୍ୟ ନିଯୁକ୍ତିଦାତା/କର୍ମଚାରୀମାନଙ୍କ ବିଷୟରେ ସୂଚନା ପାଇବା ପାଇଁ ଲିଙ୍କଡିନ୍ ବ୍ୟବହାର କରିପାରିବେ।

## ଭୂପିନ୍ଦରଙ୍କ ଭବିଷ୍ୟବାଣୀ: ବିଜେଡି ହେବ ଦୁଇଫାଳ

ଭୁବନେଶ୍ୱର, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍



ଆସନ୍ତାକାଲି ବିଜୁ ଜନତା ଦଳ (ବିଜେଡି)ର ପ୍ରତିଷ୍ଠା ଦିବସ। ଏହି ଅବସରରେ ଭି.କେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ୍ ବିଜେଡିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି। ଦଳର ବରିଷ୍ଠ ନେତା ଭୂପିନ୍ଦର ସିଂ ବିସ୍ଫୋରକ ବୟାନ ଦେଇଛନ୍ତି। ଅବଶ୍ୟ ଆଗରୁ ବି ସେ କେତେ ଥର ବିଜେଡି ସଂପର୍କରେ ବିସ୍ଫୋରକ ବୟାନ ଦେଇ ରାଜ୍ୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଛନ୍ତି। ଏଥର ମଧ୍ୟ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଭୂପିନ୍ଦର ସିଂ ସ୍ପଷ୍ଟ ଭାବରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ନବୀନ ପଟ୍ଟନାୟକଙ୍କୁ ଛାଡ଼ି କୌଣସି ନୂଆ ଲୋକଙ୍କୁ ଦଳର ନେତୃତ୍ୱ ଦିଆଯାଏ, ତେବେ ବିଜେଡି ଭାଗ ଭାଗ ହୋଇଯିବ। କାରଣ ନବୀନ ପଟ୍ଟନାୟକଙ୍କ ବିନା ବିଜେଡିର କୌଣସି ଅସ୍ତିତ୍ୱ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ ତାଙ୍କ ବିନା ଦଳ ତିଷ୍ଠି ରହିବା ଅସମ୍ଭବ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ବରିଷ୍ଠ ନେତାମାନେ ଯାହା ଭାବି ବସିଥିଲୁ। ଏବେ ଜୁନିୟରମାନେ ବି ସେଇ ଚିନ୍ତାରେ ଏକାଠି ବସିଥିଲେ। ୨୦୨୫ ବିଜେଡି ପାଇଁ ଭଲ ନଥିଲା। ନବୀନ ବାବୁ ନେତୃତ୍ୱ ନେବେ ନା ନାହିଁ ସେଥିପାଇଁ ଦ୍ୱନ୍ଦ୍ୱ ଥିଲା। ଏବେ କିନ୍ତୁ ସେ ଦ୍ୱନ୍ଦ୍ୱ ନାହିଁ। ଦଳର ସଭାପତି ସ୍ପଷ୍ଟ କରିଛନ୍ତି। ସେ ହିଁ ଦାୟିତ୍ୱରେ ରହିବେ। କିଛି ନୂଆ ଲୋକଙ୍କୁ ଯଦି ଅଣାଗଲା, ତେବେ ବିଜେଡି ଭାଗ ହୋଇଯିବ। ଭବିଷ୍ୟତ ହେଉଛି ନବୀନ ବାବୁଙ୍କୁ ଛାଡ଼ି ବିଜେଡି ରହିପାରିବ ନାହିଁ। ଦଳର ସଭାପତି ଜାଣିସାରିଛନ୍ତି, ଯାହାଙ୍କୁ ଆଣିବାକୁ ପ୍ରୟାସ ହେଉଛି, ତାଙ୍କ ପାଇଁ ଦଳର ବଡ଼ କ୍ଷତି ହୋଇଛି। ଦଳରେ ସମସ୍ତ ଆସିପାରିବେ, କିନ୍ତୁ ଯିଏ ଆସିବ ସେ ପ୍ରଥମେ କାମ କରିବା ଉଚିତ୍। ତିନି ଜଣଙ୍କୁ ନେଇ ଦଳ ପରିଚାଳନା ହୁଏ ନାହିଁ। ଗୋଟିଏ ଟିମ୍ ହୋଇ କାମ କରିବା ଉଚିତ୍। ଯୁବ ନେତାମାନେ ଏହି ଉଦ୍ଦେଶ୍ୟରେ ବସିଥିଲେ। ସେମାନେ ଜାଣିଛନ୍ତି ଯେ, ନବୀନଙ୍କ ଛଡ଼ା ଅନ୍ୟ କେହି (ଶେଷ ପୃଷ୍ଠା ଦେଖନ୍ତୁ)

## ଦେବୀଙ୍କ ଦମ୍ଭୋକ୍ତି: ବିଜେଡି ଦେଶର ବୃହତମ ଆଞ୍ଚଳିକ ଦଳ



ଭୁବନେଶ୍ୱର, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂଙ୍କୁ କାଉଣ୍ଟର କରି ବିଜେଡି ବରିଷ୍ଠ ଉପସଭାପତି ଦେବୀ ମିଶ୍ର କହିଛନ୍ତି, ବିଜେଡି ଦେଶର ବୃହତ୍ତମ ଆଞ୍ଚଳିକ ଦଳ। ଶୁକ୍ରବାର ଦଳର ପ୍ରତିଷ୍ଠା ଦିବସ। କ୍ଷେତ୍ରୀୟସ୍ତରରେ ପାଳନ କରାଯିବ। ଶଙ୍ଖ ଭବନରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ। ଦଳର ସଭାପତି ଯୋଗ ଦେବେ। ଭୂପିନ୍ଦର ବାବୁ ସବୁବେଳେ ମିଡିଆରେ କହୁଛନ୍ତି। ମୁଁ ଶୁଣୁଛି। ଯଦି ଦଳ ପରିଚାଳନା ୩ରୁ ୪ ଜଣ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ଭାବେ ସଠିକ୍ ଫୋରମ୍‌ରେ କୁହନ୍ତୁ। ଏବେ ପିକନିକ ମାସ। ସମସ୍ତେ ଭୋଜି ଭାତ କରିବେ। ଦଳ ସଙ୍ଗଠିତ ଅଛି, ସମସ୍ତଙ୍କୁ ନେଇ ଚାଲିଛି ବୋଲି ଦେବୀ ମିଶ୍ର।

### ଯାହା କହିବାର କଥା ପାର୍ଟି ଫୋରମ୍‌ରେ କୁହନ୍ତୁ

ସୂଚନାଯୋଗ୍ୟ ଯେ, ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂହ କହିଥିଲେ ୨୦୨୫ ବିଜେଡି ପାଇଁ ଭଲ ନଥିଲା। ନବୀନ ବାବୁ ନେତୃତ୍ୱ ନେବେ କି ନାହିଁ। ସେଥିପାଇଁ ଦ୍ୱନ୍ଦ୍ୱରେ ଥିଲେ। କିନ୍ତୁ ଏବେ ସେ ଦ୍ୱନ୍ଦ୍ୱ ଆଉ ନାହିଁ। ନବୀନ ବାବୁଙ୍କ ବଦଳରେ ଯଦି ଆଉ କାହାକୁ ଅଣାଗଲା, ତେବେ ଦଳ ଭାଙ୍ଗିଯିବ। ଏମିତି କିଛି କହି ପୁଣି ଥରେ ଓଡ଼ିଶା ରାଜନୀତିରେ ହଇଚଇ ସୃଷ୍ଟ କରିଛନ୍ତି।

ବରିଷ୍ଠ ନେତାମାନେ ଯାହା ଭାବି ବସିଥିଲୁ। ଏବେ ଜୁନିୟରମାନେ ବି ସେଇ ଚିନ୍ତାରେ ଏକାଠି ବସିଥିଲେ। ୨୦୨୫ ବିଜେଡି ପାଇଁ ଭଲ ନଥିଲା। ନବୀନ ବାବୁ ନେତୃତ୍ୱ ନେବେ ନା ନାହିଁ ସେଥିପାଇଁ ଦ୍ୱନ୍ଦ୍ୱ ଥିଲା। ଏବେ କିନ୍ତୁ ସେ ଦ୍ୱନ୍ଦ୍ୱ ନାହିଁ। ଦଳର ସଭାପତି ସ୍ପଷ୍ଟ କରିଛନ୍ତି। ସେ ହିଁ ଦାୟିତ୍ୱରେ ରହିବେ। କିଛି ନୂଆ ଲୋକଙ୍କୁ ଯଦି ଅଣାଗଲା, ତେବେ ବିଜେଡି ଭାଗ ହୋଇଯିବ। (ଶେଷ ପୃଷ୍ଠା ଦେଖନ୍ତୁ)

## ବସ-ଟ୍ରକ ଧକ୍କା
## ଜୀବନ୍ତ ଜଳିଗଲେ ୧୭

ବେଙ୍ଗାଲୁରୁ, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଗୁରୁବାର ସକାଳେ କର୍ଣ୍ଣାଟକର ଚିତ୍ରଦୁର୍ଗ ଜିଲାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୨ରୁ ଅଧିକ ଲୋକ ପୋଡ଼ି ମୃତ୍ୟୁବରଣ କରିଛନ୍ତି। ହିରିୟୁର ତାଲୁକର ଗୋର୍ଲାଟ୍ଟୁ ଅଞ୍ଚଳରେ ଏକ ଘରୋଇ ସ୍ଲିପର୍ ବସ ଏବଂ ଏକ ଟ୍ରକ ମଧ୍ୟରେ ଖୁବ ଜୋର ଧକ୍କା ହୋଇଥିଲା, ଯାହା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା, ଯେଉଁଥିରେ ଯାତ୍ରୀମାନେ ଫସି ଯାଇଥିଲେ।

ପୋଲିସ ଅନୁଯାୟୀ, ବୁଧବାର ଏବଂ ଗୁରୁବାର ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଘରୋଇ ସ୍ଲିପର୍ ବସଟି ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଅଭିମୁଖେ ଯାତ୍ରା କରୁଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରକ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଟ୍ରକର କିଛି ଅଂଶ ଜଳି ଯାଇଥିଲା ଏବଂ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଡ୍ରାଇଭର ଏବଂ କଣ୍ଡକ୍ଟର ସମେତ ମୋଟ ୩୨ ଜଣ ଯାତ୍ରୀ ଥିଲେ।

ଧକ୍କା ଏତେ ଭୟଙ୍କର ଥିଲା ଯେ ବସ ଏବଂ ଟ୍ରକ ଉଭୟରେ ନିଆଁ ଲାଗିଗଲା। ନିଆଁ ଦ୍ରୁତ ଗତିରେ ବ୍ୟାପିଗଲା, ବସ ଭିତରେ ଅନେକ ଯାତ୍ରୀ ଫସି ରହିଲେ ଏବଂ ସେମାନଙ୍କୁ ବାହାରକୁ ବାହାର କରାଯାଇ ପାରିଲା ନାହିଁ, ଯାହା ଫଳରେ ସେମାନଙ୍କର ଦୁଃଖଦ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଡିଏସପି ଶିବକୁମାର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ସ୍ଥାନୀୟ ବାସିନ୍ଦା ଏବଂ ଅଗ୍ନିଶମ ବିଭାଗର ସହାୟତାରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା।

ଆହତ ଯାତ୍ରୀମାନଙ୍କୁ ପ୍ରଥମେ ଚିତ୍ରଦୁର୍ଗ ଜିଲା ହସ୍ପିଟାଲକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ ଗୁରୁତର ଆହତ ହୋଇଥିଲେ ଏବଂ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ବେଙ୍ଗାଲୁରୁକୁ ପଠାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାର କାରଣ ତଦନ୍ତ କରୁଛି। ପ୍ରାରମ୍ଭିକ ତଦନ୍ତରେ ଦ୍ରୁତ ଗତି କିମ୍ବା ଅବହେଳା ଦର୍ଶାଯାଉଛି, ଯଦିଓ ତଦନ୍ତ ସମାପ୍ତ ହେବା ପରେ ହିଁ ସରକାରୀ ନିଶ୍ଚିତତା କରାଯିବ।

## ବାସୀ ଖାଦ୍ୟ ଖାଇ ଗୋରୁ ମୃତ

କଟକ, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଗତ ୨୧ତାରିଖ ରବିବାର ଦିନ ବୟାଳିସ ମୌଜା ବଳି ବାମନ ପୀଠରେ ସ୍ଥାନୀୟ କଟକ ସଦର ବିଧାୟକଙ୍କ ଦ୍ୱାରା

### ବିଧାୟକଙ୍କ ନାଁରେ ଏତଲା

ଏକ ବନ୍ଧୁମିଳନ ହୋଇଥିଲା। ଉକ୍ତ ବନ୍ଧୁମିଳନରେ ବହୁ ବଳକା ଖାଦ୍ୟକୁ ଚାନ୍ଦୁଲି ନିକଟରେ ନଦୀ ବନ୍ଧରେ ଫୋପାଡି ଦିଆଯାଇଥିଲା। ଯେଉଁ ବାସୀ ଖାଦ୍ୟକୁ ଖାଇ ବହୁ ଗାଈ ଗୋରୁ ମୃତାହତ ହୋଇଥିବା ବେଳେ ଅନେକ ଅସୁସ୍ଥ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକ ପ୍ରକାଶ ସେଠୀଙ୍କୁ ଦାୟୀ କରି ତାଙ୍କ ନାଁରେ କଟକ ସଦର କଂଗ୍ରେସ ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀର



ବିଧାୟକ ପ୍ରାର୍ଥୀ ରାମ ଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୟାଳିସ ମୌଜା ଥାନାରେ ଏତଲା କରି ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏଥି ସହିତ ଯେଉଁମାନଙ୍କର ଗାଈ ଗୋରୁ ମୃତାହତ ହୋଇଛନ୍ତି ସେ ପରିବାରକୁ ପ୍ରଶାସନ ଆର୍ଥିକ ସହାୟତା ତୁରନ୍ତ ଯୋଗେଇ ଦେବାକୁ ଦାବୀ କରିଛନ୍ତି କଂଗ୍ରେସ ନେତା ଶ୍ରୀ ଗୋଛାୟତ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର (ଶେଷ ପୃଷ୍ଠା ଦେଖନ୍ତୁ)

## ସୁରକ୍ଷା ବାହିନୀଙ୍କ ଏନକାଉଣ୍ଟରରେ ୪ ମାଓବାଦୀ ନିହତ

ଫୁଲବାଣୀ, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାର ସୀମାରେ ଥିବା ରମ୍ଭା ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ପୁଲିସ କହିଛି ଯେ, ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବାହିନୀ ସହିତ ଏନକାଉଣ୍ଟରରେ ଦୁଇ ମହିଳାଙ୍କ ସମେତ ଚାରି ଜଣ ମାଓବାଦୀ ନିହତ ହୋଇଛନ୍ତି। ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି, ନିହତ ମାଓବାଦୀଙ୍କ ମଧ୍ୟରୁ ଜଣଙ୍କୁ ଓଡ଼ିଶାର ଶୀର୍ଷ ମାଓ ନେତା ଗଣେଶ ଉଇକେ ଭାବରେ ଚିହ୍ନଟ କରାଯାଇଛି। ଗଣେଶ ମୁଣ୍ଡ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ଗୁରୁବାର ସକାଳେ ଏନକାଉଣ୍ଟର ସ୍ଥଳ ନିକଟରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳିନାହିଁ। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସର ଏସ୍‌ଓଜିର ଏକ ଛୋଟ ମୋବାଇଲ୍ ଦଳ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ।

ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ନିହତ ହୋଇଥିଲେ। ଦୁଇଜଣ ପୁରୁଷ କ୍ୟାଡରଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣେ ମହିଳା ମାଓବାଦୀଙ୍କ ମୃତଦେହ କିଛି ଦୂରରେ ପଡିଥିବା ମିଳିଥିଲା। ପୁଲିସ ଏକ ରିଭଲଭର, ଏକ ୩୦୩ ରାଇଫଲ ଏବଂ ଏକ ୱାକି-ଟକି ସେଟ୍ ଜବତ କରିଛି।

ସୀମା ସୁରକ୍ଷା ବାହିନୀ ଏବଂ କେନ୍ଦ୍ରୀୟ



ରିଜର୍ଭ ପୁଲିସ ବାହିନୀର ମିଳିତ ଅପରେସନରେ ଏହି ସଫଳତା ମିଳିଛି। ସୁରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ଗଣେଶ ଉଇକେ ଦେଶର ସବୁଠାରୁ ୱାଣ୍ଟେଡ୍ ମାଓ ନେତାମାନଙ୍କ ମଧ୍ୟରୁ ଜଣେ। ୨୦୧୩ ଝିରମ୍ ଉପତ୍ୟକା ହତ୍ୟାକାଣ୍ଡ ବ୍ୟତୀତ, ସେ ବିଭିନ୍ନ ରାଜ୍ୟରେ ଅନେକ ହାଇପ୍ରୋଫାଇଲ୍ ମାଓ ଆକ୍ରମଣରେ ସାମିଲ ଥିଲେ।

ଏହି ଏନକାଉଣ୍ଟରରେ ସୁରକ୍ଷା ବାହିନୀଙ୍କର କୌଣସି କ୍ଷତି ହୋଇନାହିଁ ଏବଂ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି। ପଡ଼ୋଶୀ ମାଲକାନଗିରି ଜିଲ୍ଲାରେ ୨୨ଜଣ ମାଓବାଦୀ ଓଡ଼ିଶା ଡିଜିପି ୱାଇ ବି ଖୁରାନାଙ୍କ ନିକଟରେ ଆତ୍ମସମର୍ପଣ କରିବାର ଗୋଟିଏ ଦିନ ପରେ ଏହି ଏନକାଉଣ୍ଟର ଘଟିଛି।

ତେଲେଙ୍ଗାନାର ନାଲଗୋଣ୍ଡା ଜିଲ୍ଲାର ମୂଳ ବାସିନ୍ଦା ଗଣେଶ ପ୍ରାୟ ଚାରି ଦଶନ୍ଧି ଧରି ମାଓ ଆନ୍ଦୋଳନରେ ସକ୍ରିୟ ଥିଲେ। ସେ ପକ୍କା (ଶେଷ ପୃଷ୍ଠା ଦେଖନ୍ତୁ)

# ଅତିରିକ୍ତ ବିଜୁଳି ଜମା: ମାଲିକ-ଭଡ଼ାଟିଆ ଟଣାଓଟରା

ଭୁବନେଶ୍ୱର, ୨୫।୧୨
ତଥ୍ୟ

ଟାଟା ପାୱାରର ବିଦ୍ୟୁତ୍ ବିତରଣକାରୀ ସଂସ୍ଥାମାନେ ଗ୍ରାହକଙ୍କୁ ଧରାଇଥିବା ଅତରିକ୍ତ ସୁରକ୍ଷା ଜମା (ଏଡିଏସ୍)କୁ ନେଇ ଏବେ ଭଡାଟିଆମାନେ ଅକଳରେ ପଡିଛନ୍ତି। ଘର ମାଲିକ ଏହି ଅର୍ଥ ଭଡାଟିଆଙ୍କ ଉପରେ ଲଦୁଥିବାବେଳେ ଅର୍ଥ ସ୍ଥାୟୀ ଜମା ବାବଦରେ ରହୁଥିବାରୁ ଏହା ଘର ମାଲିକ ଦିଅନ୍ତୁ ବୋଲି ଭଡାଟିଆମାନେ ମତ ଦେଉଛନ୍ତି।

ଯେଉଁମାନେ ଘରଭଡା ଦେଇଛନ୍ତି ସେମାନଙ୍କ ମିଟରଟି ଘର ମାଲିକଙ୍କ ନାଁରେ ଥିବାବେଳେ ମାସକୁ ମାସ ବିଜୁଳି ଦେୟ ଭଡାଟିଆମାନେ ଦେଉଛନ୍ତି। ବର୍ତ୍ତମାନ ଅତିରିକ୍ତ ଜମା ପ୍ରଦାନ ପାଇଁ ଟାଟା ପାୱାର ନୋଟିସ୍ ଧରାଇବା ପରେ ତାହାକୁ ନେଇ ଭଡାଟିଆ ଓ ଘର ମାଲିକଙ୍କ ମଧ୍ୟରେ ଟଣା ଓଟରା ଆରମ୍ଭ ହୋଇଛି। ଯେହେତୁ ଏହି ଅର୍ଥ ସ୍ଥାୟୀ ଜମା ଆକାରରେ ରହୁଛି ଓ ଏହାର ସୁଧ ବର୍ଷ ଶେଷରେ ଆସିବ ବୋଲି କମ୍ପାନୀ କହୁଛି ତେଣୁ ଘର ମାଲିକ ଏହି ଅର୍ଥ ଦେବାକୁ ଭଡାଟିଆମାନେ ମତ ରଖୁଛନ୍ତି। କାରଣ ଯଦି ଭଡାଟିଆ ବର୍ଷ ଅଧାରୁ ଘର ଛାଡନ୍ତି କିମ୍ବା ଘରମାଲିକ ସେମାନଙ୍କୁ ବାହାର କରି ଦିଅନ୍ତି ତେବେ ସେମାନଙ୍କ ଏହି ଅର୍ଥ ପାଣିରେ ପଡିବା ଏକ ପ୍ରକାର ନିଶ୍ଚିତ।

ଅନ୍ୟ ପକ୍ଷରେ ଚଳିତ ମାସ ୨୯ ତାରିଖ ସୁଦ୍ଧା ଅର୍ଥ ପ୍ରଦାନ ପାଇଁ ଟାଟା ପାୱାର ନୋଟିସ୍ ଧରାଇଥିବାବେଳେ ଏହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଜୋରଦାର ବିରୋଧ ହେଉଥିବାବେଳେ ବିଜେଡି ଏ ନେଇ ରାସ୍ତାକୁ ଓହ୍ଲାଇଛି। କଂଗ୍ରେସ ମଧ୍ୟ ବଡ ଧରଣର ଆନ୍ଦୋଳନ ଡାକରା ଦେଇଛି। ଏହି ଅର୍ଥ ନଦେବାକୁ ଦୁଇ ଦଳ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି।




ସେହିଭଳି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଠାରୁ ଆରମ୍ଭ କରି ଶକ୍ତି ସମୀକ୍ଷକମାନେ ମଧ୍ୟ ଏଭଳି ଅର୍ଥ ଆଦାୟ ବେଆଇନ୍ ଏବଂ ଏହା ଉପରେ ପୁର୍ନବିଚାର କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

ଏହି ଅତିରିକ୍ତ ଜମା ସଂକ୍ରାନ୍ତରେ ଶକ୍ତି ବିଭାଗ କିମ୍ବା ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ ମୁହଁ ଖୋଲୁ ନଥିବାବେଳେ ଟାଟା ପାୱାର ସାମ୍ବାଦିକ ସମ୍ମିଳନୀ କରି ଏଭଳି ଅର୍ଥ ଆଦାୟ ପାଇଁ ଆଇନ୍ ରହିଥିବା କହି ନିଜ ହାତ ଝାଡି ଦେଇଛି। ଏହା ଭିତରେ କିନ୍ତୁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ତେଜିବାରେ ଲାଗିଛି।

ମାସ ଆରମ୍ଭରେ ବିଦ୍ୟୁତ୍ ବିଲ୍ ପଇଠ କରିଥିବା ଉପଭୋକ୍ତାମାନେ ଏବେ ମାସ ଶେଷରେ ଅତିରିକ୍ତ ସୁରକ୍ଷା ଜମା ପଇଠ ପାଇଁ ଆଗପଛ ହେଉଥିବାବେଳେ ବିଭିନ୍ନ ସ୍ଥାନ ବିଶେଷକରି ସହରାଞ୍ଚଳରେ ଘର ମାଲିକ ଓ ଭଡାଟିଆଙ୍କ ମଧ୍ୟରେ ଏହି ଅର୍ଥକୁ ନେଇ ଅନର୍ଥ ସୃଷ୍ଟି ହେବାରେ ଲାଗିଛି।

## ଓଡ଼ିଶାର ୩ ସୁନା ଖଣିରେ
## ଅଛି ୧୫୮୬ କିଲୋ ସୁନା

ଭୁବନେଶ୍ୱର, ୨୫।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ସନ୍ଧାନ ମିଳିଥିବା ୩ଟି ସୁନା ଖଣିରେ ୧୫୮୬ କିଲୋଗ୍ରାମ ସୁନା ରହିଛି। ଏହା କହିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ରାଜ୍ୟ ସରକାର ଏହି ୩ଟି ସୁନା ଖଣିକୁ ନିଲାମ କରିବେ। ନିଲାମ ପ୍ରକ୍ରିୟା ଚାଲିଛି। ଏ ନେଇ ଆସନ୍ତା ୩ ତାରିଖରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୬ ଡିସେମ୍ବର ୨୦୨୫ । ଶୁକ୍ରବାର




## ବ୍ରିଜ୍ ଉପରୁ ବାଇକ୍ ପଡ଼ି ଦୁଇ ମୃତ



**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ଧନୁଯାତ୍ରା ଦେଖି ଏକ ବାଇକ ଯୋଗେ ଚାରିଜଣ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ପାଣିରେ ପଡି ଦୁଇଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଭାବରେ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ନୂଆପଡା ଜିଲ୍ଲା କୋମନା ଥାନା ତରବୋଡ଼ ଗାଁରେ ଧନୁଯାତ୍ରା ଚାଲିଛି। ଧନୁଯାତ୍ରା ଦେଖିବାକୁ କୋମନା ଥାନା ଅନ୍ତର୍ଗତ ବାବେଘାଟି ଗାଁର ଶୋଭାରାମ ହଂସ, ରଂଜିତ ହଂସ, ଭାଗବତ ମାଝୀ, ଓ ହାତୀସରା ଗାଁର ହରିଚ଼ନ୍ଦ୍ର ପଟେଲ ଗାଁକୁ ଫେରୁଥିଲେ। ଚାରି ଜଣଙ୍କ ବୟସ ଅଠରରୁ କୋଡିଏ ଭିତରେ ହେବ। ଯାତ୍ର ଦେଖି ଗୁରବାର ଭୋରରୁ ବାବେଘାଟିର ଶୋଭାରାମ, ରଂଜିତ ଓ ଭାଗବତ ଓଡ଼ି ୨୬ସି ୯୧୬୬ ଯୋଗେ ହାତୀସରା ଗାଁକୁ ହରିଚ଼ନ୍ଦ୍ର ଘରକୁ ଚାରିଜଣ ଆରୋହୀ ହାତିସରା ଛାଡିବାକୁ ଯାଉଥିବା ବେଳେ ହାତୀସରା ତରବୋଡ଼ ପୋଲ ପାଖରେ ଭାରସାମ୍ୟ ହରାଇ ପାଣି ଭିତରେ ପଡିଯାଇଥିଲେ। ସେମାନଙ୍କ ଭିତରୁ ରଂଜିତ ଓ ଭାଗବତ ପାଣିରୁ ପହଁରି ପଦାକୁ ଆସିଯାଇଥିବା ବେଳେ ବବେଘାଟିର ଶୋଭାରମ ହଂସ ଓ ହାତୀସରାର ହରିଚ଼ନ୍ଦ୍ର ପଟେଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ଏଣେ କୋମନା ଅଗ୍ନିଶମ ବିଭାଗ ସହଯୋଗରେ ପାଣିରୁ ମୃତଦେହ ବାହାର କଲା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ କୋମନା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିବା କୋମନା ଆଇଆଇସି ରଶ୍ମିତା ପ୍ରଧାନ ସୂଚ଼ନା ଦେଇଛନ୍ତି।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବିଜୁ ଏକ୍ସପ୍ରେସରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାରୁ ତେବେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ବେହେରାପାଟ ଛକ ନିକଟରେ ଯାଉଥିବା ଏକ ସ୍କୁଟି ଚାଳକକୁ ଏକ ଟ୍ରକ୍ ଧକ୍କା ମାରି ଫେରାର ହୋଇଯାଇଛି। ଘଟଣାସ୍ଥଳରେ ସଦର ଥାନାଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ପହଞ୍ଚି ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିକୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ପୋଲିସ ଛାନବିନ କରିବା ପରେ ସଦର ଥାନା ଅନ୍ତର୍ଗତ ପଣ୍ଡରିପଥରର ବୈରାଗୀ କିଶାନ ବୋଲି ଜଣାପଡ଼ିଛି। ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ପୋଲିସ ସୂଚ଼ନା ଦେବା ସହିତ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯିବ ବୋଲି କହିଛି। ତେବେ ଦୁର୍ଘଟଣା କରି ଫେରାର ହୋଇଯାଇଥିବା ଅଜଣା ଟ୍ରକକୁ ଧରିବା ପାଇଁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି କହିଛନ୍ତି।

## କଲରାପତରିଆ ଛାଲ ଜବତ, ୫ ଗିରଫ



**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ବନ ବିଭାଗ ଓ କଳାହାଣ୍ଡି ଦକ୍ଷିଣ ବନ ବିଭାଗକୁ ବଡ ସଫଳତା ମିଳିଛି। ବାଘଛାଲ ଡିଲ ଯୋଜନା ପଣ୍ଡ କରିଛି ବନ ବିଭାଗ। ବନ ବିଭାଗ ଅଧିକାରୀମାନେ ଦୁଇଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚ଼ନା ଅନୁଯାୟୀ ରାୟଗଡ଼ା ଡିଏଫଓ ସଚ଼ିନ ଆନ୍ନା ସାହେବ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କାଶୀପୁରରେ ବନ ଅଧିକାରୀଙ୍କୁ ଚ଼ଢଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର କାଶୀପୁର, ଟିକିରି, କଲ୍ୟାଣସିଂହପୁର ଓ କଳାହାଣ୍ଡି ବନ ବିଭାଗର ଅଧିକାରୀମାନେ କାଶୀପୁର ହନୁମାନ ମନ୍ଦିର ନିକଟରେ ଜାଲ ବିଛେଇ ଲୁଚ଼ି ରହିଥିଲେ। ଏହି ସମୟରେ ୫ ଜଣ ବ୍ୟକ୍ତି ୩ଟି ବାଇକରେ ବାଘଛାଲ ବିକ୍ରି ପାଇଁ ସେଠାରେ ପହଞ୍ଚିବା ପରେ ବନ ବିଭାଗର ଅଧିକାରୀମାନେ ସେମାନଙ୍କୁ କାବୁ କରିଥିଲେ।

ସେମାନଙ୍କ ଠାରୁ ଦୁଇଟି ବାଘଛାଲ, ୩ଟି ବାଇକ ଓ ଗୋଟିଏ ଛୁରି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କାଶିପୁର ବ୍ଲକ ସୁଙ୍ଗେର ଗାଁର ଗପି ଗୌଡ଼, ଗୁପ୍ତେଶ୍ୱର ଗୌଡ, ଅମରସିଂଗୁଡା ଗାଁର ଇଶ୍ୱର ନାଏକ, ପୁଡଗସିଲ ଗାଁର ସୁଅର ସିଂ ମାଝୀ ଏବଂ କଡିକିପଦର ଗ୍ରାମର କାଳୁ ମାଝୀ। ବାଘ ଛାଲ ଚୋରା ଚ଼ାଲାଣ ପଛରେ ଆଉ କାହାର ସଂପୃକ୍ତି ରହିଛି ତାହାର ଖୋଳତାଡ ଚ଼ାଲିଛି।



କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଜୁରୀ ସଦସ୍ୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଭାତ କୁମାର ପାଢୀ ଏବଂ ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀଙ୍କୁ ଓଡ଼ିଶା ସରକାରଙ୍କ ସଂସ୍କୃତି, କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗର ଅତିରିକ୍ତ ସଚ଼ିବ ବିଜୟ କୁମାର ସ୍ୱାଇଁ ସମ୍ମାନିତ କରୁଛନ୍ତି।

## ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଗର୍ଭବତୀଙ୍କ ମୃତ୍ୟୁ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଲାଗି ଏକ ଘରୋଇ ହସ୍ପିଟାଲରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ଜୀବନ ଜ୍ୟୋତି ମେଡିକାଲରେ ବୁଧବାର ରାତିରେ ସସ୍ମିତା ଜେନା ନାମକ ଗର୍ଭବତୀ ମହିଳାଙ୍କର ଅପରେସନ ବେଡରେ ମୃତ୍ୟୁ ହୋଇଛି। ପ୍ରସୂତି ମହିଳା ମୃତ୍ୟୁକୁ ନେଇ ଯାଜପୁରର ଜୀବନଜ୍ୟୋତି ଚିକିତ୍ସାଳୟରେ ଉତ୍ତେଜନା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ।

ଅସ୍ତ୍ରୋପଚାର ପରେ ଶିଶୁ ପୁତ୍ର ଜନ୍ମ ହେଲେ ମଧ ମା'ର ମୃତ୍ୟୁକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି। ଉତ୍ତେଜନା ଯୋଗୁ ଚିକିତ୍ସାଳୟ ମାଲିକ ବାହାର ଗୁଣ୍ଡା ଲଗାଇ ଠେଲାପେଲା ଓ ଧକ୍କା ମାରି ବାହାର କରିଦେବା ଅଭିଯୋଗ କରିଛନ୍ତି ପରିବାର ସଦସ୍ୟ। ଗୁଣ୍ଡାମାନେ କିଏ, ତାଙ୍କ ଫଟୋ ସିସି ଟିଭି ଫୁଟେଜରୁ ପୋଲିସ ଚ଼ିହ୍ନଟ କରୁ ବୋଲି ସେମାନେ ଦାବି କରିଛନ୍ତି।

ଏଣେ ସରକାରୀ ଡାକ୍ତରଙ୍କୁ ଘେରି ରହିଛନ୍ତି ସମ୍ପର୍କୀୟ। ଘଟଣାସ୍ଥଳରେ ଟାଉନ ପୋଲିସ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛି।

## ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚର ବିକ୍ଷୋଭ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଟାଟା ପାୱାର କମ୍ପାନୀ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ପ୍ରତି କରୁଥିବା ଜୁଲମ ନେଇ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ମାହାଙ୍ଗା ପକ୍ଷରୁ ବଣ୍ଣଆ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ଆବାହକ ରଞ୍ଜନ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ବିକ୍ଷୋଭରେ କଟକ ଜିଲ୍ଲା ଆବାହକ ରାଜକିଶୋର ମଲ୍ଲିକ, ପିତାମ୍ବର ଲେଙ୍କା, ସିପିଆଇ ସଂପାଦକ ଆଦିକନ୍ଦ ମଲିକ, ଶ୍ରମିକ ନେତା ହରିହର ମହାନ୍ତି, ହୃଷିକେଶ ଦାସ, ହିମାଂଶୁ ଶେଖର ଭୂୟାଁ, ଗଣେଶ୍ୱର ମହାନ୍ତି, ଅନିଲ ମଲିକ, ମନୋଜ ଭୂୟାଁ, ହରିହର ରାଉତ, ସୁରେନ୍ଦ୍ର ରାଉତ, ପରିକ୍ଷିତ ଜେନା, ପ୍ରଶାନ୍ତ ସୂତାର, ରୂପାନନ୍ଦ ସ୍ୱାଇଁଙ୍କ ସମେତ ଅନୁଷ୍ଠାନ ବହୁ ପୁରୁଷ ଓ ମହିଳା କର୍ମକର୍ତ୍ତା ଉପସ୍ଥିତ ରହି ଟାଟା ପାୱାର କରୁଥିବା ମନମାନୀକୁ ବିରୋଧ କରିବା ସହ ବିଭିନ୍ନ ନାରାବାଜି ଦେଇଥିଲେ। ଏହି ଅବସରରେ ଅତିରିକ୍ତ ସୁରକ୍ଷା ଜମା ବନ୍ଦ କରିବା, ସ୍ମାର୍ଟ ମିଟର ବନ୍ଦ କରିବା, ପ୍ରିପେଡ ସ୍ମାର୍ଟ ମିଟର ବାତିଲ, ୩୦୦ ୟୁନିଟ ବିଦ୍ୟୁତ୍ ଶୁଳ୍କ ଛାଡ କରିବା, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜୁଲମ ଆଳରେ ବିଦ୍ୟୁତ୍ କାଟିବା ଆଦି ୧୧ ଦଫା ସମ୍ବଳିତ ଦାବୀପତ୍ର ବିଦ୍ୟୁତ୍ କର୍ମଚାରୀଙ୍କୁ ପ୍ରଦାନ କରଥିଲେ। ଯଦି ଟାଟା ପାୱାର ଏଥିରୁ କ୍ଷାନ୍ତ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




## ଖଲ୍ଲିକୋଟରେ ଦୁଇ ଦ୍ରୁତଗାମୀ ଟ୍ରେନ ରହଣୀକୁ ଅନୁମତି

**ଖଲ୍ଲିକୋଟ: ଏକ୍ସପ୍ରେସ ନ୍ୟୁଜ୍**

ଖଲ୍ଲିକୋଟ ରେଳଷ୍ଟେସନରେ ଦୁଇ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଭାରତ ସରକାରଙ୍କ ରେଳ ବିଭାଗ ତରଫରୁ ଗତ ତା ୧୯/୧୨/୨୦୨୫ରିଖ ବିଭାଗୀୟ ଚ଼ିଠି ନମ୍ବର ସିସି ୩୦୬/୨୦୨୫ରେ ଲିଖିତ ଆଦେଶ ହୋଇଅଛି। ଆସ୍କା ସସଂଦୀୟ କ୍ଷେତ୍ରରେ ଲୋକମାନଙ୍କ ବହୁ ଦିନର ସ୍ୱପ୍ନ ଆଜି ପୂରଣ ହେଇଛି। ବହୁ ବର୍ଷର ଲୋକଙ୍କ ଅନୁରୋଧ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକଙ୍କ ଚେଷ୍ଟାରେ ଓ ଆସ୍କା ସାଂସଦଙ୍କ ବହୁ ପ୍ରଚେଷ୍ଟାରେ ଆଜି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଜୀ କଥା ରଖି ଦୁଇଟି ଟ୍ରେନ ଭୁବନେଶ୍ୱର ସିକେନ୍ଦ୍ରାବାଦ ବିଶାଖା ଏକ୍ସପ୍ରେସ ଏବଂ ସିକେନ୍ଦ୍ରାବାଦ ଫାଲକନାମା ଏକ୍ସପ୍ରେସ ରହଣି ନିର୍ଦ୍ଦେଶ ଦେଇଛନ୍ତି। ଖଲ୍ଲିକୋଟ ତଥା ଆସିକା ସଂସଦୀୟ କ୍ଷେତ୍ରର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆଜିର ଏହି ଖୁସିର ମୁହୂର୍ତ୍ତରେ ଘୁମୁସର ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ଅନିଲ ପଣ୍ଡା, ଆସ୍କା ସାସଂଦ ଅନିତା ଶୁଭଦର୍ଶନୀ ଏବଂ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଆସ୍କା ସସଂଦୀୟ କ୍ଷେତ୍ର ଏବଂ ଖଲ୍ଲିକୋଟ ଅଞ୍ଚଳବାସୀଙ୍କ ତରଫରୁ ଧନ୍ୟବାଦ।

## ମହୁମାଛି ଭୟରେ ପାଣିରେ ବୁଡି ଯୁବକ ମୃତ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ବ୍ରାହ୍ମଣଡିହି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମହୁମାଛି ଭୟରେ ଜଣେ ଯୁବକ ପୋଖରୀରେ ବୁଡ଼ି ରହିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚ଼ନା ଅନୁସାରେ, ବ୍ରାହ୍ମଣଡିହି ଗ୍ରାମରେ ଏକ ପୋଖରୀରେ କିଛି ଯୁବକ ମାଛ ଧରୁଥିଲେ। ଏହି ସମୟରେ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ଜୀବନ ବଞ୍ଚାଇବା ଲାଗି ଜଣେ ଯୁବକ ପାଣିରେ ବୁଡ଼ି ରହିଥିଲେ। ଅନ୍ୟମାନେ ସେଠାରୁ ଦୌଡ଼ି ପଳାଇଥିଲେ। ଦୀର୍ଘ ସମୟ ପରେ ଯୁବକ ଜଣକ ପୋଖରୀରୁ ନ ଆସିବାରୁ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ହେଲେ ପୋଖରୀରୁ ଯୁବକଙ୍କ ମୃତଦେହ ମିଳିଥିଲା।

## ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଡାକ୍ତରଖାନା ପରିଦର୍ଶନ

**ଦେବଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବୁଧୁବାର ଓଡିଶା ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ଦେବଗଡ଼ ଗସ୍ତରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ଓ ଜିଲ୍ଲାପାଳଙ୍କ ବିକାଶ ଭବନ ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ତେଲକୋଇ ବିଧାୟକ ଡ଼. ଫକୀର ମୋହନ ନାୟକ ଓ ଫୁଲବାଣୀ ବିଧାୟକ ଉମାଚ଼ରଣ ମଲ୍ଲିକ ପ୍ରମୁଖ ଦେବଗଡ଼ରେ ପହଂଚ଼ି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଖାନା ପରିଦର୍ଶନ କରିବା ସହ ୱାର୍ଡକୁ ଯାଇ ରୋଗୀମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ପଚ଼ାରି ବୁଝିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ଜନସାସ୍ଥ୍ୟ ପରୀକ୍ଷାଗାରକୁ ଯାଇ ବିଭିନ୍ନ ସମସ୍ୟା ଉପରେ ପଚ଼ାରି ବୁଝିଥିଲେ। ପରେ ପରେ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମିଶନ ଶକ୍ତି ମହିଳା ଓ ଶିଶୁ ବିକାଶ ଓ ସାମଜିକ ସୁରକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ଉପରେ ସମୀକ୍ଷା କରିଥିଲେ। ବିଭାଗ ଗୁଡିକ ପକ୍ଷରୁ କମିଟି ଆଗରେ କାର୍ଯ୍ୟକ୍ରମ ଓ ଯୋଜନା ଅଗ୍ରଗତି ସମ୍ପର୍କିତ ତଥ୍ୟ ରଖାଯାଇଥିଲା। ବୈଠକରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଂଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର ମିଞ୍ଜି, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ପୂର୍ବତନ ବିଧାୟକ ସୁବାଷ ଚ଼ନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଅଧିକାରୀ ଧନଞ୍ଜୟ ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିଏମଓଏଲଏମ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



### ବାଣିଜ୍ୟ

## 'ବିଶ୍ୱରେ ସୁଧ ହାର ହ୍ରାସ ପାଇବା ଯୋଗୁଁ ସୁନା ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି'

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱ ସୁଧ ହାର ହ୍ରାସ ଏବଂ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି ପାଇବା ମଧ୍ୟରେ ସୁନା ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି, ଯଦିଓ ଛୁଟିଦିନ ପରେ ବଜାର ସ୍ୱାଭାବିକ ହେବା ଏବଂ ବିପଦ ହ୍ରାସ ପାଇବା ଆରମ୍ଭ ହେବା ସହିତ ୨୦୨୬ ପ୍ରାରମ୍ଭରେ ୧୦-୧୫ ପ୍ରତିଶତ ସଂଶୋଧନ ହେବାର ସମ୍ଭାବନା ଅଛି, ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ୍ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ୍ (ଜିଜେସି)ର ପ୍ରତିଷ୍ଠାତା ସଦସ୍ୟ ଏବଂ ପୂର୍ବତନ ଅଧକ୍ଷ ଅନନ୍ତ ପଦ୍ମନାବନ ଏକ ସାକ୍ଷାତକାରରେ କହିଛନ୍ତି।

ସେ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରା ସହଜୀକରଣ ଆଡ଼କୁ ମୁହାଁଇଥିବା ଦର୍ଶାଇ କହିଛନ୍ତି, 'ବୁଧବାର ବ୍ୟାଙ୍କ ଅଫ୍ ଇଂଲଣ୍ଡ ମଧ୍ୟ ସୁଧ ହାର ହ୍ରାସ କରିଛି ଏବଂ ଆସନ୍ତା ମାସରେ ଏହା ପୁଣି ଥରେ ଆମେରିକାରେ ଆସିବ। ଏସବୁ ଘଟୁଛି, ଏବଂ ଅନେକ ଭୂରାଜନୈତିକ ପରିସ୍ଥିତି ସୁନା ମୂଲ୍ୟକୁ ବୃଦ୍ଧି କରୁଛି।'

ତାଙ୍କ ଅନୁସାରେ, ଘରୋଇ ସୁନା ମୂଲ୍ୟ ବର୍ତ୍ତମାନ ପ୍ରତି ୧୦ ଗ୍ରାମ ୧,୪୦,୦୦୦ ପାଖାପାଖି ରହିଛି। ତଥାପି, ଖ୍ରୀଷ୍ଟମାସ ସମୟରେ କମ ବାଣିଜ୍ୟ ପରିମାଣ ଯୋଗୁଁ ମୂଲ୍ୟ ଅସ୍ଥିର ହୋଇଛି। 'ଏହା ଖ୍ରୀଷ୍ଟମାସ ଏବଂ ବଜାର ଅଂଶଗ୍ରହଣକାରୀମାନେ ବହୁତ କମ୍ ଅଛନ୍ତି, ତେଣୁ ମୂଲ୍ୟ ଅନିୟମିତ ଭାବରେ ପରିବର୍ତ୍ତନ ହେଉଛି, ସେ କହିଛନ୍ତି, ପୂର୍ଣ୍ଣ ଅଂଶଗ୍ରହଣ ପୁନର୍ବାର ଆରମ୍ଭ ହେବା ପରେ ସ୍ପଷ୍ଟତା ଦେଖାଦେବ। 'ଆମକୁ ଜାନୁଆରୀ ୩ କିମ୍ବା ୪ରୁ ଦେଖିବାକୁ ପଡିବ, ପୂର୍ଣ୍ଣ ଖେଳାଳିମାନେ ଆସିବା ପରେ, ସୁନା ମୂଲ୍ୟ କିପରି ଆଚ଼ରଣ କରେ।'

ପଦ୍ମନାଭନ ନିକଟ କାଳୀନ ପୁନରାବୃତ୍ତି ଆଶା କରୁଛି। ଯାହା ବି ବୃଦ୍ଧି ପାଏ ତାହା ଟିକିଏ ହ୍ରାସ ପାଇବାକୁ ପଡିବ, ସେ କହିଛନ୍ତି। ପରବର୍ତ୍ତୀ ଦୁଇ ମାସ ପାଇଁ, ମୂଲ୍ୟ ସଂଶୋଧନ ହୋଇପାରେ। ଆଗାମୀ ମାସଗୁଡ଼ିକରେ ଭୂରାଜନୈତିକ ବିକାଶ ମଧ୍ୟ ମୂଲ୍ୟକୁ ପ୍ରଭାବିତ କରିପାରେ। ରୁଷ ଏବଂ ୟୁକ୍ରେନ ସମାଧାନ ପାଇଁ ଗମ୍ଭୀର। ଶାନ୍ତି ଆଲୋଚ଼ନା ହେଉଛି, ସେ କହିଛନ୍ତି ବାଣିଜ୍ୟ ଆଲୋଚ଼ନାକୁ ମଧ୍ୟ ଉଲ୍ଲେଖ କରି ଉଲ୍ଲେଖ କରିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ, ଶୁଳ୍କ ଆଲୋଚ଼ନା ଚ଼ାଲିଛି। ଯଦି ଏହି ଦୁଇଟି ବିଷୟ ସମାଧାନ ହୁଏ ଏବଂ କୌଣସି ପ୍ରମୁଖ ସମସ୍ୟା ନହୁଏ, ତେବେ ମୂଲ୍ୟ କିଛି ସମୟ ପାଇଁ ସଂଶୋଧନ ହୋଇପାରେ। ସୁନା ମୂଲ୍ୟରେ ସମ୍ଭାବ୍ୟ ସଂଶୋଧନର ପରିମାଣ ବିଷୟରେ, ପଦ୍ମନାବନ କହିଛନ୍ତି, ଆମେ ୧୦ ରୁ ୧୫% ସଂଶୋଧନ ଦେଖିପାରୁଛୁ, ଏତିକି, ଏହା ବ୍ୟତୀତ ଆଉ କିଛି ନାହିଁ। ପ୍ରଥମ ତିନି ମାସରେ ଏହି ସମୟ ଆସିବ। ଏପ୍ରିଲ ପର୍ଯ୍ୟନ୍ତ, ମୁଁ ଭାବୁନାହିଁ ଯେ ଏହା ଏଥିରୁ ଅଧିକ ହେବ। ସେ ଜୋର ଦେଇ କହିଛନ୍ତି ଯେ ଘରୋଇ ମୂଲ୍ୟ ପାଇଁ ମୁଦ୍ରା ଗତିବିଧି ଗୁରୁତ୍ୱପୂର୍ଣ୍ଣ ହେବ। ଯଦି ଆମେରିକା ଏବଂ ଭାରତ ମଧ୍ୟରେ ଏକ ସମାଧାନ ହୁଏ, ତେବେ ଟଙ୍କା ମଜବୁତ ହେବ, ସେ କହିଛନ୍ତି। ଯଦିଓ ସୁନା ମୂଲ୍ୟ ଏବଂ ଡଲାର ହ୍ରାସ ପାଏ ନାହିଁ, ତେବେ ଟଙ୍କା ୪-୫% ବୃଦ୍ଧି ପାଇପାରେ। ଏହା ନିଜେ ଏକ ବଡ଼ ପରିବର୍ତ୍ତନ ଆଣିବ।

ଆମଦାନୀ ଉପରେ ଭାରତର ନିର୍ଭରତା ବିନିମୟ ହାରର ପ୍ରଭାବକୁ ଆହୁରି ବୃଦ୍ଧି କରେ। ଆମ ଦେଶରେ ଖଣି ନାହିଁ। ପ୍ରତ୍ୟେକ ଗ୍ରାମ ଆମଦାନୀ କରାଯାଏ, ପଦ୍ମନାବନ କହିଛନ୍ତି ଯେତେବେଳେ ଟଙ୍କାର ମୂଲ୍ୟ ହ୍ରାସ ପାଏ, ସୁନା ମୂଲ୍ୟ ବୃଦ୍ଧି ପାଏ। ଉଚ୍ଚମୂଲ୍ୟ ଖୁଚୁରା ଚ଼ାହିଦାକୁ ଯଥେଷ୍ଟ ହ୍ରାସ କରିଛି। ଗତ ୧୫ ଦିନ, ମୂଲ୍ୟ ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସ ପରେ, ବିକ୍ରୟ ୫୦% ତଳକୁ ଖସି ଆସିଛି, ସେ କହିଛନ୍ତି, ଉତ୍ସବ ଏବଂ ଏନଆରଆଇ ନେତୃତ୍ୱାଧୀନ ଚ଼ାହିଦା ମଉଳି ରହିଛି। ଖ୍ରୀଷ୍ଟମାସ ଏବଂ ନୂତନ ବର୍ଷ ଛୁଟି ଏବଂ ପ୍ରବାସୀ ଭାରତୀୟଙ୍କ ଆସିବା ସତ୍ତ୍ୱେ, ବିଶେଷ ପ୍ରତିକ୍ରିୟା ନାହିଁ। ସେ ଉଲ୍ଲେଖ କରିଛନ୍ତି ଯେ ଗ୍ରାହକମାନେ ମୁଖ୍ୟତଃ ପୁରୁଣା ଅଳଙ୍କାର ବଦଳାଇ ସୀମିତ କରୁଛନ୍ତି, ନୂତନ କିଣା ସୀମିତ। ବିବାହ ହେଲେ କେବଳ ନୂତନ କ୍ରୟ ହେଉଛି, ସେ କହିଛନ୍ତି, ଆମଦାନୀ ମଧ୍ୟ ତୀବ୍ର ହ୍ରାସ ପାଇଛି। ନଭେମ୍ବରରେ, ଆମଦାନୀ ୬୦% ରୁ ଅଧିକ ହ୍ରାସ ପାଇଛି। ଏହି ମାସରେ, ଏହା ମଧ୍ୟ ସମାନ ରହିବ। ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ପାଇଁ, ଆମଦାନୀ ୨୫ରୁ ୪୦% ମଧ୍ୟରେ ହ୍ରାସ ପାଇପାରେ।

## ସ୍ୱାସ୍ଥ୍ୟ କେନ୍ଦ୍ର ନୂତନ ଗୃହ ନିର୍ମାଣ ନିମ୍ନମାନର



**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ପ୍ରତିବର୍ଷ ସ୍ୱତନ୍ତ୍ର ବଜେଟରେ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବା ବେଳେ, ବହୁ କ୍ଷେତ୍ରରେ ଠିକାଦାର ଓ ଅସାଧୁ ଅଧିକାରୀଙ୍କ ମେଣ୍ଟ ପାଇଁ ସରକାରୀ ଲୋକାଭିମୁଖୀ ଯୋଜନା ମାଟିତଳେ ପୋତାଯାଉଥିବା ଅଭିଯୋଗ ପୁଣି ସାମ୍ନାକୁ ଆସିଛି।

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅଧୀନ ଯଖପୁରା ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। ଗୃହ ନିର୍ମାଣ ଆରମ୍ଭ ଥେକେ ଇଟା, ବାଲି, ଚ଼ିପ୍ସ, ରଡ଼ ନିମ୍ନ ଗୁଣବତ୍ତାର ବ୍ୟବହାର ହୋଇଥିବା ଅଭିଯୋଗ ରହିଛି। ପ୍ଲାଷ୍ଟର, ରଙ୍ଗ, ଇଲେକ୍ଟ୍ରିକ୍ ୱାୟାରିଂ ଓ ପାଣି ପାଇପ୍ଲାଇନ କାର୍ଯ୍ୟରେ ମଧ୍ୟ ଘାଟିଆ ମାନର ସାମଗ୍ରୀ ବ୍ୟବହାର ହୋଇଥିବା ଦେଖିବାକୁ ମିଳିଛି। ସାଧାରଣ ଅଭିଯୋଗ ଓ ଗଣମାଧ୍ୟମରେ ପ୍ରକାଶ ପରେ ମଧ ଠିକାଦାରଙ୍କ କାର୍ଯ୍ୟକଳାପରେ କୌଣସି ପରିବର୍ତ୍ତନ ଆସିନଥିବା ଅଭିଯୋଗ ହେଉଛି। ଏସଟିମେଣ୍ଟରେ ଥିବା ପ୍ଲିନ୍ଥ ଉଚ୍ଚତା ରଖାଯାଇନଥିବା ସହ କମ କାମ କରି ଅଧିକାରୀଙ୍କୁ ହାତ କରି ବିଲ୍ ଉଠାଇନେବା ଚେଷ୍ଟା ହେଉଥିବା ଚ଼ର୍ଚ୍ଚା ଜୋର ଧରିଛି। ନୂତନ ଗୃହରେ ଲଗାଯାଇଥିବା ଟାଇଲ୍ ମଧ ଘାଟିଆ କ୍ୱାଲିଟିର ଥିବା ସହ, ଗୃହ ସଂଯୋଗୀ ରାସ୍ତା କାର୍ଯ୍ୟରେ ମଧ ଗଭୀର ଅନିୟମ ଦେଖାଯାଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ୱାଲ୍ ନହେବା, ବାଲି ଫିଲିଂ ଠିକ ମାପରେ ନହେବା, ଲେଭେଲିଂ ଅସଂପୂର୍ଣ୍ଣ ଓ ମେଟାଲିଂ–ପିସିସି କାର୍ଯ୍ୟର ଗୁଣବତ୍ତା ନିମ୍ନ ଥିବା ଅଭିଯୋଗ ରହିଛି। ଢଳାଇ ସମୟରେ ଭାଇବ୍ରେଟର ମେସିନ ବ୍ୟବହାର ହୋଇନଥିବା ମଧ ଅଭିଯୋଗ ହେଉଛି। ଏପରି ସମସ୍ତ ନିମ୍ନମାନର କାର୍ଯ୍ୟ ସତ୍ତ୍ୱେ ନୂତନ ଗୃହକୁ ଡାକ୍ତରଖାନା କର୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବା ଘଟଣା ଅନେକ ପ୍ରଶ୍ନ ଉଠାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଏନଏଚଏମ ଜୁନିଅର ଇଞ୍ଜିନିଅର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଠିକ ରୂପେ ତଦାରଖ ନକରି ଗୃହକୁ କିପରି ଠିକ ଘୋଷଣା କଲେ, ତାହା ନେଇ ସନ୍ଦେହ ଗଭୀର ହେଉଛି। ନୂତନ ଗୃହର ଏପରି ନିମ୍ନମାନର କାର୍ଯ୍ୟ ପାଇଁ ଏହାର ସ୍ଥାୟିତ୍ୱ ଓ ରୋଗୀଙ୍କ ସୁରକ୍ଷାକୁ ନେଇ ଗଭୀର ପ୍ରଶ୍ନ ଉଠିଛି। ଭବିଷ୍ୟତରେ ଏହି ଗୃହ ସ୍ୱାସ୍ଥ୍ୟ ସେବା ପାଇଁ କେତେ ସୁରକ୍ଷିତ ହେବ, ସେନେଇ ଗ୍ରାମବାସୀ ଚ଼ିନ୍ତା ପ୍ରକାଶ କରିଛନ୍ତି। ଏହି ସମଗ୍ର ମାମଲାକୁ ନେଇ ଭିଜିଲାନ୍ସ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲ ସହ ସାଧାରଣ ଲୋକଙ୍କ ମଧ୍ୟରେ ଜୋରଦାର ଦାବି ହେଉଛି। ଠକ ଠିକାଦାର ଓ ତଦାରଖରେ ଅବହେଳା କରିଥିବା ଅସାଧୁ ଅଧିକାରୀଙ୍କ କଳାକାରନାମା ପଦାକୁ ଆସୁ ବୋଲି ସାଧାରଣରେ ଦାବି ହେଉଛି।

## ୫ ମାସ ପରେ କାମକୁ ଫେରିଛନ୍ତି କିଆରା





### ସିନେମାଫିନେମା ଟିଭିଫିବି

ମା' ହେବାର ୫ ମାସ ପରେ କାମକୁ ଫେରିଛନ୍ତି କିଆରା ଆଡଭାନି। ନିକଟରେ ଭୋଗ୍ ମ୍ୟାଗାଜିନ୍ ପାଇଁ ସେ ଫଟୋସୁଟ୍ କରାଇଛନ୍ତି ଏବଂ ସାକ୍ଷାତକାର ବି ଦେଇଛନ୍ତି । ଭୋଗ୍ ସହ ବାର୍ତ୍ତାଳାପରେ ସେ କହିଛନ୍ତି, ଆଜିକାଲି ଝିଅ ସରାୟାହର ହସ ଦେଖି ନିଜର ସବୁ ଥକାପଣ ଭୁଲି ଯାଉଛନ୍ତି। ଏହି ମୁହୂର୍ତ୍ତ ଓ ମାତୃତ୍ୱ ତାଙ୍କ ଶରୀର ସହ ତାଙ୍କ ସମ୍ପର୍କକୁ ବଦଳାଇ ଦେଇଛି। ମାତୃତ୍ୱ ତୁଳନାରେ ୧-୨ କିଲୋ ଓଜନ କମାଇବା ଗୁରୁତ୍ୱହୀନ ମନେ ହେଉଛି। କାରଣ ଏହା ହିଁ ତାଙ୍କୁ ନିଜ ଶରୀରର ମହତ୍ୱ ବିଷୟରେ ଶିକ୍ଷା ଦେଇଛି।

'ୱାର୍-୨'ର ବିକିନି ସିନ୍ ବିଷୟରେ କିଆରା କହିଛନ୍ତି, ଫିଲ୍ମରେ ବିକିନି ପିନ୍ଧିବା ଲାଗି ମୁଁ ଖୁବ୍ ଅନୁଶାସନ ସହ ତାଲିମ ନେଇଥିଲି। କିନ୍ତୁ ଝିଅ ଜନ୍ମ ଦେବା ପରେ ଫିଲ୍ମ ରିଲିଜ୍ ହେଲା ଏବଂ ସେତେବେଳେ ମୋ ଶରୀର ପୂରା ଅଲଗା ଦିଶୁଥିଲା। ମାତୃତ୍ୱ ଲାଭ ପରେ ଓଜନ କମ୍ କରିବା କଥା ମୋ ମନକୁ ଆସିଲା। କିନ୍ତୁ ଯେତେବେଳେ ମୁଁ ନିଜ ଶରୀରରୁ ଦେଖେ, ନିଜକୁ ନିଜେ କହେ ଯେ ୱାଃ, ତୁ ଏକ ଶିଶୁକୁ ଜନ୍ମ ଦେଇଛୁ। ଏହାର କୌଣସି ତୁଳନା ହୋଇପାରିବ ନାହିଁ। ଏବେ ମୋ ଶରୀରର ଆକାର ଓ ଓଜନ ଯାହା ହେଲେ ବି ମୁଁ ସର୍ବଦା ମୋ ଶରୀରକୁ ସମ୍ମାନ ଦେବି। ଆପଣଙ୍କୁ ନିଜ ଶରୀରର କ୍ଷମତାକୁ ସମ୍ମାନ ଦେବା ଉଚ଼ିତ୍। କିଆରା ଖୁବ୍‌ଶୀଘ୍ର 'ଟକ୍ସିକ୍' ଜରିଆରେ ବଡ ପରଦାକୁ ଫେରିବେ। ଏଥିରେ 'କେଜିଏଫ୍' ଷ୍ଟାର୍ ୟଶ୍ ମୁଖ୍ୟ ଭୂମିକାରେ ଅଭିନୟ କରିବେ।

# ନୀଳଗିରି ଏନ୍‌ଏସିକୁ ପୌରାଞ୍ଚଳ ମାନ୍ୟତା କେବେ?




**୨୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ନୂତନ ଏନ୍ ଏ ସି ଘୋଷଣା ଓ ବିଭିନ୍ନ ଏନ୍‌ଏସିକୁ ପୌରାଞ୍ଚଳ ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ମାତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ଏନ୍‌ଏସି ହେବାରେ ପ୍ରାୟ ୪୦ବର୍ଷ ହେବାକୁ ବସିଲାଣି ମାତ୍ର ଏହାରି ମଧ୍ୟରେ ବିଭିନ୍ନ ଦଳର ସରକାର ଶାସନ କରିଥିବା ବେଳେ ଏନ୍‌ଏସିକୁ ପୌରାଞ୍ଚଳ କରିବାକୁ ହତାଦର କରିଛନ୍ତି । ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଉଦ୍ୟମ ଯୋଗୁଁ ୧୯୮୩ -୮୪ ମସିହାରେ ନୀଳଗିରି ଏନ୍‌ଏସିର ମାନ୍ୟତା ପାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଏନ୍‌ଏସିକୁ ଦୀର୍ଘ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏହାର ରୂପରେଖ ବଦଳିନାହିଁ କି ସେପରି ଆଖିଦୃଶିଆ ଉନ୍ନତି ହୋଇ ନ ଥିବାର କହିଛନ୍ତି ଏନ୍‌ଏସିବାସୀ । ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଓ ସୋରକୁ ପୌରାଞ୍ଚଳ ଭାବେ ମାନ୍ୟତା ପାଇସାରିଥିବା ବେଳେ ନୀଳଗିରି ଏକ ସର୍ବପୁରାତନ ସବଡିଭିଜନ ହୋଇଥିବା ବେଳେ ଏହାକୁ ଆଜି ପର୍ଯ୍ୟନ୍ତ କ'ଣ ପାଇଁ କେଉଁ କାରଣରୁ ରାଜ୍ୟ ସରକାର ପୌରାଞ୍ଚଳ ଘୋଷଣା କରୁନାହାନ୍ତି ବୋଲି ଉଦବେଗ ପ୍ରକାଶ କରିଛନ୍ତି ନୀଳଗିରିବଝସୀ । ଅନ୍ୟପକ୍ଷରେ ନୀଳଗିରି ଏନ୍‌ଏସିକୁ ଲାଗି ରହିଥିବା ଜଡ଼ିଦା, ସିଆଡ଼ିମାଳ, ସଜନାଗଡ, ଦକ୍ଷିଣ ନରସିଂହପୁର, ବାଉଁଶବଣିଆ, ଧୋବଶିଳା ଓ କେପି ଲାଖରାଜକୁ ନେଇ ୭ଟି ପଞ୍ଚାୟତକୁ ନୀଳଗିରି ଏନ୍‌ଏସିରେ ସାମିଲ କରି ରାଜ୍ୟ ସରକାର ପୌରାଞ୍ଚଳ ମାନ୍ୟତା ପ୍ରଦାନ ପାଇଁ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି ନୀଳଗିରିର ବୁଦ୍ଧିଜୀବୀ, ସମାଜସେବୀ ଓ ନୀଳଗିରିବାସୀ । ଉକ୍ତ ୭ଟି ପଞ୍ଚାୟତରେ ବାସବାସ କରୁଥିବା ବାସିନ୍ଦାମାନେ ବିଭିନ୍ନ ଜରୁରୀସାମଗ୍ରୀ ନିମନ୍ତେ ନୀଳଗିରି ଏନ୍‌ଏସିରେ ଥିବା ବିଭିନ୍ନ ସାମଗ୍ରୀ ବ୍ୟବସାୟ ଉପରେ ନିର୍ଭର କରୁଥିବା ବେଳେ ରାଜ୍ୟ ସରକାର ପୌରାଞ୍ଚଳ କରିବାକୁ କେଉଁଠି ବାଧା ସୃଷ୍ଟି ଅଟକିଛି ବୋଲି ପ୍ରଶ୍ନ କରିଛନ୍ତି ଉକ୍ତ ପଞ୍ଚାୟତବାସୀ । ରାଜ୍ୟ ସରକାର ବହୁ ଏନ୍‌ଏସିକୁ ପୌରାଞ୍ଚଳ ଘୋଷଣା କରିଥିଲେ ମଧ୍ୟ ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ନୀଳଗିରିକୁ ପୌରାଞ୍ଚଳ ଘୋଷଣା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେଣୁ ନୀଳଗିରି ପୌରାଞ୍ଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ବିଭାଗ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି ନୀଳଗିରିବାସୀ । ଅନ୍ୟପକ୍ଷରେ ନୀଳଗିରିର ଜନପ୍ରତିନିଧି ରାଜ୍ୟ ସରକାରଙ୍କ ନିକଟରେ ପୌରାଞ୍ଚଳ କରିବା ପାଇଁ ଦାବି ଜଣାଇବା ପାଇଁ ଉଦ୍ୟମ ଲୋଡା ବୋଲି କହିଛନ୍ତି ନିଳଗିରିବାସୀ ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର-ଷଷ୍ଠୀ |
|---|---|
| ୨୬.୧୨.୨୦୨୫ | ନକ୍ଷତ୍ର- ଶତଭିଷା, କୁମ୍ଭଚନ୍ଦ୍ର |

| | | |
|---|---|---|
| ମେଷ | : | ଆର୍ଥିକ ସୁଖ ପାଇବେ । |
| ବୃଷ | : | ଭଲ କାମ କରି ଖୁସି ପାଇବେ । |
| ମିଥୁନ | : | ବନ୍ଧୁଙ୍କ ସାହାଯ୍ୟ ପାଇବେ । |
| କର୍କଟ | : | ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ସିଂହ | : | ଦିନଟି ଖୁସିର ଦିନ ହେବ । |
| କନ୍ୟା | : | ଆତ୍ମସନ୍ତୋଷ ଲାଭ କରିବେ । |
| ତୁଳା | : | କାର୍ଯ୍ୟବ୍ୟସ୍ତତା ଦେଖାଦେବ । |
| ବିଛା | : | ପଡ଼ୋଶୀଙ୍କ ସହ ମନାନ୍ତର ହେବ । |
| ଧନୁ | : | ବ୍ୟବସାୟରେ ଲାଭବାନ ହେବେ । |
| ମକର | : | ମାନସିକ ଅଶାନ୍ତି ଭୋଗିବେ । |
| କୁମ୍ଭ | : | ବକେୟା ପଡ଼ିଥିବା ଅର୍ଥ ପାଇବେ । |
| ମୀନ | : | ଚିନ୍ତା ବୃଦ୍ଧି ପାଇବ । |

## ଅଳଙ୍କାର ଲୁଟି ୩ ଗିରଫ

**ବୁଗୁଡ଼ା, ୨୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମଙ୍ଗଳବାର ସକାଳ ପ୍ରାୟ ୯.୫୦ ସମୟରେ ଓଡଗାଁର ମନୋଜ କୁମାର ପାତ୍ର ତାଙ୍କ ସ୍ତ୍ରୀ ସୋନାଲି ପାତ୍ର ଏବଂ ପୁଅ ସ୍ୱସ୍ତିକ ସହିତ ତାଙ୍କ ଶ୍ୱଶୁର ଘର ଗୋଲାପାଲି ଗ୍ରାମକୁ ଯାଇ ମୋଟର ସାଇକେଲ ଯୋଗେ ଗ୍ରାମକୁ ଫେରୁଥିବା ସମୟରେ ତିନି ଦୁର୍ବୃତ୍ତ ବାଇକ ଯୋଗେ ସେମାନଙ୍କୁ ପିଛା କରି ଗହଙ୍ଗୁ ରୋଡର ବାଲିପଦର ପେଟ୍ରୋଲ ପମ୍ପ ନିକଟରେ ମନୋଜଙ୍କ ସ୍ତ୍ରୀଙ୍କୁ ପିସ୍ତଲ ଦେଖାଇ ବେକରୁ ୧୦ ଗ୍ରାମ ଓଜନର ସୁନା ମଙ୍ଗଳସୂତ୍ର ଏବଂ ୧.୫ ଗ୍ରାମ ଓଜନର ସୁନା ହାର ଝାମ୍ପି ନେଇଥିଲେ । ଏ ସମୟରେ ଭାରସାମ୍ୟ ହରାଇ ମନୋଜଙ୍କ ବାଇକ କଂକ୍ରିଟ୍ ରାସ୍ତାରେ ପଡିଯାଇଥିବା ଫଳରେ ତାଙ୍କ ସ୍ତ୍ରୀଙ୍କ ହାତ ଭାଙ୍ଗି ଯିବା ସହ ଆଣ୍ଠୁ, ଗୋଡ, ପିଠି ଏବଂ ଶରୀରର ଅନ୍ୟାନ୍ୟ ଅଂଶରେ ଆଘାତ ଲାଗିଥିଲା । ତାଙ୍କ ପୁଅର ମଧ୍ୟ ମୁହଁ, ମୁଣ୍ଡ ଏବଂ ପାଦରେ ଆଘାତ ଲାଗିଥିଲା । ପଛରେ ବସିଥିବା ଅପରାଧୀମାନଙ୍କ ମଧ୍ୟରୁ ଜଣେ ସେମାନଙ୍କୁ ଟାର୍ଗେଟ କରି ପିସ୍ତଲ ଦେଖାଇଥିଲା ବେଳେ ସିଟ୍ ମଝିରେ ବସିଥିବା ଅନ୍ୟ ଜଣେ ମଙ୍ଗଳସୂତ୍ର ଏବଂ ହାର ଛଡ଼ାଇ ନେଲେ । ଅପରାଧ ଘଟାଇବା ପରେ ସେମାନେ ତାଙ୍କର ମୋଟର ସାଇକେଲରେ ଦ୍ରୁତ ଗତିରେ ପଳାଇଗଲେ । ଘଟଣାଟି ଦେଖିଥିବା ଜଣେ ଗ୍ୟାରେଜ ମେକାନିକ୍ ସ୍ଥାନୀୟ ପୋଲିସକୁ ଫୋନ୍ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଆଜି ଅଭିଯୁକ୍ତ ପ୍ରକାଶ ମାଲିଙ୍କୁ ଗିରଫ କରିବା ସହ ସହଯୋଗୀ ଅଭିଯୁକ୍ତ ରାଜା ପାତ୍ର (୧୯) ଏବଂ ରୁଦ୍ର ନାୟକ (୧୯)କୁ ଗିରଫ କରିବା ସହ ଅଭିଯୁକ୍ତ ପ୍ରକାଶର ବୟାନ ଅନୁଯାୟୀ, ଚୋରି ହୋଇଥିବା ସୁନା ହାର ଏବଂ ମଙ୍ଗଳସୂତ୍ର ଉଦ୍ଧାର କରିଥିଲେ । ସେମାନଙ୍କୁ ୧୫ ଦିନ ପାଇଁ ମଧ୍ୟବର୍ତ୍ତୀକାଳୀନ ନ୍ୟାୟିକ ହାଜତରେ ରଖିବା ପାଇଁ ପ୍ରାର୍ଥନା କରାଯାଇଥିବା ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି ।

## ନାବାଳିକାକୁ ଅପହରଣ ଅଭିଯୁକ୍ତ ଗିରଫ

**ସୋର, ୨୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ପାଖର ପଞ୍ଚାୟତ ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲା ଅନନ୍ତପୁର ଫାଣ୍ଡି ପୁଲିସ । ସୂଚନା ଅନୁସାରେ ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ବାସୁଦେବପୁର ଥାନା ସମିଆ ଗ୍ରାମର ଗୋପୀନାଥ ଘୋଷ (୩୨) ନାବାଳିକା ଜଣଙ୍କୁ ଗତ ଅଗଷ୍ଟ ମାସରେ ଅପହରଣ କରି ନେଇଥିଲେ। ଏ ବାବଦରେ ନାବାଳିକାଙ୍କ ମାଆ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ସୋର ପୁଲିସ ୬୨୧/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତର ନମ୍ବରକୁ ଟ୍ରାକିଙ୍ଗ କରି ସେମାନେ ତାମିଲନାଡୁରେ ଥିବା ଜାଣି ପାରି ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ସୋର ଥାନାକୁ ଆଣିଥିଲା । ବୁଧବାର ଅପରାହ୍ନରେ ସୋର ମେଡ଼ିକାଲରେ ଗୋପୀନାଥର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିବା ସହିତ ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## ଅମୃତ ଭାରତ ଯୋଜନାରୁ ବଞ୍ଚିତ ଯଖପୁରା ରେଳ ଷ୍ଟେସନ

**କଳିଙ୍ଗନଗର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଚାଲୁ ଥିବା ସମୟରେ, ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରେଳ ସାହାରା ଯଖପୁରା ରେଳ ଷ୍ଟେସନ ଏହି ତାଲିକାରୁ ବାହାରେ ରହିଯିବା ଅଞ୍ଚଳବାସୀଙ୍କ ମଧ୍ୟରେ ଭାରୀ ଅସନ୍ତୋଷ ଦେଖାଦେଇଛି । ପ୍ରତିଦିନ ହଜାର ହଜାର ଶ୍ରମିକ, କର୍ମଚାରୀ କଳିଙ୍ଗନଗର ଶିଳ୍ପାଞ୍ଚଳ ସହିତ ଦାନଗଦି-ସୁକିନ୍ଦା ବ୍ଲକର ଅନେକ ପଞ୍ଚାୟତର ଲୋକ ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ସତ୍ତ୍ୱେ, ଉନ୍ନତି ମାମଲାରେ ଯଖପୁରାକୁ ଅଣଦେଖା କରାଯାଇଛି ବୋଲି ଶିଳ୍ପଳରେ ଅଭିଯୋଗ ଉଠିଛି । ଶିଳ୍ପ ହବ୍ ଭାବେ ପରିଚିତ କଳିଙ୍ଗନଗର ସହ ଦେଶର ବହୁ ବୃହତ୍ ଶିଳ୍ପ କାରଖାନାର ଯାତାୟାତ ଯୋଗାଯୋଗ ଯଖପୁରା ଷ୍ଟେସନ ମାଧ୍ୟମରେ ହେଉଛି । ଯାତ୍ରୀ ଚାପ, ଶ୍ରମିକ ଆଗମନ-ନିର୍ଗମନ ଓ ଶିଳ୍ପାଞ୍ଚଳର ଅର୍ଥନୈତିକ ଗୁରୁତ୍ୱ ଦୃଷ୍ଟିରୁ ଯଖପୁରାର ଭୂମିକା ଅସ୍ୱୀକାର୍ଯ୍ୟ ନୁହେଁ । ତଥାପି ଅମୃତ ଭାରତ ଭଳି ଯାତ୍ରୀ-ବନ୍ଧୁ ଓ ଆଧୁନିକ ଉନ୍ନତି ଯୋଜନାରୁ ଏହାକୁ ବଞ୍ଚିତ କରାଯିବା ରେଳ ପ୍ରଶାସନର ପ୍ରାଥମିକତା ନିର୍ଦ୍ଧାରଣ ଉପରେ ପ୍ରଶ୍ନ ଉଠାଇଛି ।




ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଆଧୁନିକ ଷ୍ଟେସନ ଭବନ, ପ୍ରତୀକ୍ଷାଳୟ, ଶୌଚାଳୟ, ପାନୀୟ ଜଳ, ଲିଫ୍ଟ-ଏସକେଲେଟର, ରାମ୍ପ, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧା, ପାର୍କିଂ ଓ ଉନ୍ନତ ସୂଚନା ପ୍ରଣାଳୀ ଭଳି ଅନେକ ସୁବିଧା ଉପଲବ୍ଧ କରାଯାଉଛି । କିନ୍ତୁ ଏହି ସବୁ ସୁବିଧାରୁ ଯଖପୁରା ଷ୍ଟେସନ ବଞ୍ଚିତ ରହିଥିବା ଅଞ୍ଚଳବାସୀଙ୍କ ମନରେ ଅବହେଳାର ଅନୁଭୂତି ସୃଷ୍ଟି କରିଛି । ରେଳ ବିଭାଗର ପକ୍ଷରୁ ଆଧିକାରିକ ସ୍ପଷ୍ଟିକରଣ ନ ମିଳିଥିଲେ ମଧ୍ୟ, ଅଭିଜ୍ଞମାନଙ୍କ ମତାନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସୀମିତ ସଂଖ୍ୟକ ଷ୍ଟେସନକୁ ମାତ୍ର ଚୟନ, ଯାତ୍ରୀ ସଂଖ୍ୟା ଓ ରେଭେନ୍ୟୁ ଆଧାରରେ ପ୍ରାଥମିକତା ନିର୍ଦ୍ଧାରଣ, ସହିତ ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଢ଼ ଓ ନିରନ୍ତର ଦାବିର ଅଭାବ-ଏହି ସମସ୍ତ କାରଣ ଯଖପୁରା ପାଇଁ ବାଧା ସୃଷ୍ଟି କରିଥିବା ଆଲୋଚନା ହେଉଛି । କଳିଙ୍ଗନଗର ଅଞ୍ଚଳବାସୀ, ଶ୍ରମିକ ସଂଗଠନ ଓ ଶିଳ୍ପପତିମାନେ ସ୍ପଷ୍ଟ କହିଛନ୍ତି-କଳିଙ୍ଗନଗର ଯଦି ସତ୍ୟସାରେ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର, ତେବେ ସେହି ଅଞ୍ଚଳର ଏକମାତ୍ର ରେଳ ଷ୍ଟେସନକୁ ଅମୃତ ଭାରତ ଯୋଜନାରୁ ବାଦ ଦେବା ସରକାରୀ ଅବହେଳା ଛଡ଼ା ଆଉ କ'ଣ? ଏବେ ସବୁଠାରୁ ବଡ଼ ପ୍ରଶ୍ନ- ଯଖପୁରା ରେଳ ଷ୍ଟେସନ କେବେ ଅମୃତ ଭାରତ ଯୋଜନାରେ ସାମିଲ ହେବ? ଶିଳ୍ପାଞ୍ଚଳର ବଢୁଥିବା ଯାତ୍ରୀ ଚାହିଦାକୁ କେବେ ଗୁରୁତ୍ୱ ମିଳିବ? ଯଖପୁରା ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ସାମିଲ କରିବା ଦାବିକୁ ନେଇ କଳିଙ୍ଗନଗରର ବୁଦ୍ଧିଜୀବୀ ମହଲରେ ତୀବ୍ର ଚର୍ଚ୍ଚା ଓ ଦାବି ଜୋହାର ହେଉଛି, ଯେଉଁଠାରେ ଶିଳ୍ପ, ଶିକ୍ଷା ଓ ସାମାଜିକ କ୍ଷେତ୍ରର ସଚେତନ ବ୍ୟକ୍ତିମାନେ ଏହାକୁ ଶିଳ୍ପାଞ୍ଚଳର ଆବଶ୍ୟକତା ଓ ନ୍ୟାୟସଂଗତ ଦାବି ବୋଲି ଉଲ୍ଲେଖ କରି ତୁରନ୍ତ ସରକାରୀ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି ।

## ଡବଲ ମର୍ଡର କେସ୍ ଘଟଣା,୫ ଗିରଫ

**ତାଳଚେର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ତାଳଚେର ଡବଲ ମର୍ଡର କେସ୍ ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଏଥିସହ ସେମାନଙ୍କ ଠାରୁ ଗୋଟିଏ ୧୨ ବୋର ଡବଲ-ବ୍ୟାରେଲ ବନ୍ଧୁକ ଏବଂ ଗୋଟିଏ ଖାଲି କାର୍ଟ୍ରିଜ ଜବତ ହୋଇଛି । ତେବେ ଏହି ଘଟଣାଟି ସେତେବେଳେ ଘଟିଥିଲା ଯେତେବେଳେ ୧୨ରୁ ୧୩ ଜଣଙ୍କର ଏକ ଗୋଷ୍ଠୀ ଗ୍ରୋଟାମ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡର ଷ୍ଟକୟାର୍ଡରେ ଚୋରି କରିବାକୁ ଚେଷ୍ଟା କରିଥିଲେ । ଯେଉଁଠାରେ ବୈଦ୍ୟୁତିକ ଟାୱାର ସାମଗ୍ରୀ ଥିଲା । ଗତ ୨୩ ତାରିଖ ବିଳମ୍ବିତ ରାତ୍ରିରେ ଏହି ଗୋଷ୍ଠୀ ଷ୍ଟକୟାର୍ଡ ଭିତରକୁ ପ୍ରବେଶ କରୁଥିଲେ । ସେହି ସମୟରେ ସେହି ଷ୍ଟକୟାର୍ଡ ବାହାରେ ଥିବା ସୁରକ୍ଷାକର୍ମୀ ଏବଂ ସେଠାରେ ନିୟୋଜିତ ଜଣେ ବନ୍ଧୁକଧାରୀ ସେମାନଙ୍କ ପ୍ରବେଶକୁ ରୋକିବା ପାଇଁ ଗୁଳି ଚଳାଇଥିଲେ। ଫଳରେ ଦିବ୍ୟରଞ୍ଜନ ପରିଡା ଏବଂ ଜନାର୍ଦ୍ଦନ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଘଟଣାର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିଛି । ଏନେଇ ଗୁଳି ଚଳାଇବାରେ ସମ୍ପୃକ୍ତ ବନ୍ଧୁକଧାରୀ ସମେତ ସମସ୍ତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧୁକଧାରୀ ଗଣେଶ ସାହୋ, ଅଭିମନ୍ୟୁ ସାହୁ ପର୍ଶୁରାମ ପରିଡା, ଆନନ୍ଦୀ ମାଝି, କିଶାନ ମଞ୍ଜୀ । ସେହିପରି ଅନ୍ୟ ଆହତମାନଙ୍କୁ ବିଷୟରେ ଯାଞ୍ଚ ଚାଲିଥିବା ସୂଚନା ମିଳିଛି ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ଅନ୍ତର୍ଗତ ବାଙ୍କିଡିହି ଗ୍ରାମର କଦମକୁଦର ଗାଧୁଆ ଘାଟ ନିକଟରେ ଏକ ଅଜଣା ମୃତଦେହ ଇବ୍ ନଦୀରେ ଭାସୁଛି । ସ୍ଥାନୀୟ ଲୋକେ ଏନେଇ ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ କିଞ୍ଜିରକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି । ଖବର ଲେଖାହେଲା ପର୍ଯ୍ୟନ୍ତମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିଲା । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣାକୁ ନେଇ ଆଖପାଖ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

### ଦେଶର ୫ ପ୍ରଦୂଷିତ ସହର ମଧ୍ୟରେ ୩ଟି ଓଡ଼ିଶାର

## ଶିଳ୍ପ ରାଜଧାନୀ କଳିଙ୍ଗନଗରକୁ ନେଇ ବଢୁଛି ଆଶଙ୍କା

**କଳିଙ୍ଗନଗର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ବାୟୁ ପ୍ରଦୂଷଣ ମାନଚିତ୍ରରେ ଓଡ଼ିଶା ଏବେ ଚିନ୍ତାଜନକ ସ୍ଥାନରେ ପହଞ୍ଚିଛି । ଆଜି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ତଥ୍ୟ ଅନୁଯାୟୀ, ଦେଶର ୫ଟି ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସ୍ଥାନ ପାଇଛି । ଯାହା ରାଜ୍ୟର ପରିବେଶ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି । ୩୩୬ ବାୟୁ ଗୁଣବତ୍ତା ସୂଚକାଙ୍କ ସହ ବାଲେଶ୍ୱର ଦେଶର ସବୁଠାରୁ ପ୍ରଦୂଷିତ ସହର ଭାବେ ଚିହ୍ନଟ ହୋଇଥିବା ବେଳେ, ଶିଳ୍ପ ସହର ତାଳଚେର (୩୨୪) ଓ ବାରିପଦା (୩୦୪) ମଧ୍ୟ 'ଅତି ଖରାପ' ଶ୍ରେଣୀରେ ରହିଛନ୍ତି । ଏହାଠାରୁ ମଧ୍ୟ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି- ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ଏହି ସମୟରେ ୨୧୮ ଥିବାବେଳେ ଓଡ଼ିଶାର ସହରଗୁଡ଼ିକ ଅଧିକ ବିଷାକ୍ତ ବାୟୁରେ ଶ୍ୱାସ ନେଉଛନ୍ତି । ଏହି ପରିସ୍ଥିତିରେ ରାଜ୍ୟର ସବୁଠାରୁ ବଡ଼ ଶିଳ୍ପାଞ୍ଚଳ କଳିଙ୍ଗନଗରକୁ ନେଇ ଚିନ୍ତା ଆହୁରି ଗଭୀର ହୋଇଛି । ଶିଳ୍ପ ଉନ୍ନତିର ମୂଲ୍ୟ ଦେଉଛନ୍ତି ସ୍ଥାନୀୟ ଲୋକ । ଦେଶର ଅନ୍ୟାନ୍ୟ ଶିଳ୍ପ ସହର ଭଳି କଳିଙ୍ଗନଗର ମଧ୍ୟ ଏବେ ପ୍ରଦୂଷଣର ଗଭୀର ଗ୍ରିପ୍‌ରେ। ଲୋହା-ଇସ୍ପାତ କାରଖାନା, ଫେରୋ ଆଲଏଜ୍ ପ୍ଲାଣ୍ଟ, ଖଣିଜ ପରିବହନ ଓ ଭାରୀ ଯାନବାହନ ଚଳାଚଳ ଦ୍ୱାରା ଏହି ଅଞ୍ଚଳରେ ଧୂଳିକଣା ଓ ବିଷାକ୍ତ ଧୂଆଁର ମାତ୍ରା ଦିନକୁଦିନ ବଢୁଛି ।




ଦାନଗଦି ଓ ସୁକିନ୍ଦା ଅଞ୍ଚଳର ବହୁ ଗ୍ରାମର ଲୋକ ଶ୍ୱାସକୋଷ ରୋଗ, ଆଖି ଜଳିବା, ଚର୍ମ ରୋଗ ଓ ଶିଶୁମାନଙ୍କ ଶ୍ୱାସ ସମସ୍ୟାରେ ପୀଡ଼ିତ ହେଉଥିବା ଅଭିଯୋଗ କରୁଛନ୍ତି । ଶିଳ୍ପ ହେତୁ ଆର୍ଥିକ ଉନ୍ନତି ହେଉଥିବା ସତ୍ତ୍ୱେ, ପରିବେଶ ଓ ସ୍ୱାସ୍ଥ୍ୟ ଦିଗକୁ ଗୁରୁତ୍ୱ ନ ଦିଆଯିବା ଗଭୀର ଅସନ୍ତୋଷ ସୃଷ୍ଟି କରିଛି ।

ପରିବେଶବିତମାନେ ସତର୍କ କରୁଛନ୍ତି -ଯଦି ଏଭଳି ସ୍ଥିତି ଚାଲିଥାଏ, ଆଗାମୀ ଦିନରେ କଳିଙ୍ଗନଗର ମଧ୍ୟ ଦେଶର ସବୁଠାରୁ ପ୍ରଦୂଷିତ ଶିଳ୍ପାଞ୍ଚଳ ତାଲିକାରେ ସାମିଲ ହେବ । ପ୍ରଦୂଷଣ ବଢୁଛି, ପ୍ରଶାସନ ନିରବ, କଳିଙ୍ଗନଗରରେ ବାୟୁ ଗୁଣବତ୍ତା ସୂଚକାଙ୍କ ମନିଟରିଂ ହେଉଛି କେଉଁଠି ? ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆଇନ, ନିୟମ ଓ ବୋର୍ଡ ଥିବା ସତ୍ତ୍ୱେ କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳରେ ସେଗୁଡ଼ିକ କାଗଜରେ ମାତ୍ର ସୀମିତ ଥିବା ଅଭିଯୋଗ ଉଠୁଛି । ନିୟମିତ ବାୟୁ ଗୁଣବତ୍ତା ସୂଚକାଙ୍କ ମନିଟରିଂ, ଧୂଳି ନିୟନ୍ତ୍ରଣ ସ୍ପ୍ରିଙ୍କଲିଂ, ଗ୍ରିନ୍ ବେଲ୍ଟ ଓ କାରଖାନା ଉପରେ କଡ଼ା ନଜର-ଏସବୁ ବ୍ୟବସ୍ଥା ପ୍ରାୟ ଅନୁପସ୍ଥିତ ବୋଲି ସ୍ଥାନୀୟ ଲୋକ କହୁଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଓ ଶିଳ୍ପ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ହିଁ ଏହି ଅବସ୍ଥା ପାଇଁ ଦାୟୀ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ସମୟ ଥିବାବେଳେ ଯଦି କଡ଼ା ପଦକ୍ଷେପ ନିଆଯାଏ ନାହିଁ, ତେବେ ଶିଳ୍ପ ଉନ୍ନତି ସହ ସହିତ ଜନସ୍ୱାସ୍ଥ୍ୟ ଉପରେ ଏହାର ଭୟାବହ ପ୍ରଭାବ ପଡ଼ିବା ନିଶ୍ଚିତ ।

## ଟ୍ରାକ୍ଟର ଦୁର୍ଘଟଣାରେ ପୁଅର ମୃତ୍ୟୁ, ମାଆ ଗୁରୁତର

**କିଶୋରନଗର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ସକାଳେ କିଶୋରନଗର ଥାନା ଜଏରାଟ ପଞ୍ଚାୟତ କରମଲକଟା ଗାଁରେ ଘଟିଛି ଅଭାବନୀୟ ଘଟଣା । ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଘର ସାମ୍ନାରେ ବସି ଖରା ପୁଉଁଥିବା ବେଳେ ମା' ପୁଅଙ୍କ ଉପରେ ଚିଗଲା ଟ୍ରାକ୍ଟର । ସକାଳ ପ୍ରାୟ ୯ଟାରେ ଘଟିଥିବା ଏହି ଘଟଣାରେ ମା' ଗୁରୁତର ହୋଇଥିବା ବେଳେ ଅଢ଼େଇ ବର୍ଷର ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଛି ।

ସୂଚନା ଅନୁଯାୟୀ କରମଲକଟା ଗାଁର ଜନ୍ନୀ ଦେହୁରୀ (୨୫) ଓ ତାଙ୍କ ପୁଅ ଶ୍ରେୟାନ୍ ଦେହୁରୀ (ଅଢ଼େଇ ବର୍ଷ) ଘର ସମ୍ମୁଖରେ ଖରାରେ ବସିଥିଲେ । ଏହି ସମୟରେ ଏହି ଗାଁର ଏକ ଟ୍ରାକ୍ଟର ନିକଟସ୍ଥ ବିଲରୁ ଧାନ ବୋଝେଇ କରିବାକୁ ଯାଉଥିଲା । ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଖରା ପୁଉଁଥିବା ମା' ଓ ପୁଅଙ୍କୁ ଧକ୍କା ଦେଇଥିଲେ । ଦୁର୍ଘଟଣାରେ ମା' ଛିଟିକି ପଡ଼ିଥିବା ବେଳେପୁଅ ଶ୍ରେୟାନ୍ ଉପରେ ଟ୍ରାକ୍ଟରର ଗୋଟିଏ ଚକ ଚଢ଼ି ଯାଇଥିଲା । ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ଉଭୟଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ ଡାକ୍ତର ପୁଅକୁ ମୃତ ଘୋଷଣା କରିଥିଲେ । ମା' ଜନ୍ନୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଖବରପାଇ କିଶୋରନଗର ଥାନା ଅଧିକାରୀ ଏବଂ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଓଡ଼ିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଦୁର୍ଘଟଣା ପରେ ଟ୍ରାକ୍ଟର ଜବତ ହୋଇଥିବା ବେଳେ ଚାଳକ ଧରା ପଡ଼ି ନଥିବା ଜଣାପଡ଼ିଛି ।

## ହାତ ଗୋଡ଼ ବନ୍ଧା ଅବସ୍ଥାରେ ନାବାଳକ ଉଦ୍ଧାର

**ସୋର, ୨୫।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ଦହିସଡା ପଞ୍ଚାୟତ ଦହିସଡା ଗ୍ରାମରୁ ଜଣେ ନାବାଳକ ନିଖୋଜ ହୋଇଯାଇଥିବା ବେଳେ ବୁଧବାର ପୂର୍ବାହ୍ନରେ ଗ୍ରାମରେ ଥିବା ଏକ କ୍ଲବ ଘର ସିଡ଼ି ଘରୁ ହାତ ଗୋଡ଼ ବନ୍ଧା ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ସୂଚନା ଅନୁସାରେ ଏହି ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ପୁଅ ଋଷି ମଲ୍ଲିକ (୧୦) ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିଲେ । ପରିବାର ଲୋକେ ଏବଂ ଗ୍ରାମବାସୀମାନେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇ ବୁଧବାର ପୂର୍ବାହ୍ନରେ ସୋର ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପରିବାର ଲୋକେ ପୂର୍ବାହ୍ନରେ ଦହିସଡା ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା କ୍ଲବ ଘରେ ଋଷିକୁ ହାତ ଗୋଡ଼ ଏବଂ ମୁହଁ ବନ୍ଧା ହୋଇଥିବା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ । ଫଳରେ ଉକ୍ତ କ୍ଲବ ଘରକୁ ଭଡାରେ ନେଇ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଥିବା ପାଞ୍ଚ ଜଣଙ୍କୁ ଗ୍ରାମବାସୀ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଋଷିକୁ ଉଦ୍ଧାର କରିବା ସହିତ ପାଞ୍ଚଜଣଙ୍କୁ ଥାନାକୁ ଆଣି ପଚରାଉଚରା କରି ଛାଡି ଦେଇଥିବା ଜଣାପଡିଛି । ତେବେ ଋଷି ସେଠାକୁ କେମିତି ଆସିଲା, ତା'ର ହାତ ଗୋଡ଼ ମୁହଁ ବାନ୍ଧି କିଏ ସେ ଘରେ ରଖିଥିଲା ତାହା ତଦନ୍ତ ସାପେକ୍ଷ ।

# ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କେବେ ମିଳିବ ଜମି ?

**ଅସ୍ତରଙ୍ଗ, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୫ଟି ପଞ୍ଚାୟତ ହଜାର ହଜାର ଜନ ସାଧାରଣ ନିର୍ଭର କରିଥାନ୍ତି। କିନ୍ତୁ ପୂର୍ବ ସରକାର ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଅସ୍ତରଙ୍ଗରୁ ନୂଆଗଡ ରାସ୍ତା ପାର୍ଶ୍ୱରେ ଜମି ସ୍ଥିର କରାଯାଇଥିଲା । କୌଣସି କାରଣ ବଶତଃ ସମସ୍ୟା ଉପୁଜିବାରୁ ଏହା ବନ୍ଦ ରହିଥିଲା । ଯାହା ଫଳରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପ୍ରସାରଣ ପାଇଁ ଜମି ମିଳୁନାହିଁ । ଫଳରେ ପାଖାପାଖି ୩ବର୍ଷରୁ ଉର୍ଦ୍ଧ ହେବ ଏହି ପ୍ରକଳ୍ପ ଅଟକି ରହିଛି । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ମଞ୍ଜୁର କରାଯାଇଛି । କିନ୍ତୁ ଅନୁଦାନ ମଞ୍ଜୁର ସତ୍ତ୍ୱେ ଜମି ମିଳୁନଥିବା ଯୋଗୁଁ ଏହି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ବିଭିନ୍ନ ପ୍ରକାର ଉର୍ନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି ।

ମିଳିଥିବା ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ସମୟରେ ଲୋକ ସଂଖ୍ୟା ୫୦ହଜାରରୁ ୬୦ହଜାର ମଧ୍ୟରେ ରହିଥିଲା । ବର୍ତ୍ତମାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଅଞ୍ଚଳର ଲୋକ ସଂଖ୍ୟା ୩ଗୁଣ ବଢିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗ ଖୋଲିବା ସହ ସମ୍ପ୍ରସାରଣ ପାଇଁ ଆବଶ୍ୟକତା ରହିଛି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅସ୍ତରଙ୍ଗ ତହସିଲ ଅଧୀନ ନୂଆଗଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜମି ଚିହ୍ନଟ ହୋଇଥିଲା । ପୂର୍ତ୍ତ ବିଭାଗ କର୍ମଚାରୀ ଓ ମେଡିକାଲ ଟେକ୍ନିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରି ମାପ ଚୁପ କରିଥିଲେଛ ଯାହାକି କୌଣସି କାରଣ ବଶତଃ ସେ ସ୍ଥାନକୁ ବାତିଲ କରାଗଲା । ଯାହା




ଫଳରେ ଜମି ମିଳୁ ନଥିବାରୁ ବର୍ତ୍ତମାନ ଏହି ପ୍ରକଳ୍ପ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି । ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ମାତ୍ର ୧୦ ଗୋଟି ଶଯ୍ୟା ସହ ଖୁବ କମ୍ ସଂଖ୍ୟକ ବିଭାଗ ରହିଛି । ଅନେକ ବିଭାଗ ରେ ଡକ୍ଟର ନାହାନ୍ତି । ଯାହା ସ୍ଥାନୀୟ ଲୋକ ଚିକିତ୍ସା ସେବା ଆବଶ୍ୟକତାକୁ ପୂରଣ କରି ପାରୁନାହିଁ । ଏହା ସହ ମେଡିକାଲ ରହୁଥିବା କର୍ମଚାରୀଙ୍କ ଆବଶ୍ୟକ ମୁତାବକ ଗୃହ ନାହିଁ । ଏହା ସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପର୍ଯ୍ୟଟନ ସ୍ଥଳୀ ପୀରଜାହାନିଆ ଓ ଗଙ୍ଗାଦେବୀ ପୀଠ ରହିଥିବାରୁ ରାଜ୍ୟର କୋଣ ଅନୁକୋଣ ପର୍ଯ୍ୟଟକ ଆସୁଛନ୍ତି । କିନ୍ତୁ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି କିମ୍ବା ବେଳାଭୂମିରେ ସ୍ନାନ ସମୟରେ ବୁଡ଼ିଯାଇ ମୃତ୍ୟୁ ସହ ସଂଗ୍ରାମ ଲାଗି ରହିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼ ରହିଥାଏ । କିନ୍ତୁ ଆବଶ୍ୟକ ମୁତାବକ ବ୍ୟବସ୍ଥା ନଥିବାରୁ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଡିଥାଏ । ଫଳରେ ବ୍ୟକ୍ତି ଅଥବା ରୋଗୀଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ବର୍ତ୍ତମାନ ଆବଶ୍ୟକତାକୁ ଦେଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହାର ସମ୍ପ୍ରସାରଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅସ୍ତରଙ୍ଗ ତହସିଲଦାରଙ୍କୁ ତୁରନ୍ତ ୩ରୁ ୪ଏକର ଜମି ଯୋଗାଇ ଦେବା ପାଇଁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଜମି ଚିହ୍ନଟ ହେଲେ ଟେକ୍ନିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରିବେ । ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଯୋଗାଇ ଦେଇଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଜମି ମିଳି ନଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି । ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, ୨ରୁ ୩ଦିନ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ପାଇଁ ଜମି ଯୋଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ମୁଖ୍ୟ ଉପଦେଷ୍ଟା ପ୍ରତାପ ପରିଡ଼ାଙ୍କ ପରାମର୍ଶ କ୍ରମେ ଗତ ତା ୮.୧୨.୨୦୨୫ରିଖ ଦିନ ପ୍ରେସ କ୍ଲବର ସଭାପତି ଶରତ କୁମାର ପରିଡ଼ାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସଦସ୍ୟ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅସ୍ତରଙ୍ଗ ମେଡିକାଲର ଜାଗା ଚିହ୍ନଟ, ବିଶେଷଜ୍ଞ ଡାକ୍ତର, ଶଯ୍ୟା ବୃଦ୍ଧି ଉପସ୍ଥିତ ଅଧିକାରୀଙ୍କୁ ଦାବିପତ୍ର ଦେବା ସହ ମ୍ୟାନବର ମୁଖ୍ୟମନ୍ତ୍ରୀ ଓଡ଼ିଶା, ସ୍ୱାସ୍ଥ୍ୟମନ୍ତ୍ରୀ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ଏକକିତାର ନକଲ ପ୍ରେରଣ କରିଥିବା ବେଳେ ଦୀର୍ଘ ୮ ମାସ ଧରି ଅସ୍ତରଙ୍ଗ ମେଡିକାଲରେ ଆମ୍ବୁଲାନ୍ସ ଅଚଳ ହେବା ଅସ୍ତରଙ୍ଗଙ୍କୁ ଅବହେଳିତ କରାଯାଉନାହିଁ ତ କ୍ଷୋଭର ପ୍ରକାଶ କରିଥିଲେ ସୋସିଆଲ ମିଡ଼ିଆର ସଂଯୋଜକ ଅଲେଖ ବିଶ୍ୱାଳ ।

କଥାରେ ଅଛି– **ନା ରହେଗା ବାଁଶ୍– ନା ବଜେଗା ବାଁଶୁରୀ**। ଏହାର ଓଡ଼ିଆ ଅର୍ଥ ହେଲା– ବାଉଁଶ ନଥିଲେ ବଇଁଶୀ ବାଜିପାରିବନି । ଆମ ଓଡ଼ିଆ ଭାଷାରେ ମଧ୍ୟ ଏଇଭଳି ରୂଢ଼ି ରହିଛି। ଯେମିତିକି– **ମୂଳୁମାରିଲେ ଯିବ ସରି, ଦେବଙ୍କ ସହ କମ୍ପା କଳି?** ପ୍ରତିଟି କ୍ଷତିକାରକ ଖାଦ୍ୟ ଏବଂ ପାନୀୟ ଉପରେ ଯଦି ବାରଣ ଲାଗନ୍ତା ଏବଂ ଏହାର ମୂଳ ଉତ୍ସ ଉପରେ ପ୍ରହାର କରାଯାଆନ୍ତା ତା'ହେଲେ କ'ଣ ଏସବୁ ନିଶାରେ ଲୋକେ ପଡ଼ିପାରନ୍ତେ? ଯଦି ମଦ ଦୋକାନ ନଥାନ୍ତା, ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାନ୍ତା ତା'ହେଲେ କ'ଣ ଲୋକେ ମଦ୍ୟପାନର ସୁଯୋଗ ପାଉଥାନ୍ତେ? ଠିକ୍ ସେମିତି ଫାଷ୍ଟଫୁଡ୍ ଖାଦ୍ୟ ବିକ୍ରି ଉପରେ ଏବଂ ଏହାର ମାନ ଉପରେ ଯଦି ନିୟମିତ ଯାଞ୍ଚ କରାଯାଉଥାନ୍ତା ତା'ହେଲେ କ'ଣ ଫାଷ୍ଟଫୁଡ୍ ଏତେ କ୍ଷତିକାରକ ହୋଇପାରନ୍ତା?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୬ ଡିସେମ୍ବର, ୨୦୨୫ | ଶୁକ୍ରବାର

ଓଡ଼ିଶା ଏକ୍ସପ୍ରେସ୍


## ଫାଷ୍ଟଫୁଡ୍ ପ୍ରୀତି ମାରାତ୍ମକ ହୋଇପାରେ!

**ଖା**ଦ୍ୟ ରୁଚି ମଧ୍ୟ ଫ୍ୟାସନ ଭିତରକୁ ଚାଲିଆସିଲାଣି । ଆମେ ପାଶ୍ଚାତ୍ୟ ଫ୍ୟାସନକୁ ଆପଣେଇବା ସହିତ ସେମାନଙ୍କ ଖାଦ୍ୟକୁ ମଧ୍ୟ ଆପଣେଇ ନେଲେଣି । ଆମ ପିଲାଏ ଫାଷ୍ଟଫୁଡ୍ ଖାଇବାରେ ଅଭ୍ୟସ୍ତ ହୋଇଗଲେଣି । ଆମ ଦେଶୀ ଜଳଖିଆ ତାଙ୍କୁ ଆଉ ରୁଚିନି କି ଆଜିର ମା'ମାନେ ବା ମମିମାନେ ମଧ୍ୟ ସେମାନଙ୍କୁ ଆମ ଦେଶୀ ଜଳଖିଆ ପ୍ରତି ଆଗ୍ରହୀ କରାଇପାରୁନାହାନ୍ତି । ସ୍କୁଲ୍ ପିଲାଙ୍କ ଟିଫିନ୍ ବାକ୍ସରେ ମୁଖ୍ୟତଃ ମ୍ୟାଗି ସ୍ଥାନ ପାଉଛି । ଯୁବପିଢ଼ି ମଧ୍ୟ ଚାଓମିନ, ପିଜା, ବର୍ଗର ଆଦି ଖାଦ୍ୟର ନିଶାରେ ପଡ଼ିଗଲେଣି ।

ଜୀବନର ଗତି କ୍ଷିପ୍ର ହୋଇଛି, ବ୍ୟସ୍ତତା ବଢ଼ିଛି– ଏହି କାରଣରୁ ସମୟର ଅଭାବ ସମସ୍ତଙ୍କ ପାଖରେ । ଏଇଭଳି ଏକ ସମୟରେ ଫାଷ୍ଟଫୁଡ୍ ତା'ର ସ୍ଥିତି ଜମେଇ ନେଇଛି । ଫାଷ୍ଟଫୁଡ୍ ଖୁବ୍ କମ୍ ସମୟ ଭିତରେ ପ୍ରସ୍ତୁତ ହୋଇପାରେ– ଏଇଟା ହିଁ ଏହାର ବିଶେଷତ୍ୱ । ଦୁଇ ମିନିଟ୍‌ରେ ନୁଡୁଲ୍ସ ତିଆରି ହୋଇପାରୁଛି, ତେଣୁ ଆଜିର ମା'ମାନଙ୍କୁ ଏହା ଖୁବ୍ ସୁହାଉଛି । ସମୟ ବଳିଲେ ଗଳ୍ପ/ଉପନ୍ୟାସ ନପଢ଼ି ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଭିତରେ ବୁଡି ରହୁଛନ୍ତି ସେମାନେ ।

ଆମର ଅନେକ ଦେଶୀ ଖାଦ୍ୟ ରହିଛି, ଯାହା ଖୁବ୍ ସୁସ୍ୱାଦୁ ଏବଂ ଶରୀର ପାଇଁ ହିତକର, ଏକଥା ଯେ ଆଜିର ପାଶ୍ଚାତ୍ୟମୁଖୀ ମଣିଷଙ୍କୁ ଅଗୋଚର ଏକଥା କହିବା ଭୁଲ୍ ହେବ । **'ମୋମୋ'**ଠାରୁ ଆମ 'ମଣ୍ଡାପିଠା' କେଉଁ ଗୁଣରେ ମଧ୍ୟ କମ୍ ନୁହେଁ ବୋଧେ?

ହଁ, ଏତେକଥା କହିବାର ଅସଲ ଉଦ୍ଦେଶ୍ୟ ହେଲା– ନିକଟରେ ପ୍ରକାଶିତ ଏକ ଖବର ଏଇ ଖାଦ୍ୟକୁ ନେଇ, ଯାହା ଖୁବ୍ ଆତଙ୍କପ୍ରଦ । ଏ ଖବରଟି କାଳେ ଆପଣଙ୍କ ଆଖିରେ ପଡ଼ିନଥିବ ତେଣୁ ଜଣାଇବାକୁ ଉଚିତ୍ ମଣୁଛି ଆପଣମାନଙ୍କ ପିଲାଙ୍କ ସୁସ୍ଥତା ପାଇଁ । ଖବରଟି ଏଇଭଳି–

ଫାଷ୍ଟଫୁଡ୍ ଖାଇବାର ସଉକ ଉତ୍ତରପ୍ରଦେଶର ଅମରୋହର ଜଣେ ଏକାଦଶ ଶ୍ରେଣୀ ଛାତ୍ରୀ ଅହାନା (୧୬)ଙ୍କ ଜୀବନ ନେଇଛି । ମାତ୍ରାଧିକ ଚାଓମିନ, ମ୍ୟାଗି, ପିଜା, ବର୍ଗର ଆଦି ଖାଇବା ଦ୍ୱାରା ତାଙ୍କ ଅନ୍ତଃନଳୀ ଯୋଡ଼ି ହୋଇଯାଇଥିଲା ପରସ୍ପର ସହ । ମଝିରେ କଣା ମଧ୍ୟ ହୋଇଯାଇଥିଲା । ଏକ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ଏହାପରେ ବି ତାଙ୍କୁ ଡାକ୍ତରମାନେ ବଞ୍ଚାଇ ପାରିନଥିଲେ । ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରବିବାର ରାତିରେ ଅହାନାଙ୍କ ମୃତ୍ୟୁ ଘଟିଛି ।

ପିଲାଙ୍କୁ ଯଥାସମ୍ଭବ ଫାଷ୍ଟଫୁଡ୍‌ଠାରୁ ଦୂରେଇ ରଖିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି । ଏଥିସହିତ ବାହାରେ ମିଳୁଥିବା ପ୍ୟାକେଟ୍ ଖାଦ୍ୟ, କୋଲ୍ଡ ଡ୍ରିଙ୍କ୍ସ ଆଦି ପିଲାଙ୍କୁ ନଦେବାକୁ ଡାକ୍ତରମାନେ କହିଛନ୍ତି । 'ଗ୍ଲୋବାଲ ବର୍ଡନ ଅଫ୍ ଡିଜିଟ୍'ର ରିପୋର୍ଟ ଅନୁସାରେ ପ୍ରତିବର୍ଷ ଫାଷ୍ଟଫୁଡ୍ ଯୋଗୁଁ ସାରା ବିଶ୍ୱରେ ୧.୧ କୋଟି ମୃତ୍ୟୁ ଘଟୁଛି ।

କଥାରେ ଅଛି– **ନା ରହେଗା ବାଁଶ୍– ନା ବଜେଗା ବାଁଶୁରୀ**। ଏହାର ଓଡ଼ିଆ ଅର୍ଥ ହେଲା– ବାଉଁଶ ନଥିଲେ ବଇଁଶୀ ବାଜିପାରିବନି । ଆମ ଓଡ଼ିଆ ଭାଷାରେ ମଧ୍ୟ ଏଇଭଳି ରୂଢ଼ି ରହିଛି। ଯେମିତିକି– **ମୂଳୁମାରିଲେ ଯିବ ସରି, ଦେବଙ୍କ ସହ କମ୍ପା କଳି**?

ପ୍ରତିଟି କ୍ଷତିକାରକ ଖାଦ୍ୟ ଏବଂ ପାନୀୟ ଉପରେ ଯଦି ବାରଣ ଲାଗନ୍ତା ଏବଂ ଏହାର ମୂଳ ଉତ୍ସ ଉପରେ ପ୍ରହାର କରାଯାଆନ୍ତା ତା'ହେଲେ କ'ଣ ଏସବୁ ନିଶାରେ ଲୋକେ ପଡ଼ିପାରନ୍ତେ? ଯଦି ମଦ ଦୋକାନ ନଥାନ୍ତା, ମଦକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥାନ୍ତା ତା'ହେଲେ କ'ଣ ଲୋକେ ମଦ୍ୟପାନର ସୁଯୋଗ ପାଉଥାନ୍ତେ? ଠିକ୍ ସେମିତି ଫାଷ୍ଟଫୁଡ୍ ଖାଦ୍ୟ ବିକ୍ରି ଉପରେ ଏବଂ ଏହାର ମାନ ଉପରେ ଯଦି ନିୟମିତ ଯାଞ୍ଚ କରାଯାଉଥାନ୍ତା ତା'ହେଲେ କ'ଣ ଫାଷ୍ଟଫୁଡ୍ ଏତେ କ୍ଷତିକାରକ ହୋଇପାରନ୍ତା? ଆମ ରାଜ୍ୟରେ ଖାଦ୍ୟ ପଦାର୍ଥର ଯାଞ୍ଚ ପାଇଁ ସବୁବେଳେ କର୍ମଚାରୀ ଅଭାବ । ସମଗ୍ର ଓଡ଼ିଶାକୁ ଜଗିବା ଭଳି ପର୍ଯ୍ୟାପ୍ତ କର୍ମଚାରୀ ନାହାନ୍ତି । ତେଣୁ ଭେଜାଲ ଏବଂ ଅପମିଶ୍ରିତ ଖାଦ୍ୟର ଏକ ସମାନ୍ତରାଳ ବଜାର ସୃଷ୍ଟି ହୋଇଛି, ଏହା ଶରୀର ପାଇଁ ଖୁବ୍ କ୍ଷତିକାରକ । ଏକଥା ଯେ ସରକାରଙ୍କୁ ଅଜଣା, ଆମେ ହିଁ ସବୁ ଜାଣିଛୁ ଏକଥା କହିବା ଭୁଲ୍ ହେବ ।

ବିଶେଷ କରି ମା'ମାନେ ଏଥିପ୍ରତି ସତର୍କ ହେଲେ ପିଲାଙ୍କ ଫାଷ୍ଟଫୁଡ୍ ଅଭ୍ୟାସ ଛଡ଼େଇ ପାରନ୍ତେ ।

# ମନ୍ତ୍ରୀ ଓ ବିଧାୟକଙ୍କ ଦରମା ବୃଦ୍ଧି ବିଲ୍



### ଜିଜ୍ଞାସା
**ନିରଞ୍ଜନ ଶତପଥୀ**

**ସ**ମଗ୍ର ଦେଶରେ ଓଡ଼ିଶା ଏକ ଅର୍ଥନୈତିକ ଅନଗ୍ରସର ରାଜ୍ୟ ଭାବେ ପରିଚିତ ହୋଇ ଆସୁଛି । ଦାରିଦ୍ର୍ୟର କଷାଘାତ ମଧ୍ୟରେ ଜର୍ଜରିତ ହୋଇ ଅନେକ ଗରିବ ଲୋକ ଜୀବନକୁ ପାଣି ଛାଡ଼ାଇ ଦି' ପଇସା ରୋଜଗାର କରିବା ପାଇଁ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି । ଦେଶରେ ଓ ରାଜ୍ୟରେ ଋଣଭାର ବୃଦ୍ଧି ପାଇବାରେ ଲାଗିଛି । ଋଣଂ କୃତ୍ୱାଂ ଘୃତଂ ପିବେତ୍ ନ୍ୟାୟରେ ଚାଲିଛି ଓଡ଼ିଶା । ବର୍ତ୍ତମାନ ଓଡ଼ିଶା ଋଣଯନ୍ତାରେ। କର୍ମଚାରୀଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ହୋଇପାରୁନାହିଁ । କେତେକଙ୍କ ଚାକିରି ସ୍ଥାୟୀ ହୋଇପାରୁନାହିଁ । ପାଚିକା, ଶ୍ରମିକ, ଚାଷୀ କର୍ମଚାରୀ, ଶିକ୍ଷକ ରାଜରାସ୍ତାରେ । ଏହି ସମୟରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି, ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀ ଦଳ ନେତା ଓ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ ଜନତାଙ୍କୁ ବ୍ୟଥିତ କରିଛି । ରାଜନେତା ହେଉଛନ୍ତି ଜଣେ ଜଣେ ଜନସେବକ । ଜନତାଙ୍କ ସେବା କରିବା ହେଉଛି ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ । ତେଣୁ କୁହାଯାଏ ଜନତା ଜନାର୍ଦ୍ଦନ। ସେବାରେ ନିଜର କୌଣସି ସ୍ୱାର୍ଥ ନଥାଏ। ନିଃସ୍ୱାର୍ଥପର ସେବା ହିଁ ପ୍ରକୃତ ସେବା ବୋଲି କୁହାଯାଏ । ସରକାରଙ୍କର ରାଜ୍ୟର ମଙ୍ଗଳ ବିଧାନ କରିବା ହେଉଛି ପ୍ରଧାନ କର୍ତ୍ତବ୍ୟ । ଲୋକଙ୍କ ଟିକସରେ ହିଁ ରାଜ୍ୟର ବିକାଶ କାର୍ଯ୍ୟ ସାଧିତ ହୋଇଥାଏ ।

ଓଡ଼ିଶା ବିଧାନସଭା ଅଧିବେଶନ ଶେଷ ହେବା ପୂର୍ବରୁ ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ତିନିଗୁଣ ବୃଦ୍ଧି ବିଲ୍‌ଟି ପାସ୍ ହୋଇଯାଇଛି । ରାଜ୍ୟପାଳଙ୍କ ସୁପାରିସକୁ ଅପେକ୍ଷା ରହିଛି । ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଏହା ଆଇନ୍‌ରେ ପରିଣତ ହେବ । ବିଧାନସଭାରେ ସମସ୍ତେ ମିଳିମିଶି ନିଜର ଦରମା ଭତ୍ତା ବୃଦ୍ଧି କରିବା ଏକ ଚର୍ଚ୍ଚାର ବିଷୟ ହୋଇଛି । ଏହି ପ୍ରସ୍ତାବଟିକୁ କେବଳ ମାତ୍ର ଜଣେ ବିଧାୟକ ବ୍ୟତୀତ ଆଉ କେହି ବିରୋଧ କରିନଥିଲେ । ତେଣୁ ଏହି ବର୍ଦ୍ଧିତ ଦରମା ଓ ଭତ୍ତା ବିଲ୍‌ଟି ବିଧାନସଭାରେ ଅତି ସହଜରେ ପାସ୍ ହୋଇଗଲା । ବିଧାନସଭାରେ କୌଣସି ବିଲ୍ ପାସ୍ ହେବାକୁ ହେଲେ ଦୁଇ–ତୃତୀୟାଂଶ ବିଧାନସଭା ସଦସ୍ୟମାନଙ୍କର ସମର୍ଥନର ଆବଶ୍ୟକତା ପଡ଼ିଥାଏ । ଏହି ବିଲ୍‌ଟି ବିଧାୟକ ଓ ମନ୍ତ୍ରୀମାନଙ୍କ ସ୍ୱାର୍ଥ ବିଜଡ଼ିତ ଥିବାରୁ ପୂର୍ଣ୍ଣ ସମର୍ଥନ ଲାଭ କରିଛି । ଏହି ସମ୍ବାଦଟି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଦ୍ଧିଜୀବୀ ମହଲରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ଚଳିତ ଡିସେମ୍ବର ମାସ ୯ ତାରିଖ ଦିନ ଏହି ବିଲ୍‌ଟି ବିଧାନସଭାରେ ପାରିତ ହୋଇଥିଲା । ଦେଶରେ ସମସ୍ତଙ୍କର ଅର୍ଥର ଆବଶ୍ୟକତା ରହିଛି । ମନ୍ତ୍ରୀ ଓ ବିଧାୟକଙ୍କ ପରି ରାଜ୍ୟ ସରକାରୀ କର୍ମଚାରୀଙ୍କର ମଧ୍ୟ ଅର୍ଥର ଆବଶ୍ୟକତା ରହିଛି। ସେମାନେ ଆନ୍ଦୋଳନ, ଧର୍ମଘଟ କରି ମଧ୍ୟ ଉପଯୁକ୍ତ ସୁବିଧା ସୁଯୋଗ ପାଉନାହାନ୍ତି । ମନ୍ତ୍ରୀ ଓ ବିଧାୟକଙ୍କ ଦରମା ଓ ଭତ୍ତା ତିନିଗୁଣ ବୃଦ୍ଧି ସମଗ୍ର ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଜଣେ ବିଧାୟକ ମାସରେ ୩ ଲକ୍ଷ ୪୫ ହଜାର ଟଙ୍କା ବେତନ ପାଇବେ । ଠିକ୍ ସେହିପରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦରମା ଓ ଭତ୍ତା ୧ଲକ୍ଷରୁ ୩ ଲକ୍ଷ ୭୪ ହଜାର ବୃଦ୍ଧି ଘଟିବ । ବାଚସ୍ପତିଙ୍କର ୩ଲକ୍ଷ ୬୮ ହଜାର, ଉପବାଚସ୍ପତିଙ୍କର ୩ଲକ୍ଷ ୫୦ ହଜାର, କ୍ୟାବିନେଟ ମନ୍ତ୍ରୀଙ୍କ ଲକ୍ଷ ୬୨ ହଜାର, ବିରୋଧୀ ଦଳ ନେତାଙ୍କ ୩ ଲକ୍ଷ ୬୨ ହଜାର, ଉପମୁଖ୍ୟମନ୍ତ୍ରୀଙ୍କର ୩ ଲକ୍ଷ ୫୦ ହଜାର, ସରକାରୀ ଦଳର ମୁଖ୍ୟ ସଚେତକଙ୍କର ୩ ଲକ୍ଷ ୬୨ ହଜାର ଟଙ୍କା ଦରମା ବୃଦ୍ଧି ଘଟିବ । ଏତଦ୍ ବ୍ୟତୀତ ଏହି ବର୍ଦ୍ଧିତ ଦରମା ଓ ଭତ୍ତା ଇତ୍ୟାଦି ବିଗତ ୨୦୨୪ ମସିହା ଜୁନ୍ ମାସ ୫ ତାରିଖ ପିଛିଲା ତାରିଖ ଭାବେ ଲାଗୁ କରାଯିବ । ମୋଟ୍ ୧୮ ମାସର ବକେୟା ଦରମା ଓ ଭତ୍ତା ବାବଦକୁ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ରାଜକୋଷରୁ ବ୍ୟୟ କରାଯିବ । ଏହା ରାଜ୍ୟ ଅର୍ଥନୀତିରେ ପ୍ରଭାବ ପକାଇବ ।

ପୂର୍ବତନ ବିଧାୟକମାନଙ୍କ ପାଇଁ ମାସିକ ପେନସନ୍ ୧ଲକ୍ଷ ୧୭ ହଜାର ୫୦୦ ଟଙ୍କା ବ୍ୟବସ୍ଥା ହୋଇଛି । ବିଧାୟକ ଥାଇ ମୃତ୍ୟୁ ଘଟିଲେ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପାଇବେ । ଆମ ରାଜ୍ୟରେ ଥିବା ବିଧାୟକମାନଙ୍କ ଆର୍ଥିକ ଅବସ୍ଥା ଖୁବ୍ ସ୍ୱଚ୍ଛଳ। ୧୪୭ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ ବିଧାୟକ କୋଟି କୋଟି ଟଙ୍କାର ମାଲିକ ବୋଲି କୁହାଯାଉଛି ।

ଗୁଜରାଟ ଏକ ବିଜେପି ଶାସିତ ରାଜ୍ୟ, ସେଠାରେ ବିଧାୟକମାନଙ୍କର ଦରମା ୧ ଲକ୍ଷ ୧୦ ହଜାର । ଠିକ୍ ସେହିପରି କେରଳରେ ୭୦ ହଜାର, ତ୍ରିପୁରାରେ ୫୦ ହଜାର, ଆନ୍ଧ୍ରପ୍ରଦେଶରେ ୧ ଲକ୍ଷ ୨୫ ହଜାର, ମହାରାଷ୍ଟ୍ରରେ ୨ ଲକ୍ଷ ୫୨ ହଜାର, ତେଲେଙ୍ଗାନାରେ ୨ ଲକ୍ଷ ୫୦ ହଜାର, ଝାଡ଼ଖଣ୍ଡରେ ୨ ଲକ୍ଷ ୮୮ ହଜାର ଟଙ୍କା ବିଧାୟକମାନଙ୍କର ଦରମା ଥିବାବେଳେ ଓଡ଼ିଶା ଯେ କି ଗୋଟିଏ ଗରିବ ରାଜ୍ୟରେ ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ସବୁଠାରୁ ଅଧିକ ହୋଇଛି । ତେବେ ରାଜ୍ୟର ଅବସ୍ଥା, ବ୍ୟବସ୍ଥା ଓ ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରି ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ବୃଦ୍ଧିକୁ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଥିଲେ । ତାଙ୍କ ବ୍ୟତୀତ ଅନ୍ୟ କୌଣସି ବିଧାୟକ ହି ବିଲ୍‌ଟିକୁ ବିରୋଧ କରିନଥିଲେ । କଂଗ୍ରେସ, ବିଜେଡି, ବିଜେପି ପ୍ରଭୃତି ସବୁ ଦଳ ମିଳିମିଶି ଏହି ବିଲ୍‌କୁ ସମର୍ଥନ କରି ବିଧାନସଭା ଅଧିବେଶନରେ ଗୃହୀତ କରାଇ ନେଇଥିଲେ। । ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଗତ ୧୫ ତାରିଖ ଦିନ ସିପିଏମ୍‌ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ବିଲ୍‌ଟିକୁ ପୁନର୍ବିଚାର କରିବା ପାଇଁ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମହାମହିମ ରାଜ୍ୟପାଳ ଏହାର ପୁନର୍ବିଚାର କରିବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳୁଛି । ବିଧାୟନସଭା ଅଧିବେଶନ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ କାର୍ଯ୍ୟସୂଚୀ ଥିଲାବେଳେ ଗତ ୯ ତାରିଖ ଦିନ ଆଗୁଆ ଗୃହକୁ ସାଇନ୍ ଡାଏ ଘୋଷଣା କରାଯାଇଥିଲା । ଦୀର୍ଘ ୮ ବର୍ଷ ପରେ ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ବୃଦ୍ଧି ପ୍ରସଙ୍ଗ ବିଧାନସଭାରେ ଆଲୋଚିତ ହୋଇ ଗୃହୀତ ହୋଇଥିଲା । ସରକାରୀ କର୍ମଚାରୀ ଓ ବେସରକାରୀ କର୍ମଚାରୀମାନେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟ କରି ଦରମା ନେଇଥାନ୍ତି । ଜନସେବକମାନେ ଜନତାର ସେବା କରିଥାନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ଗୋଦାବରୀ ମିଶ୍ର ପ୍ରମୁଖ ମହାନ ବ୍ୟକ୍ତିଗତ ଓଡ଼ିଶାର ସଚ୍ଚା ଦେଶ ସେବକ ଭାବେ ପରିଚିତ ଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସ କହିଥିଲେ 'ମୁଁ ଯେତେବେଳେ ଓଡ଼ିଶାକୁ ଆସିଲି ସେତେବେଳେ ଓଡ଼ିଶା ଗୋଟିଏ ଶ୍ମଶାନ । ଖାଲି କୁଢ଼ କୁଢ଼ ହାଡ଼ ଦେଖିବାକୁ ପାଇଲି । ସେହି ଶ୍ମଶାନରେ ମୁଁ ସାଧନା କଲି । ସେ ହାଡକୁ ଏକାଠି କରି ତା' ଭିତରେ ଭରିଦେଲି ରକ୍ତ ଓ ମାଂସ । ମୂର୍ତ୍ତି ଗଢ଼ି ତାକୁ ଜୀବଦାନ ଦେଲି । ମାଂସପେଶୀରେ ଶକ୍ତି ଭରିଦେଲି ଲଢ଼େଇ କରିବାକୁ । ମୁଁ ଯଦି ପ୍ରଥମ ଗ୍ରାଜୁଏଟ ହୋଇ ଓଡ଼ିଶା ପାଇଁ ଏହା କରିପାରିଲି ତା'ହେଲେ ଆଜି ଓଡ଼ିଶାରେ ଥିବା ଶହ ଶହ ଗ୍ରାଜୁଏଟ୍ ତାହା ନକରି ପାରିବେ କାହିଁକି? ଉତ୍କଳମାତାର ସେବା କରିବା ପାଇଁ ସେମାନଙ୍କର ଗୁରୁଦାୟିତ୍ୱ ରହିଛି । 'ମଧୁବାବୁ ଥିଲେ ଜଣେ ଶ୍ରେଷ୍ଠ ରାଜନୀତିଜ୍ଞ । ସେ ୧୮୯୬ ଠାରୁ ୨୯୧୪ ମସିହା ପର୍ଯ୍ୟନ୍ତ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ଓଡ଼ିଶାର ସେବା କରିଥିଲେ । ସେ ଯେତେବେଳେ ବିହାର ଓଡ଼ିଶାର ମନ୍ତ୍ରୀ ଥିଲେ ସେତେବେଳେ ମନ୍ତ୍ରୀମାନେ ଅବୈତନିକ ଅର୍ଥାତ୍ ବିନା ବେତନରେ କାର୍ଯ୍ୟ କରନ୍ତୁ ବୋଲି ମତ ଦେଇଥିଲେ । ଅନେକ ମନ୍ତ୍ରୀ ଏହା ସପକ୍ଷରେ ମତ ନଦେବାରୁ ସେ ମନ୍ତ୍ରୀପଦରୁ ଇସ୍ତଫା ପ୍ରଦାନ କରିଥିଲେ । ଦେଶବାସୀଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ସେ କହୁଥିଲେ ।

ସ୍ୱାଧୀନୋତ୍ତର ଭାରତବର୍ଷରେ ଗଣତନ୍ତ୍ରର ଶାସନ ଚାଲିଛି । ପ୍ରତି ପାଞ୍ଚବର୍ଷରେ ଥରେ ନିର୍ବାଚନ ହେବାର ବ୍ୟବସ୍ଥା ରହିଛି । ନାଗରିକମାନେ ଭୋଟ୍ ଦେଇ ପ୍ରତିନିଧି ନିର୍ବାଚନ କରୁଛନ୍ତି । ସେହି ପ୍ରତିନିଧିମାନେ ଜନତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ପ୍ରଦାନ କରି କାର୍ଯ୍ୟ କରିବେ । ନାଗରିକମାନେ ସେମାନଙ୍କୁ ବହିଷ୍କାର କରିବାର କୌଣସି ସାମ୍ବିଧାନିକ ବ୍ୟବସ୍ଥା ନାହିଁ । ଥରେ ନିର୍ବାଚିତ ହେବା ପରେ ପାଞ୍ଚବର୍ଷ ପର୍ଯ୍ୟନ୍ତ କ୍ଷମତାରେ ରହିଥାନ୍ତି । ଜଣେ ମାତ୍ର ଥରେ ବିଧାୟକ ଭାବେ ନିର୍ବାଚିତ ହେଲେ ସାରା ଜୀବନ ପର୍ଯ୍ୟନ୍ତ ପେନସନ ପାଉଥାନ୍ତି । ଅନେକ ଶିକ୍ଷକ ଦୀର୍ଘବର୍ଷ ଧରି ଚାକିରି କରି ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି । ବିରୋଧୀଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବର୍ଦ୍ଧିତ ଦରମା ନେବେନାହିଁ । ଏହି ଅର୍ଥ ଲୋକଙ୍କ ସେବାରେ ବିନିଯୋଗ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ପ୍ରେରଣ କରିଛନ୍ତି । ଏହିପରି ଆହୁରି କେତେକ ବିଧାୟକ ମଧ୍ୟ ଏହି ବର୍ଦ୍ଧିତ ନୂତନ ଦରମା ଗ୍ରହଣ ନକରିବାକୁ କହିଛନ୍ତି । ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ଦରମା ବାବଦକୁ ମାସକୁ ମାତ୍ର ଏକ ଟଙ୍କା ଗ୍ରହଣ କରି ଏକ ଉଦାହରଣ ସୃଷ୍ଟି କରିଯାଇଛନ୍ତି । ଓଡ଼ିଶାର ସାମ୍ବାଦିକମାନେ ସମ୍ବିଧାନର ୪ର୍ଥ ସ୍ତମ୍ଭ । ସେମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କେତେକ କ୍ଷେତ୍ରରେ ବିପଦର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ପାଇଁ ଦରମା ଓ ଭତ୍ତାର ବ୍ୟବସ୍ଥା ହେଲେ ଆର୍ଥିକ ଓ ମାନସିକ ଯନ୍ତ୍ରଣା ସେମାନଙ୍କୁ ଭୋଗିବାକୁ ପଡୁଛି ।

ବିଧାୟକ ଓ ମନ୍ତ୍ରୀମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍‌ଟି ଗତ ୯ ତାରିଖ ଦିନ ବିଧାନସଭାରେ ଗୃହୀତ ହେବା ପରେ ସାଧାରଣରେ ଯେଉଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଫଳରେ ନେମାନଙ୍କ ମଧ୍ୟରେ ଛନକା ପଶିଯାଇଥିଲା । ଦଳୀୟ ବିଧାୟକମାନଙ୍କ ପକ୍ଷରୁ ଏହାର ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା । ଗତ ୧୮ ତାରିଖ ଦିନ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଧାୟକମାନଙ୍କର ଏ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଅଂଶ ଗ୍ରହଣ କରିଥିଲେ । ଏହି ବର୍ଦ୍ଧିତ ଦରମା ଓ ଭତ୍ତା ନିଶ୍ଚିତ କମିବ ବୋଲି ବୈଠକରେ ଜଣାଇ ଦିଆଯାଇଛି ବୋଲି ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । ସେପର୍ଯ୍ୟନ୍ତ ମଧ୍ୟ ଉକ୍ତ ବିଲ୍‌ଟି ଅନୁମୋଦନ ପାଇଁ ରାଜ୍ୟପାଳଙ୍କ ନିକଟକୁ ଯାଇନଥିଲା । ଏହି ଗଣତନ୍ତ୍ର ଶାସନରେ ରାଜ୍ୟର ଜନସାଧାରଣ ହେଉଛି ରାଜ୍ୟର ମାଲିକ । ସେମାନଙ୍କ ଟିକସରେ ହିଁ ରାଜ୍ୟ ଶାସନ ପରିଚାଳିତ ହୋଇଥାଏ । ଆଜି ରାଜ୍ୟବାସୀଙ୍କ ସ୍ୱର ଅତି କ୍ଷୀଣ ନ ହୋଇ ଅତି ଦୃଢ଼ ଓ ଶକ୍ତ ହୋଇଛି ।


***କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା***
***ମୋ. ୮୯୧୭୨୧୩୦୭୩***


## ସେକାଳର ଆସନ, ଶାସନ ଓ ପୋଷଣ

**■ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ■**

**ବୈ**ଦିକ ଭାରତର ଶାସନ, ଆସନ, ସାମାଜିକ ଧାରା ଓ ଧର୍ମକର୍ମ ବ୍ୟବସ୍ଥା ଏବଂ ମାନବୀୟ ସଂସ୍କୃତି ଓ ସ୍ୱୀକୃତି ସାରା ବିଶ୍ୱକୁ ଆଲୋକିତ କରିଥିଲା। ଏଥିପାଇଁ କୁହାଯାଏ ଭାରତକୁ ଦେବତାର ଦେଶ ବୋଲି କୁହାଯାଇଥାଏ। ଉଦାହରଣ ସ୍ୱରୂପ ଉଲ୍ଲେଖ କରୁଛି ଯେ– 'ଗାୟନ୍ତି ଦେବାଃ ଖିଳଗୀତିକାନି ଧନ୍ୟାସ୍ତୁତେ ଭାରତଭୂମି ଭାବେ ସ୍ୱର୍ଗାପବର୍ଗାଃ ତଦମାର୍ଗଭୂତାଃ ଭବନ୍ତି ଲୋକାଃ ନନୁଦେବ କଳ୍ପା' ଅର୍ଥାତ୍ ଭାରତର ବୈଦିକ ଯୁଗର ଆଚାର, ବିଚାର, ସଂସ୍କାର ଜୀବନବୋଧ ସମଗ୍ର ବିଶ୍ୱରେ ଆଲୋକ ସୃଷ୍ଟି କରିଥିଲା। ସାମାଜିକ, ବୈୟକ୍ତିକ ଏବଂ ସାମୂହିକ ଜୀବନଧାରା ସମଗ୍ର ବିଶ୍ୱରେ ଜୀବନାଲୋକକୁ ବିସ୍ତାରିତ କରିଥିଲା। ସାରା ବିଶ୍ୱରେ ରାଷ୍ଟ୍ରଧର୍ମକୁ ଗୋଟିଏ ଧାରାରେ ପକାଇବାକୁ ମନୁ, ଗର୍ଗ ପ୍ରଭୃତି ଅଧ୍ୟାତ୍ମବାଦୀ ପୁରୁଷମାନେ ନିଜ ଆଚରଣ, ଉଚ୍ଚାରଣରେ ଜୀବନରେଖାକୁ ନିୟନ୍ତ୍ରିତ କରିଥିଲେ। ମନୁ ମହର୍ଷି ମାନବଜାତିର ଦ୍ରଷ୍ଟା ଓ ସ୍ରଷ୍ଟା ଭାବରେ ପରିଚିତ ।

ଯାହା ହେଉ ମନୁ ମହର୍ଷି ସେ କାଳର ଆସନ ଓ ଶାସନ ସମ୍ପର୍କରେ ଉଲ୍ଲେଖ କରିଥିବା ଗ୍ରନ୍ଥରୁ ଜଣାଯାଏ। ମନୁଙ୍କ ରାଜଧର୍ମ, କର୍ମ ଓ ଜୀବନଧାରା ସମ୍ପର୍କରେ ଯେଉଁ ଇଙ୍ଗିତ ଦେଇଯାଇଛନ୍ତି ଆଜିର ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା କେତେ ସେ ସମ୍ପର୍କରେ କିଛି ଆଲୋକପାତ କରାଯାଉଛି । ସେ କାଳର ରାଜା ଓ ଶାସନ ସମ୍ପର୍କରେ ବହୁ ତଥ୍ୟ ଜାଣିବାକୁ ମିଳେ । ରାଜା ପ୍ରଜାଙ୍କ ମଙ୍ଗଳ ଦୃଷ୍ଟିରୁ ନିୟମ ବିଧାନ କରନ୍ତି ଓ ପ୍ରଜାଙ୍କ ଅମଙ୍ଗଳକୁ ପ୍ରଶ୍ରୟ ଦିଅନ୍ତି ନାହିଁ । କ୍ଷମତା ବଳରେ ଅବିଚାରିତ ଭାବରେ ଦଣ୍ଡ ପ୍ରୟୋଗ କଲେ ବିନାଶ ଘଟିଥାଏ । (ମନୁସ୍ମୃତି ୧୩।୧୯) । ରାଜଧର୍ମ ରାଷ୍ଟ୍ରରେ ନ୍ୟାୟ ଅନ୍ୟାୟ ବିଚାର ଠିକଣା ଭାବେ ନ ଚାଲିଲେ ଧ୍ୱଂସକାରୀ ଅବସ୍ଥା ସୃଷ୍ଟି ହୋଇଥାଏ । ଯେଉଁ ରାଜା ଉପଯୁକ୍ତ ଅନୁଚର ରହିତ, ଅସହାୟ, ଲୋଭୀ ଓ ବିଷୟାସକ୍ତ, ସେ ନ୍ୟାୟପୂର୍ବକ ଚଳିପାରନ୍ତି ନାହିଁ । ଯଥା– 'ସୋସହାୟନ, ମୂଢ଼େନ, ଲୁବ୍ଧେନାକୃତ ବୁଦ୍ଧିନା ନଶକ୍ୟୋ ନ୍ୟାୟଣେ ନେତୁଂ ଶତ୍ରେନ ବିଷୟସୁଚା'

ଉତ୍ସାହୀ ରାଜା କ୍ରୋଧୀ ବ୍ୟସନପ୍ରିୟ ଓ ନିଜ ଇଚ୍ଛାରେ ଚଳିବା ଧାରାକୁ ପରିତ୍ୟାଗ କରିବେ । ମନୁଙ୍କ ଉକ୍ତିରେ କୁହାଯାଇଛି– କାମ, କ୍ରୋଧ, ଲୋଭ, ମୋହ, ମାୟା ଗୋଟିଏ ଗୋଟିଏ କ୍ଷତିର କାରଣ ହୋଇଥାଏ। ରାଜାଙ୍କର କ୍ରୋଧ ଜାତ ଦଣ୍ଡ ବିନା ଅପରାଧରେ ଦେବା, କଠୋର ବଚନ କହିବା ଏବଂ ଧନ ଅପବ୍ୟୟ କରିବା ଏହି ତିନୋଟି ରାଜା ବା ଶାସକଙ୍କୁ କ୍ଷତିରେ ପକାଇଥାଏ । ଭଲ ରାଜା ଶାସ୍ତ୍ରବିତ୍ ପଣ୍ଡିତ, ବୀର କର୍ମଚାରୀ, କୁଳୀନ ଓ ସୁପରିକ୍ଷୀତ ବ୍ୟକ୍ତିଙ୍କୁ ମନ୍ତ୍ରୀ ଭାବେ ନିଯୁକ୍ତ କରିବେ । (ମନୁ ୩୨।୫୪)। ମନୁଙ୍କ ଭାଷାରେ ଧର୍ମଭୀରୁମାନଙ୍କୁ ସାଧାରଣ କାର୍ଯ୍ୟରେ ନିଯୁକ୍ତି ଦେବେ ଏବଂ ସୁଦକ୍ଷ, କୁଳୀନ ସାଧୁବ୍ୟକ୍ତିଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ରଖିବେ । ଅର୍ଥ–

ତେଷାମର୍ଥେ ନିଯୁଂଜୀତ ଶୂରାନ୍
ଦକ୍ଷାନ୍ କୁଳୋଦ୍‌ଗତାନ୍
ଶୁଚୀନା କରକର୍ମାନ୍ତେ ଭୀରୁ
ନନ୍ତନିବେଶନେ। (ମନୁ ୩୬।୬୨)

ସ୍ଥୂଳତଃ କୁହାଯାଇଛି ଯେ କୁଳୀନ, ସାଧୁ, ଅନ୍ୟର ଇଙ୍ଗିତ, ଅନେକ ଭଲଭାବରେ ଚତୁରକୁ ଚିହ୍ନିପାରୁଥିବା ଶାସ୍ତ୍ରଜ୍ଞଙ୍କୁ ଦୂତ ଭାବରେ ନିଯୁକ୍ତ କରିବେ । ସେହିପରି ସ୍ମୃତିଶୀଳ, ବପୁବାନ୍, ନିର୍ଭିକ, ସୁବକ୍ତା ଓ ଦେଶବତ୍ସଳ ବ୍ୟକ୍ତିଙ୍କୁ ରାଜଦୂତ କରାଯାଏ । ଉପଯୁକ୍ତ ରାଜାଙ୍କ ମନ୍ତ୍ରୀ ଦୋଷୀଙ୍କୁ ଦଣ୍ଡଦେବା, ନିର୍ଦ୍ଦୋଷଙ୍କୁ ଦଣ୍ଡ ନଦେବା ଅଧିକାର ଓ ରାଜାଙ୍କ ଅଧୀନରେ କୋଷ ଓ ରାଷ୍ଟ୍ର ଏବଂ ଦୂତ ଅଧୀନରେ ସନ୍ଧିବିଗ୍ରହ (କୂଟନୀତି ବ୍ୟବସ୍ଥା) ରଖାଯିବ । ସେହିପରି କଦାପି କେତେବେଳେ ଛନ୍ଦ କରିବ ନାହିଁ ଓ କପଟହୀନ ବ୍ୟବହାର କରିବ । ସର୍ବଦା ବିରୋଧୀଙ୍କ କପଟ ବ୍ୟବହାର ଜାଣିରଖିଥିବ (ମନୁ ୭।୧୦୪)। ରାଜା କାର୍ଯ୍ୟକୁ ଦେଖି ନ୍ୟାୟ ଅନୁସାରେ ତୀକ୍ଷ୍ଣ କିମ୍ବା ମୃଦୁ ପ୍ରକୃତି ହେବେ । ଏହି କାର୍ଯ୍ୟ ପର୍ଯ୍ୟବେକ୍ଷଣ କରି ସେ ସ୍ଥାନରେ ଧର୍ମଜ୍ଞ, ବୁଦ୍ଧିମାନ, ଜିତେନ୍ଦ୍ରିୟ ଓ କୁଳୀନ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବେ । ମନ୍ତ୍ରୀମାନଙ୍କ ସହିତ ରାଜା ବିଭିନ୍ନ ବିଷୟରେ ମନ୍ତ୍ରଣା କରିବେ । ଏହା ଗୋପନୀୟ ହେବା ଉଚିତ୍ । ଯାହାଙ୍କ ବିଚାର ଶୁଦ୍ଧ, ପରୋପକାରୀ ସେ ରାଜା ଧନହୀନ ହୋଇ ସୁଦ୍ଧା ସମଗ୍ର ବିଶ୍ୱକୁ ଶାସନ କରିବାଂ ସମର୍ଥ ହୋଇଥାନ୍ତି । ଯଥା–

ଯସ୍ୟମନ୍ତ୍ରମ୍ ନ ଜାନନ୍ତି ସମାଗମ୍ୟ
ପୃଥକ୍‌ଜନାଃ
ସକୃତ୍ସ୍ନାମ୍ ପୃଥ୍ୱୀଂ ଭୁଂକ୍ତେ
କୋଷୋହୀନୋ ପି ପାର୍ଥିବଃ।

**(କ୍ରମଶଃ)**


*ସମ୍ପାଦକ, 'ନିତ୍ୟ ନୂତନ'*
ଭୁବନେଶ୍ୱର


## ସାଧନା

**ଅଲେଖ ଚନ୍ଦ୍ର ସାମଲ**

**ପୂ**ର୍ଣ୍ଣଜ୍ଞାତସାରରେ ବିଧିବଦ୍ଧ ଭାବରେ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାକୁ ସାଧନା କୁହାଯାଏ । ସାଧନା ଉଦ୍ଦେଶ୍ୟରେ ହିଁ ଆମେ ଏଠାକୁ ଆସିଥାଇଁ। ଅଭ୍ୟାସ ଓ ସାଧନା– ଏ ଦୁଇଟି ଏକାର୍ଥ ଶବ୍ଦ। ଜୀବନକୁ କ୍ଷୁଦ୍ର ସଂକୀର୍ଣ୍ଣ କରି ବାନ୍ଧି ରଖି ବା ବନ୍ଧନରୁ ମୁକ୍ତ କରିଦେବା ହିଁ ସାଧନାର ଲକ୍ଷ୍ୟ। ସାଧନା ଏକ ଆଜୀବନ ପ୍ରକ୍ରିୟା। ଜୀବନର ପ୍ରତ୍ୟେକଟି ଦିନ, ପ୍ରତ୍ୟେକଟି ଘା, ପ୍ରତ୍ୟେକଟି ମିନିଟ ହେଉଛି କିଛି କିଛି ଅଗ୍ରଗତି ସୂଚକ। ଏହି ସୁଦୀର୍ଘ ଯାତ୍ରା ପଥରେ ପ୍ରତିବନ୍ଧକର ସଂଖ୍ୟା ଅଗଣିତ। କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କୁ ପଥପ୍ରଦର୍ଶକ ରୂପରେ ଗ୍ରହଣ କରିଛନ୍ତି, ସେତେ ଦିନ ପର୍ଯ୍ୟନ୍ତ ଚିନ୍ତିତଶଙ୍କିତ ହେବାର କିଛି ନାହିଁ । ଆପଣ ଯେ ନିଶ୍ଚିତ ଭାବରେ ଆରକୂଳର ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବେ, ସେଥିରେ ସନ୍ଦେହ ନାହିଁ । କେତେକ ଲୋକ ଆଧ୍ୟାତ୍ମିକ ମାର୍ଗ ବିଷୟ ଜାଣିବାକୁ କେବଳ କୌତୁହଳ ପ୍ରଦର୍ଶନ କରିଥାନ୍ତି । ସେମାନଙ୍କ ଠାରେ ମୁମୁକ୍ଷା ନଥାଏ । ସେମାନେ ଭାବନ୍ତି, ଯଦି କିଛି ଯୌଗିକ କ୍ରିୟା କରିଦେବେ, ତେବେ ନିଶ୍ଚିତ ଭାବରେ କିଛି ସିଦ୍ଧି ବା ଶକ୍ତି ମିଳିଯିବ କିନ୍ତୁ ପ୍ରକୃତ କ୍ଷେତ୍ରରେ ଯଦି ସେପରି କିଛି ଶକ୍ତି ନ ମିଳିଲା, ତେବେ ସେମାନଙ୍କର ଧୈର୍ଯ୍ୟ ଭାଙ୍ଗିଯାଏ, ସେମାନେ ସାଧନାର ଜଳାଞ୍ଜଳି ଦେଇ ଆଧାତ୍ମିକ ପଥ ପରିତ୍ୟାଗ କରନ୍ତି ଏବଂ ଯୋଗ ଓ ଯୋଗୀମାନଙ୍କୁ ପରିହାସ କରନ୍ତି । କିନ୍ତୁ ଜାଣି ରଖନ୍ତୁ, କେବଳ କୌତୁହଳ କୌଣସି ଆଧ୍ୟାତ୍ମିକ ପ୍ରଗତିଲାଭରେ ସହାୟକ ହେବନାହିଁ। କୌତୁହଳାଚାର ନଷ୍ଟାଚାର ଅପେକ୍ଷା ଅଧିକ ଘୃଣ୍ୟ। ତେଣୁ ନିଜର ଚିନ୍ତାଧାରା ପରୀକ୍ଷା କରି ଦେଖନ୍ତୁ। ଆପଣଙ୍କର ଆଧାତ୍ମିକ ତୃଷ୍ଣା ରହିଛି, ନା କେବଳ କୌତୁହଳ ରହିଛି? ନିଜର ମନୋଭାବ ପରୀକ୍ଷାକରି ତାହା ଜାଣି ନିଅନ୍ତୁ। ତା'ପରେ ନିତ୍ୟ ସତସଙ୍ଗ କରି, ନିତ୍ୟ ଧର୍ମଗ୍ରନ୍ଥ ପାଠ କରି, ନିତ୍ୟ ପ୍ରାର୍ଥନା, ଜପ ଓ ଧ୍ୟାନ କରି କୌତୁହଳ ପ୍ରବଣତାକୁ ମୁମୁକ୍ଷାରେ ପରିବର୍ତ୍ତିତ କରିଦିଅନ୍ତୁ । ନିଜର ସାଧନାରେ ଆପଣଙ୍କ ଶ୍ରଦ୍ଧା ଓ ଆଗ୍ରହ ରହିଥିବା ଆବଶ୍ୟକ। ସାଧନାର ପ୍ରଣାଳୀ ଓ ସାଧନାର ଉପକାର ବିଷୟ ଆପଣ ହୃଦୟଙ୍ଗମ କରିଥିବା ଆବଶ୍ୟକ। ଆପଣଙ୍କ ପାଇଁ ଯେଉଁ ପ୍ରକାର ସାଧନା ଆବଶ୍ୟକ, ସେହିପ୍ରକାର ସାଧନା ଗ୍ରହଣ କରିବା ଆବଶ୍ୟକ । ସାଧନା କରିବା ଲାଗି ଆପଣଙ୍କଠାରେ ଶକ୍ତି ଓ ସାମର୍ଥ୍ୟ ରହିଥିବା ଆବଶ୍ୟକ । ତା'ହେଲେ ଯାଇ ଆପଣ ସାଧନାରୁ ଆନନ୍ଦ ପାଇବେ ସାଧନାରେ ସଫଳତା ଅର୍ଜନ କରିପାରିବେ ।


ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ. ୯୪୩୭୨୫୬୭୧୨


## ଆମକୁ ନିଜକୁ ଖୋଜିବାକୁ ପଡିବ



### ଦୁନିଆର ହାଲ୍
**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**

**ଆ**ମ୍ଭେମାନେ ମଣିଷ। ସମସ୍ତଙ୍କ ମଧ୍ୟରେ ଆମେ ଅଧିକ ବିଜ୍ଞ । ଆମେ ଶ୍ରେଷ୍ଠ ମଧ୍ୟ। ଆମେ ଜ୍ଞାନୀ, ସବୁ ଜ୍ଞାନର ଅଧିକାରୀ। ଆମେ ଏମିତି ପ୍ରାଣୀଟିଏ ଯେ ଆମେ କୌଣସି ସମୟରେ ଅନ୍ୟକାହାଠୁ ନ୍ୟୂନ ବୋଲି ବିଚାର କରୁନା । କିନ୍ତୁ ଆମେ ଆମ ନିଜର ସ୍ଥିତିକୁ ହୃଦବୋଧ କରନ୍ତି ନାହିଁ । ଆମପାଇଁ ଯେଉଁ ସୁନ୍ଦର ଜୀବନଟିଏ ଆସିଥାଏ, ତା'ର ପ୍ରତିବନ୍ଧକ ଶକ୍ତିମାନେ ଆମକୁ କବଳିତ କରି ରଖିଥାଆନ୍ତି । ଏହି ପ୍ରକାରର କବଳିତ ଜୀବନରେ ଆମେ ଆମ ବିବେକକୁ ଧରାଶାୟୀ କରିଥାଆନ୍ତି। ଆମ ସହିତ ଆମର ଲୋଭ ଏପରି ବିସ୍ତାରକରି ରହିଥାଏ ଯେ ଆମେ ଆମ ଲୋଭର କୁତ୍ସିତ ପରିମାଣକୁ ହୃଦୟଙ୍ଗମ ନକରିପାରି ପଶୁଠାରୁ ଅଧିକ ହୀନ ହୋଇଯାଇ ଥାଆନ୍ତି ।

ମଣିଷ ନିଜ ପାଇଁ, ସମାଜ ପାଇଁ ଯେଉଁ କର୍ତ୍ତବ୍ୟ ପରାୟଣ ହେବାକଥା, ହୋଇପାରେ ନାହିଁ । ସେ ଥରେ ଲୋଭାଶକ୍ତ ହେଲେ, ତାଙ୍କୁ ଯେଉଁମାନେ ଦୁର୍ବଳ କରିପାରିବେ, ସେ ଶକ୍ତିମାନଙ୍କ ପାଖରେ ହାର ମାନିଯାଏ । ଥରେ ହାରିଗଲେ, ସେ ହାରିବାଟା ତା' ପାଇଁ କାଳହୋଇ ଉଭା ହୁଏ । ସେଇ କାଳ କରାଳ ପରିସ୍ଥିତିରୁ ସେ ନିଜକୁ ରକ୍ଷା କରିପାରେ ନାହିଁ। ତା ନିଜ ଜୀବନର ଏଇ ପର୍ଯ୍ୟାୟରେ ସେ ପଶୁଠାରୁ ହୀନ ହୋଇଯାଏ । ମଣିଷ ବିଚାର କରିବା କଥା ଯେ, ସେ କାହିଁକି ମଣିଷ । ସେ ମଣିଷ ଏଇଥିପାଇଁ ଯେ ତା' ପାଖରେ ଦିବ୍ୟତ୍ୱ ଅଛି, ପଶୁତ୍ୱ ନାହିଁ । ତା' ପାଖରେ ଦିବ୍ୟତ୍ୱ ଅଛି ବୋଲି ତା' ନିକଟରେ ପଶୁତ୍ୱର ଯେଉଁମାନେ ଭୂଷଣ, ସେମାନେ ପହଞ୍ଚି ପାରନ୍ତି ନାହିଁ ।

ମଣିଷ ଅନେକ କଥାରେ ଉର୍ଦ୍ଧ୍ୱରେ । ସେ ବିବେକୀ, ଏ ବିବେକ କାହା ପାଖରେ ନାହିଁ । ସେ ବୁଦ୍ଧିମାନ ଓ କୌଶଳୀ, ଏପରି ବୁଦ୍ଧି କାହାପାଖରେ ମଧ୍ୟ ନାହିଁ । ସେ ଧୈର୍ଯ୍ୟବାନ । ତା' ବ୍ୟତିତ ଅନ୍ୟମାନେ ସାଧାରଣ କଥାରେ ଧୈର୍ଯ୍ୟ ହରାଇ ଥାଆନ୍ତି । ଏଇ ଧୈର୍ଯ୍ୟ ହୀନତା ପାଇଁ ସେ ଅମଣିଷ ହୋଇଯାଏ ।

ଏ ସମ୍ପର୍କରେ ବହୁତ ଗବେଷଣା କରାଯାଇଛି । ପଶୁମାନେ ସେମାନଙ୍କଦ୍ୱାରା ଜନ୍ମିତ ହୋଇଥିବା ନିଜର ସନ୍ତାନ ସନ୍ତତି ପାଇଁ ସ୍ନେହ ଓ ପ୍ରେମ ପ୍ରଦର୍ଶନ କରିଥାଆନ୍ତି । ତାଙ୍କ ସନ୍ତାନ ସନ୍ତତି ଅସୁସ୍ଥ ଥିଲେ ତାଙ୍କୁ ଛାଡି ଯାଆନ୍ତି ନାହିଁ, ତାଙ୍କୁ ଜଗି ବସି ଥାଆନ୍ତି । କିନ୍ତୁ ପଶୁ ହୋଇ ଜନ୍ମ ହୋଇଥିବା ପଶୁଟିର ଭଗବାନଙ୍କୁ ପ୍ରାର୍ଥନା କରିବାର ପ୍ରବୃତ୍ତି ନଥାଏ । ପଶୁମାନଙ୍କର ଜୀବନଚର୍ଯ୍ୟା ଘୃଣ୍ୟ ଏବଂ କୌଣସି ସମୟରେ ଗ୍ରହଣୀୟ ନୁହେଁ । ମଣିଷ ଓ ପଶୁର ଜୀବନଚର୍ଯ୍ୟା ତୁଳନୀୟ ନୁହେଁ ।

ମଣିଷର ଆଉଏକ ବିଶେଷ ଉପଲବ୍ଧି, ସେ ନିଜ କ୍ରିୟା କର୍ମର ତ୍ରୁଟିକୁ ଜାଣିପାରେ, ଏହାକୁ ହୃଦୟଙ୍ଗମ କରିଥାଏ । ଏହା ତାକୁ ସଚେତନ କରାଇଥାଏ । ସେଇ ସଚେତନତା ତାକୁ ଜୀବନର ଆଲୋକ ପ୍ରଦାନ କରିଥାଏ । ପଶୁ କେବଳ ପଶୁ ଜୀବନଟିଏ ଭୋଗି ରହେ । ସେଥିରୁ ବାହାରି ଆସିବା ପାଇଁ ତା'ର କାମନା ନଥାଏ । ପଶୁ ଜୀବନ ମଣିଷ ଜୀବନଠାରୁ ଅତି ନିକୃଷ୍ଟ ସେ ତାହା ହୃଦୟଙ୍ଗମ କରିପାରି ନଥାଏ । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପରିବର୍ତ୍ତେ ଆମେ ବିଶ୍ୱର ଶାନ୍ତି ନଷ୍ଟ ହୋଇଯାଉ ବୋଲି କାମନା କରୁଛେ। ଆମ ମଧ୍ୟରୁ ଯେଉଁମାନେ ଏପରି ଶକ୍ତିର ଅଧିକାରୀ ହୋଇଛନ୍ତି ସେମାନେ ଆଶା କରୁଛନ୍ତି ଯେଉଁ ପରମାଣୁ ଅସ୍ତ୍ରଶସ୍ତ୍ର ସେମାନେ ଉଦ୍ଭାବନ କରି ନିଜ ପାଖରେ ରଖିଛନ୍ତି, ତାକୁ ପ୍ରୟୋଗ କରି ଏପରି ଶକ୍ତିଶାଳୀ ହେବେ ଯେ ଯେପରି ଶକ୍ତିର ଆଉ କେହି ଅଧିକାରୀ ହୋଇପାରିବେ ନାହିଁ । ବିଂଶ ଶତାବ୍ଦୀର ହିରୋସୀମା ଓ ନାଗାସାକିରେ ପରମାଣୁ ଅସ୍ତ୍ରର ପ୍ରୟୋଗ କିପରି ବିଶ୍ୱକୁ ଧ୍ୱଂସ କରିଥିଲା, ତାହା ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ଅନୁଭବ ହୋଇନାହିଁ। ନହେଲେ କ'ଣ ରାଷ୍ଟ୍ରମାନେ ପ୍ରତିଯୋଗିତା କରି ଜଣକ ପରେ ଜଣେ ପରମାଣୁ ଅସ୍ତ୍ରର ଉତ୍ପାଦନ ଅଗ୍ରଣୀ ଭୂମିକା ନେଇଥାଆନ୍ତା । ଏବେ ଅନେକ ଏପରି ଅସ୍ତ୍ରର ଅଧିକାରୀ । ସେମାନଙ୍କ ମନରେ ଅହଂକାର ଅଛି ଆମେ ସର୍ବଶ୍ରେଷ୍ଠ, ପରମାଣୁ ଅସ୍ତ୍ର ପ୍ରୟୋଗ କରି ମନୁଷ ଜୀବନର ଶ୍ରେଷ୍ଠତ୍ୱ ପ୍ରଦାନ କରିବୁ। ଆମେରିକା, ଚୀନ, ଉତ୍ତର କୋରିଆ, ଋଷିୟା ୟୁକ୍ରେନ କେଉଁଠି ମନୁଷତ୍ୱ ଖୋଜିବେ । ମନୁଷତ୍ୱ ଓ ପରମାଣୁ ଅସ୍ତ୍ରଶସ୍ତ୍ର ମଧ୍ୟରେ ଯଦି କ୍ରିକେଟ ଅଥବା ଫୁଟବଲ ମାଚ ହୁଅନ୍ତା କିଏ ଜିତିବ ବୋଲି ଆଶା କରିବା । ମନୁଷତ୍ୱ ଲୁଚି ଗଲାପରି ଅନୁଭବ ଆସୁଛି ।

ଏସବୁ ବ୍ୟତିତ ଆମର ସାଧାରଣ ଜୀବନରେ ଆମର ମନୁଷ୍ୟତା ଲୋପ ପାଇଯାଉଛି । ଆମ୍ଭେମାନେ ମଣିଷଟିଏ ହେବା ପରିବର୍ତ୍ତେ ଅମଣିଷଟିଏ ହୋଇଯାଉଛେ । ଭଗବାନ ଆମକୁ ଦେଇଥିବା ଅନେକ ଶକ୍ତିକୁ ଠିକ ଭାବରେ ପ୍ରୟୋଗ କରି ପାରୁନେ । ଆମ ଯୌନ ଜୀବନକୁ ଆମ୍ଭେମାନେ ବିଶୃଙ୍ଖଳିତ କରିପକାଉଛେ । ଆମେ ପଶୁଠାରୁ ହୀନ ହୋଇଯାଉଛେ । ଆମ କ୍ରୋଧର ସୀମା ନାହିଁ । ଆମ ବିବେକର ପାହାଡ଼ ତା'ର ପରାକ୍ରମ ବିଷୟରେ ସଚେତନ ନୁହଁ । ସେ ଭାବୁଛି ଯେ ତାଠୁ ମାଟି ପଥର ଖସିଗଲେ, ସେ ନିଶ୍ଚିହ୍ନ ହୋଇଯିବ । ମଣିଷ ତା'ପରେ କ'ଣ ପଶୁ ହୋଇଯିବ?

ସାମାଜିକ ଜୀବନଟିଏ ଗଢିବା ପାଇଁ ଏତେ ସହଜ ନୁହେଁ। ସାମାଜିକ ବକ୍ତିଟିଏ ହେଲେ ମଣିଷ କ'ଣ କରିବ ନକରିବ ସେ ବିଷୟରେ ବିଚାର ପ୍ରୟୋଗ କରିବା ଆବଶକ। ପୌରାଣିକ ପ୍ରବୃତ୍ତି ତା' ନିଜ ପାଖରେ ସଞ୍ଚୟ କରିଥିଲେ ସେ ମଣିଷ ହୋଇପାରିବ ନାହିଁ । ଅସାମାଜିକ ଜୀବନଟିଏ ସବୁବେଳେ ମଣିଷକୁ ଆକର୍ଷିତ କରିଥାଏ । ସାମାଜିକ ଜୀବନରେ ଶୃଙ୍ଖଳା ଆସିଲେ ସିନା, ସେ ଭଲ ଚରିତ୍ରର ମଣିଷଟିଏ ହେବ। ଆମ ସାମାଜିକ ଜୀବନ ଶୃଙ୍ଖଳିତ କି ନୁହେଁ, କିଏ ବିଚାର କରିବ। ସେପରି ଆମେ ନିଜେ ଶୃଙ୍ଖଳିତ ନହୋଇ ସମାଜକୁ ବିଚାର ପରିଧିକୁ ନେଇପାରିବା ତ। ବିଶୃଙ୍ଖଳାଙ୍କ ପାଇଁ ବିଭିନ୍ନ ପ୍ରକାରର କୋଠର ଦଣ୍ଡ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ମଣିଷ ନିଜେ ଏତେ ବିଶୃଙ୍ଖଳିତ ହୋଇଯାଉଛି ଯେ ତାକୁ ସେପରି ଜୀବନରୁ ଉଦ୍ଧାର କରିହେବ ନାହିଁ। ମଣିଷ ଯେଉଁ ରୂପ ଧାରଣ କରୁପଛେ ମଣିଷଟିଏ ହୋଇ ରହୁନାହିଁ। ନାଆଁ ନେବାର ଆବଶ୍ୟକତା ନାହିଁ, ଅନେକ ବଡ଼ ବଡ଼ ସାଧୁସନ୍ଥ ବାଟ ଢୁଡି ଯାଉଛନ୍ତି ।

ଆମେ ହିଂସା ସୃଷ୍ଟି କରି, ଆନ୍ଦୋଳନ କରି, ବିଦ୍ୱେଶର ଜାଲ ବିସ୍ତାର ଓ ନାନା କଥା ଅକଥା ଘଟାଇ ଆମ ଅଧିକାର ପାଇଁ ଲଢୁଛନ୍ତି। ମନୁଷ୍ୟତ ମିଳୁଛି କି ନାହିଁ, ଆମ୍ଭେମାନେ ସନ୍ଦିହାନ ଆମେ କାହିଁକି ଆମ ଅଧିକାର ପାଇଁ ଶାନ୍ତିପ୍ରିୟ ଭାବରେ ଆନ୍ଦୋଳନ କରି ନିଜର ଜୀବନକୁ ବିଦ୍ୱେଶରୁ ମୁକ୍ତିକରି ପ୍ରେମମୟ ନକରିବା ।


ଜେଲରୋଡ଼, ଖୋର୍ଦ୍ଧା,
ମୋ ୯୪୩୭୩୦୨୪୧୭

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ





# ଯିଶୁଙ୍କ ଦ୍ୱାଦଶ ଦୂତ

ଖ୍ରୀଷ୍ଟିୟ ଧାର୍ମିକ ବିଶ୍ୱାସ ଓ ଧର୍ମଯାଜକୀୟ ଶାସ୍ତ୍ରରେ ପ୍ରଭୁ ଯିଶୁଙ୍କ ପ୍ରଥମ ୧୨ଜଣ ଶିଷ୍ୟଙ୍କ ବିଷୟରେ ଉଲ୍ଲେଖ ଅଛି । ଏମାନେ ଖ୍ରୀଷ୍ଟିୟ ଜଗତରେ ଆପୋଷ୍ଟୋଲ ବା ଧର୍ମପୁରୋଧା ଭାବରେ ଖ୍ୟାତ । ଏମାନେ ଯିଶୁଖ୍ରୀଷ୍ଟଙ୍କ ଆଦ୍ୟ ଅନୁଗାମୀ । ଯିଶୁଙ୍କ ଜୀବନକାଳ ଓ ଧର୍ମ-ଜ୍ଞାନବାଣୀ ପ୍ରଚାର କାର୍ଯ୍ୟ ସମୟରେ ଏହି ୧୨ଜଣ ପ୍ରଭୁଙ୍କ ନିକଟତମ ଥିଲେ । ସେମାନେ ହିଁ ଯିଶୁଙ୍କ ଗସ୍‌ପେଲ୍ (ଜୀବନ, ତ୍ୟାଗ, ଉପଦେଶ) ବାଣୀର ଆଦ୍ୟ ପ୍ରଚାରକ । ଖ୍ରୀଷ୍ଟିଆନ ପରମ୍ପରାରେ ଯିଶୁଙ୍କ ଆଦ୍ୟ ଅନୁଗାମୀଙ୍କ ସଂଖ୍ୟା ୧୨ବୋଲି ବିଶ୍ୱାସ ରହିଥିବା ବେଳେ ଭିନ୍ନ ଭିନ୍ନ ଗସ୍‌ପେଲ ଲେଖକଙ୍କ ମତ ଏଥିନେଇ ଭିନ୍ନ । ଏହି ଆପୋଷ୍ଟୋଲମାନେ ଯିଶୁଙ୍କ ଜୀବିତାବସ୍ଥାରେ ତାଙ୍କ ସହ ଥିଲେ ଓ ତାଙ୍କ ପରେ ପ୍ରଭୁଙ୍କ ବାଣୀ ସାରାଜଗତରେ ପ୍ରସାର କରିଥିଲେ । ମାତ୍ର ପଲ୍ ନାମ ଜଣେ ଇହୁଦୀ ଧର୍ମାବଲମ୍ବୀଙ୍କୁ ଯିଶୁଖ୍ରୀଷ୍ଟ କବରରୁ ଉଠିବା ପରେ ଧର୍ମବାଣୀ ପ୍ରଚାରର ନିର୍ଦ୍ଦେଶ ଦେଇଥିଲେ । ପଲ୍‌ଙ୍କୁ ମଧ୍ୟ ଆପୋଷ୍ଟଲ ଭାବରେ





ବିବେଚନା କରାଯାଏ । ଆପୋଷ୍ଟୋଲ୍‌ମାନଙ୍କ ଜୀବଦ୍ଦଶାରେ ଆଦ୍ୟ ଖ୍ରୀଷ୍ଟିୟ ସମୟକୁ କୁହାଯାଏ ଆପୋଷ୍ଟୋଲିକ୍ ଏଜ୍ ବା ଆପୋଷ୍ଟୋଲ୍‌ମାନଙ୍କ ସମୟ । ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଆପୋଷ୍ଟୋଲ୍‌ମାନେ ସମଗ୍ର ରୋମାନ୍ ସାମ୍ରାଜ୍ୟ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଭାରତରେ ଚର୍ଚ୍ଚ ସ୍ଥାପନ କରିସାରିଥିଲେ । ଖ୍ରୀଷ୍ଟିୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ଆପୋଷ୍ଟୋଲମାନଙ୍କୁ ପ୍ରଭୁତ୍ୱର ପ୍ରମାଣ ଭାବରେ ଗ୍ରହଣ କରାଯାଇଥିଲା । ଯେଉଁ ଚର୍ଚ୍ଚଗୁଡ଼ିକୁ ଆପୋଷ୍ଟୋଲମାନେ ସ୍ଥାପନ କରିଥିଲେ ସେଗୁଡ଼ିକ 'ଆପୋଷ୍ଟୋଲିକ୍ ସି' କୁହାଗଲା । ଅନେକ ଖ୍ରୀଷ୍ଟିୟ ଧର୍ମପୁସ୍ତିକା ଆପୋଷ୍ଟୋଲମାନଙ୍କ ଜୀବନ ଓ କାର୍ଯ୍ୟର ଉଲ୍ଲେଖ କରିଛନ୍ତି । ହିନ୍ଦୁମାନେ ବିଖ୍ୟାତ ମୁନିଋଷିଙ୍କଠାରୁ ନିଜର ଗୋତ୍ର ଆହରଣ କରିଥିବା ପରି ଖ୍ରୀଷ୍ଟିୟ ଧର୍ମଯାଜକମାନେ ନିଜକୁ ଆପୋଷ୍ଟୋଲମାନଙ୍କ ଶିକ୍ଷା ଶୃଙ୍ଖଳର ଅନୁଗାମୀ ମାନନ୍ତି । ସେମାନେ ଉକ୍ତ ଆପୋଷ୍ଟୋଲଙ୍କୁ ନିଜର ଧର୍ମୀୟ ପିତା ମନେକରନ୍ତି ।





ଆପୋଷ୍ଟୋଲ୍ ଶବ୍ଦ ଆସିଛି ଗ୍ରୀକ୍ ଶବ୍ଦ ଆପୋଷ୍ଟୋସ୍‌ରୁ ଯାହାର ମାର୍ମିକ ଅର୍ଥ ଦୂତ ବା ସନ୍ଦେଶ ବାହକ ଅର୍ଥାତ୍ ଯିଶୁଙ୍କ ଦୂତ । ଏହି ଅର୍ଥରେ ଯିଶୁଙ୍କ ଦ୍ୱାଦଶ ଆପୋଷ୍ଟୋଲ୍‌ଙ୍କୁ ଯିଶୁଙ୍କ ଦ୍ୱାଦଶ ଦୂତ ବୋଲି କହିହେବ ।

ବାଇବେଲ୍‌ର ନୂତନ ସଂସ୍କରଣ ବା ନ୍ୟୁଟେଷ୍ଟାମେଣ୍ଟରେ ଅଧିକାଂଶ ଆପୋଷ୍ଟୋଲ୍‌ମାନଙ୍କ ମୂଳନାମ ହବ୍ରୁ । ଅନ୍ୟ କେତେକଙ୍କର ନାମ ଗ୍ରୀକ୍ । ଏପରିକି ଯିଶୁଙ୍କ ପୁନର୍ଜାଗରଣ ପରେ ନିଯୁକ୍ତ ହୋଇଥିବା ଶିଷ୍ୟ ପଲ୍‌ଙ୍କର ମୂଳନାମ ଥିଲା ସଲ୍ । ସେ ଥିଲେ ଜଣେ ଇହୁଦୀ । ଯିଶୁଙ୍କ ପୁନର୍ଜାଗରଣ ପରେ ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇ ନିଜର ରୋମାନ୍ ନାମ ପଲସ୍ ରଖିଥିଲେ ଯାହାକି ଇଂରାଜୀରେ ପଲ୍ ଭାବରେ ଖ୍ୟାତ ହୋଇଥିଲା ।



ଖ୍ରୀଷ୍ଟିୟ ଧର୍ମ ପୁସ୍ତକ ଗସ୍‌ପେଲ୍ ଅଫ୍ ମାର୍କ ଅନୁଯାୟୀ ଯିଶୁ ୧୨ଜଣ ଶିଷ୍ୟଙ୍କୁ ହଳହଳ କରି ଗାଲିଲି ସହରକୁ ପଠାଇଲେ । ପ୍ରଥମେ ରୋଗୀମାନଙ୍କୁ ସେବା କରିବା ଓ ଦୁଷ୍ଟଆତ୍ମାମାନଙ୍କୁ ବିତାଡ଼ିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯିଶୁ ସେମାନଙ୍କୁ କହିଥିଲେ ନିଜ ସହ କିଛି ନିଅ ନାହିଁ, ଖାଦ୍ୟ, ଥଳି କିମ୍ବା ଅର୍ଥ ମଧ୍ୟ ନିଅନାହିଁ । ଦୁଇଖଣ୍ଡ ପୋଷାକ ବି ପିନ୍ଧନାହିଁ । କେବଳ ନିଜ ସହ ଜଣେ ସହଯୋଗୀ ନଅ । ତେବେ ପାଦରେ ଚପଲ ରଖ । ଯଦି କୌଣସି ସହର ତୁମକୁ ଗ୍ରହଣ ନକରେ ସେହି ସହର ତ୍ୟାଗ କରିବା ପୂର୍ବରୁ ସେଠାରେ ନିଜର ପାଦଧୂଳି ଝାଡ଼ିଦେଇ ଆସ । ଯିଶୁ ଆପୋଷ୍ଟୋଲ୍‌ମାନଙ୍କୁ ସହଯୋଗୀ ରଖିବା ପାଇଁ କହିଥିବାରୁ ବିଶପ୍ ବା ଧର୍ମଯାଜକମାନେ ମଧ୍ୟ ନିଜ ସହ ସହଯୋଗୀ ରଖିବାର ପରମ୍ପରା ରହିଛି ।

ନ୍ୟୁଟେଷ୍ଟାମେଣ୍ଟର ପ୍ରଥମ ଚାରି ଅଧ୍ୟାୟ (ଗସ୍‌ପେଲ) ମଧ୍ୟରୁ ତିନି ଅଧ୍ୟାୟରେ କେଉଁ ଆପୋଷ୍ଟୋଲ୍ କେଉଁ ପରିସ୍ଥିତିରେ ନିଯୁକ୍ତ ହେଲେ ଏହାର ଉଲ୍ଲେଖ ରହିଛି । ଗସପେଲ୍ ଅଫ୍ ମାଥ୍ୟୁରେ ଯିଶୁ ସୈତାନର ପ୍ରଲୋଭନକୁ ପ୍ରତ୍ୟାଖାନ କରିଆସିବା ପରେ ପରେ ସିମୋନ୍, ଆଣ୍ଡ୍ର୍ୟୁ, ଜେମ୍‌ସ ଓ ଜନ୍‌ଙ୍କୁ ନିଯୁକ୍ତ ଦେଇଥିଲେ ବୋଲି ବର୍ଣ୍ଣିତ ଅଛି । ଯିଶୁ ଖୁବ୍ ହାଲ୍‌କା ଭାବରେ ସେମାନଙ୍କୁ ନିଜ ସହ ଆସିବାକୁ କହିଥିଲେ ମଧ୍ୟ ଉପରୋକ୍ତ ଚାରିଜଣଯାକ ତତ୍‌କ୍ଷଣାତ୍ ନିଜ ନିଜର ଗୃହ ପରିତ୍ୟାଗ କରି ଯିଶୁଙ୍କ ପାଖରେ ରହିଥିଲେ । ବିଶ୍ୱାସ କରାଯାଏ ସିମୋନ ଓ ଆଣ୍ଡ୍ର୍ୟୁ ଆର୍ଥିକ ସ୍ୱଚ୍ଛଳ ପରିବାରର ଥିଲେ ଓ ସେମାନେ ସେସବୁ ପାର୍ଥିବ ସୁଖ ପରିତ୍ୟାଗ କରିଥିଲେ ଯିଶଙ୍କୁ ସାନିଧ୍ୟରେ ରହିବା ପାଇଁ । ତେଣୁ ଖ୍ରୀଷ୍ଟିଆନ୍‌ମାନେ ପାର୍ଥିବ ସମ୍ପଦ ପରିତ୍ୟାଗ କରିବାରେ ବିଶ୍ୱାସ କରନ୍ତି । ସିମୋନ୍ ଓ ଆଣ୍ଡ୍ର୍ୟୁଙ୍କ ପରେ ପରେ ଦୁଇ ଧନୀ ଧୀବର ଭ୍ରାତା ଜେମ୍ସ ଓ ଜନ୍ ଯୋଗ ଦେଇଥିଲେ ଯିଶୁଙ୍କ ସହ । ଯିଶୁଙ୍କ ପ୍ରଥମ ଦ୍ୱାଦଶ ସହଚର ଥିଲେ- ପିଟର (ସିମୋନ୍), ଆଣ୍ଡ୍ର୍ୟୁ, ଜେମ୍ସ, ଜନ୍, ଫିଲିପ୍, ବାର୍ଥୋଲୋମ୍ୟୁ, ଥୋମାସ୍, ମାଥ୍ୟୁ, ଆଲ୍‌ଫାଇୟସ୍‌ଙ୍କ ପୁଅ ଜେମ୍‌ସ, ଜୁଦାସ ଥାଡେୟସ୍ ବା ଜୁଡ୍, ସିମୋନ୍ ଦି ଜିଲୋଟ୍, ଜୁଦାସ୍ ଇସ୍କାରିଅଟ୍ । ଯିଶୁ ପୁନର୍ଜାଗରଣ ପରେ ନିଜର ଆପୋଷ୍ଟୋଲ୍‌ମାନଙ୍କୁ ଧର୍ମବାଣୀ ପ୍ରଚାର ପାଇଁ କହିଥିଲେ । ମାତ୍ର ଯିଶୁଙ୍କ ସହ ବିଶ୍ୱାସଘାତକତା କରିଥିବା ଶିଷ୍ୟ ଜୁଦାମ୍ ଇସ୍କାରିଓଟ୍ ସେତେବେଳକୁ ମୃତ୍ୟୁବରଣ କରିସାରିଥିଲେ । ତାଙ୍କ ସ୍ଥାନରେ ମାଥିଆସ୍‌ଙ୍କୁ ଆପୋଷ୍ଟୋଲ୍‌ର ମାନ୍ୟତା ଦିଆଗଲା । ସେହିପରି ପୁନର୍ଜାଗରଣ ପରେ ଯିଶୁ ପଲ୍‌ଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯାହାଙ୍କୁ ଆପୋଷ୍ଟୋଲ୍ ଭାବରେ ଗଣନା କରାଯାଏ । ଯିଶୁ ଓ ତାଙ୍କର ଆଦ୍ୟ ଶିଷ୍ୟମାନେ ଇହୁଦୀ ଥିଲେ । ପଲ୍ ମଧ୍ୟ ଜଣେ ଇହୁଦୀ ଥିଲେ । ତାଙ୍କୁ ଅଣ ଇହୁଦୀ ବା ଅଧାର୍ମିକମାନଙ୍କ ଆପୋଷ୍ଟୋଲ ବା ଆପୋଷ୍ଟୋଲ୍ ଅଫ୍ ଜେଣ୍ଟିଲ୍‌ସ ବୋଲି କୁହାଯାଏ ।

## ସେଣ୍ଟ ପିଟର

ନ୍ୟୁ ଟେଷ୍ଟାମେଣ୍ଟ ଅନୁଯାୟୀ ସେଣ୍ଟ ପିଟର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ଦ୍ୱାଦଶ ଦୂତଙ୍କ ମଧ୍ୟରୁ ଅନ୍ୟତମ । କ୍ୟାଥୋଲିକ୍ ବିଶ୍ୱାସ ଅନୁଯାୟୀ ପିଟର୍ ରୋମ୍‌ର ପ୍ରଥମ ବିଶପ୍ ବା ପୋପ୍ ଥିଲେ । ତାଙ୍କୁ ରୋମାନ୍ ଚର୍ଚ୍ଚର ସଂସ୍ଥାପକ ଭାବରେ ମାନ୍ୟ କରାଯାଏ । ତୃତୀୟ ଶତାବ୍ଦୀରେ ରୋମ୍‌ର ଶାସକ ହିପୋଲିଟସ୍ ତାଙ୍କୁ ଆପୋଷ୍ଟୋଲ୍ ମାନଙ୍କର ଆପୋଷ୍ଟୋଲ୍ ଭାବରେ ଆଖ୍ୟାୟିତ କରିଥିଲେ । ପିଟର୍‌ଙ୍କ ପିତାଙ୍କ ନାମ ଜନ୍/ଜୋନାହ/ ଜୋନ୍ । ସେ ଗାଲିଲି ପ୍ରଦେଶର ବେଥ୍‌ସୟିଦା ଗ୍ରାମର ବାସିନ୍ଦା ଥିଲେ । ପିଟର୍ ବୃତ୍ତିରେ ଜଣେ ମତ୍ସ୍ୟଜୀବୀ । ଖ୍ରୀଷ୍ଟିଆନ୍ ବିଶ୍ୱାସ ଅନୁଯାୟୀ ରୋମ୍ ସମ୍ରାଟ୍ ନିରୋ ଅଗଷ୍ଟସ୍ ସିଜର୍‌ଙ୍କ ସମୟରେ ପିଟର କ୍ରୁଶବିଦ୍ଧ ହୋଇଥିଲେ । ବିଶ୍ୱାସ କରାଯାଏ ପିଟର୍‌ଙ୍କ ଅନୁରୋଧ କ୍ରମେ ତାଙ୍କୁ ଓଲଟା କ୍ରୁଶବିଦ୍ଧ କରାଯାଇଥିଲା । ତାଙ୍କ ପ୍ରଭୁ ଯିଶୁଙ୍କୁ ଯେତିକି କ୍ରୁଶବିଦ୍ଧ କରାଯାଇଥିଲା ସେମିତି କ୍ରୁଶବିଦ୍ଧ ହେବା ପାଇଁ ତାଙ୍କର ଯୋଗ୍ୟତା ନାହିଁ ୧୭୩୬ ମସିହାରୁ ପ୍ରତି ଜୁନ୍ ୨୯ ତାରିଖକୁ ସେଣ୍ଟ ପିଟର୍ ଡେ' ଭାବରେ ପାଳନ କରାଯାଏ । ଭଟିକାନ୍‌ର ସେଣ୍ଟ ପିଟର୍ ଚର୍ଚ୍ଚରେ ଥିବା ସେଣ୍ଟ ପିଟର୍‌ଙ୍କ ପ୍ରତିମୂର୍ତ୍ତିକୁ ପୋପ୍‌ଙ୍କ ତିଆରା ପିନ୍ଧାଇ ଦିଆଯାଏ । କ୍ୟାଥୋଲିକ୍ ଧାର୍ମିକ ବିଶ୍ୱାସ ଅନୁଯାୟୀ ପୋପ୍ ହିଁ ସେଣ୍ଟ ପିଟରଙ୍କ ଉତ୍ତରାଧିକାରୀ । ତେଣୁ ବର୍ତ୍ତମାନର ପୋପ୍ ଫ୍ରାନ୍‌ସିସ୍ ସେଣ୍ଟ ପିଟର୍‌ଙ୍କ ଉତ୍ତରାଧିକାରୀ । ସେଣ୍ଟ ପିଟର୍ ହିଁ ଯିଶୁଙ୍କ ଆଦ୍ୟଶିଷ୍ୟ । ସେ ଏମିତି ଅନେକ ଘଟଣାର ସାକ୍ଷୀ ଥିଲେ ଯାହା ଅନ୍ୟ ଆପୋଷ୍ଟୋଲ୍‌ମାନେ ମଧ୍ୟ ଦେଖିନାହାନ୍ତି ।

## ଆଣ୍ଡ୍ର୍ୟୁ

ସେଣ୍ଟ ପିଟର୍‌ଙ୍କ ସାନଭାଇ ହେଉଛନ୍ତି ସେଣ୍ଟ ଆଣ୍ଡ୍ର୍ୟୁ । ବାର୍ବାଡୋସ୍, ରୋମାନିଆ, ରୁଷିଆ, ସ୍କଟଲାଣ୍ଡ, ୟୁକ୍ରେନ୍ ଏବଂ ଆମାଲ୍‌ଫି, ୟୁଗେରିଆ, ଲ୍ୟୁକା, ପାରାନାଗ, ପେଟ୍ରାସ୍ ଆଦି ସହରର ମଧ୍ୟ ସେ ପୃଷ୍ଠପୋଷକ ସନ୍ଥ । ସେ ବୈଜାଣ୍ଟିୟମ୍‌ର ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ପ୍ରତିଷ୍ଠାତା ଏବଂ ପ୍ରଥମ ବିସପ୍ । ସ୍କଟ୍‌ଲାଣ୍ଡ ଏବଂ ବ୍ରିଟେନ୍ ସାମ୍ରାଜ୍ୟର ଅନେକ ସାମ୍ରାଜ୍ୟର ଜାତୀୟ ପତାକାରେ ସେଣ୍ଟ ଆଣ୍ଡ୍ର୍ୟୁଙ୍କ କ୍ରସ୍ ବ୍ୟବହାର କରାଯାଏ । ୩୦ ନଭେମ୍ବରକୁ ସେଣ୍ଟ ଆଣ୍ଡ୍ର୍ୟୁଙ୍କ ଦିବସ ଭାବରେ ପାଳନ କରାଯାଏ ଉଭୟ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ଚର୍ଚ୍ଚଗୁଡ଼ିକ ଦ୍ୱାରା । ଏହା ସ୍କଟଲାଣ୍ଡର ଜାତୀୟ ଦିବସ ।

## ଜେମ୍‌ସ

ଜେବେଦିଙ୍କ ପୁତ୍ର ଜେମ୍ସ ଯିଶୁଙ୍କ ପ୍ରଥମ ଦ୍ୱାଦଶ ଦୂତଙ୍କ ମଧ୍ୟରୁ ଅନ୍ୟତମ । ପାରମ୍ପରିକ ବିଶ୍ୱାସ ଅନୁଯାୟୀ ସହିଦ ହେବାରେ ପ୍ରଥମ ଆପୋଷ୍ଟୋଲ ହେଉଛନ୍ତି ଜେମ୍‌ସ । ସେ ଖ୍ରୀଷ୍ଟିୟ ୪୪ ମସିହାରେ ପ୍ରାଣବଳୀ ଦେଇଥିଲେ । ସେଣ୍ଟ ଜେମ୍ସ ସ୍ପେନ୍‌ର ପୃଷ୍ଠପୋଷକ ସନ୍ଥ । ତାଙ୍କର ଶରୀର ଅବସେସ ଗାଲିସିଆର ସାଣ୍ଟିଆଗୋ ଚର୍ଚ୍ଚରେ ସଂରକ୍ଷିତ ହୋଇ ରହିଛି । ପାଶ୍ଚାତ୍ୟ ୟୁରୋପୀୟ କ୍ୟାଥଲିକ୍‌ମାନେ ସେଣ୍ଟ ଜେମ୍ସଙ୍କ କବରକୁ ତୀର୍ଥଯାତ୍ରାରେ ଯାଆନ୍ତି । ଏହାକୁ ୱେ ଅଫ୍ ସେଣ୍ଟ ଜେମ୍ସ କୁହାଯାଏ । ୨୦୧୪ ମସିହାରେ ପ୍ରାୟ ଅଢ଼େଇ ଲକ୍ଷ ଖ୍ରୀଷ୍ଟିୟ ଧାର୍ମିକ ପର୍ଯ୍ୟଟକ ୧୦୦ କିଲୋମିଟର ପଦଯାତ୍ରା କରି ଏହି କବର ଦର୍ଶନ କରିଥିଲେ । ଯେଉଁ ବର୍ଷ ଜୁଲାଇ ୨୫ ତାରିଖରେ ରବିବାର ପଡ଼େ ସେହି ଦିନକୁ ସେଣ୍ଟ ଜେମ୍ସଙ୍କ ଜୁବୁଲି ବର୍ଷ ଭାବରେ ପାଳନ କରାଯାଏ । ଚର୍ଚ୍ଚର ପୂର୍ବପାର୍ଶ୍ୱ ଦ୍ୱାର ଖୋଲାଯାଏ ଏବଂ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏହି କବର ପରିଦର୍ଶନ କରନ୍ତି । ଜୁବୁଲି ବର୍ଷ ପ୍ରତି ୫, ୬ କିମ୍ବା ୧୧ ବର୍ଷ ବ୍ୟବଧାନରେ ଆସିଥାଏ । ଜୁଲାଇ ୨୫କୁ ସେଣ୍ଟ ଜେମ୍ସ ଦିବସ ଭାବରେ ପାଳନ କରାଯାଏ ।

## ଜନ୍

ଆପୋଷ୍ଟୋଲ୍ ଜନ୍‌ଙ୍କ ମୂଳ ନାମ ୟୋହାନନ୍ ସ୍ଲିହା । ସେ ଆପୋଷ୍ଟୋଲ୍ ଜେମ୍‌ଙ୍କ ସାନଭାଇ । ତାଙ୍କୁ ସବୁଠାରୁ ଯୁବ ଆପୋଷ୍ଟୋଲ୍ ଭାବରେ ବର୍ଣ୍ଣନା କରାଯାଇଛି ନ୍ୟୁ ଟେଷ୍ଟାମେଣ୍ଟରେ । ଖ୍ରୀଷ୍ଟିୟ ବିଶ୍ୱାସ ଅନୁଯାୟୀ ଅନ୍ୟ ସମସ୍ତ ଆପୋଷ୍ଟୋଲ୍ ଖୁବ୍ କମ୍ ବୟସରେ ପ୍ରାଣ ହରାଇଥିଲେ । କିନ୍ତୁ ସେଣ୍ଟ ଜନ୍ ବାର୍ଦ୍ଧକ୍ୟରେ ଉପନୀତ ହେବା ପରେ ପ୍ରାକୃତିକ ଭାବରେ ମୃତ୍ୟୁବରଣ କରିଥିଲେ । ବାଇବେଲ୍‌ର ବର୍ଣ୍ଣନା ଅନୁଯାୟୀ ସେଣ୍ଟ ଜନ୍‌ଙ୍କ ବିଷୟରେ କୁହାଯାଇଛି ସେ ସବୁଦିନ ପାଇଁ ଜୀବିତ ଥିଲେ, ଯେ ପର୍ଯ୍ୟନ୍ତ ତାଙ୍କର ପୁନଃଜାଗରଣ ଆବଶ୍ୟକ ହୋଇନାହିଁ ବୋଲି ଈଶ୍ୱର ଦେଖିଲେ ସେପର୍ଯ୍ୟନ୍ତ ତାଙ୍କୁ ଜୀବିତ ରଖିଲେ । ନ୍ୟୁ ଟେଷ୍ଟାମେଣ୍ଟର ଅନେକ ପୁସ୍ତକର ଲେଖକ ସେଣ୍ଟ ଜନ୍ ବୋଲି ବିଶ୍ୱାସ କରାଯାଏ । ଜେମ୍ସ ଏବଂ ଜନ୍ ଦୁଇ ଭାଇ ପ୍ରଥମେ ଜନ୍ ଦି ବ୍ୟାପ୍ଟିଷ୍ଟ ଅନୁଗାମୀ ଥିଲେ । ଏହାପରେ ଯିଶୁ ପିଟର୍, ଆଣ୍ଡ୍ର୍ୟୁ ଏବଂ ଜେବେଦିଙ୍କ ଦୁଇ ପୁତ୍ର ଜନ୍ ଏବଂ ଜେମ୍ସଙ୍କୁ ଡକାଇଲେ । ସେମାନେ ଖୁବ୍ ଶାନ୍ତ ଏବଂ ନମ୍ର ହୋଇଥିଲେ ମଧ୍ୟ ଯେତେବେଳେ ତାଙ୍କ ଧୈର୍ଯ୍ୟଚ୍ୟୁତି ଘଟେ ସେତେବେଳେ ସେମାନଙ୍କର କ୍ରୋଧ ବଜ୍ର ପରି ହୋଇଯାଏ ଏବଂ ସେମାନେ ଅମାନିଆ ଝଡ଼ ପରି ବକ୍ତବ୍ୟ ଦିଅନ୍ତି ବୋଲି ଜେମ୍ସ ଏବଂ ଜନ୍‌ଙ୍କ ବିଷୟରେ ବର୍ଣ୍ଣନା ରହିଛି । ଗସ୍‌ପେଲ କାହାଣୀ ଅନୁଯାୟୀ ଏକଦା କ୍ରୋଧାନ୍ୱିତ ହୋଇ ଏହି ଦୁଇ ଭାଇ ସ୍ୱର୍ଗୀୟ ଅଗ୍ନିକୁ ସାମାରିଟାନ୍ ସହରକୁ ଓହ୍ଲାଇ ଆଣିବାକୁ ପ୍ରସ୍ତୁତ ହେଉଥିଲେ । କିନ୍ତୁ ଯିଶୁ ତାଙ୍କୁ ଭୀଷଣ ଗାଳି ଦେଇଥିଲେ ଏଥିପାଇଁ । ଜନ୍ ୧୦୦ ବର୍ଷରୁ ଅଧିକ କାଳ ଜୀବିତ ଥିଲେ ବୋଲି ବିଶ୍ୱାସ କରାଯାଏ ।

## ଫିଲିପ୍

ଖ୍ରୀଷ୍ଟିୟ ପରମ୍ପରା ଅନୁଯାୟୀ ଆପୋଷ୍ଟୋଲ୍ ଫିଲିପ୍ ଗ୍ରୀମ୍, ସିରିଆ, ଫ୍ରିଗିଆ ଆଦି ଦେଶରେ ଈଶ୍ୱରଙ୍କ ବାଣୀ ପ୍ରଚାର କରିଥିଲେ । ଗସ୍‌ପେଲ୍ ଅଫ୍ ଜନ୍‌ରେ ଯିଶୁଙ୍କ ଅନୁଗାମୀ ମଧ୍ୟ ଫିଲିପ୍ ସାମିଲ ହେବା ବିଷୟରେ ଉଲ୍ଲେଖ ଅଛି । ସେଣ୍ଟ ଆଣ୍ଡ୍ର୍ୟୁ ଓ ସେଣ୍ଟ ପିଟରଙ୍କ ପରି ସେଣ୍ଟ ଫିଲିପ୍ ମଧ୍ୟ ବେଥ୍‌ସୟିଦା ଗ୍ରାମର ବାସିନ୍ଦା ଥିଲେ । ସେ ମଧ୍ୟ ଜନ୍ ଦି ବ୍ୟାପ୍ଟିଷ୍ଟଙ୍କ ସହ ଥିଲେ ଯେତେବେଳେ ସେ ଯିଶୁଙ୍କୁ ଈଶ୍ୱରଙ୍କ ଶେଷ ଭାବରେ ଚିହ୍ନଟ କରିଥିଲେ । ଶେଷ ରାତ୍ର ଭୋଜନ ସମୟରେ ଈଶ୍ୱରଙ୍କୁ ଦେଖାଇଦେବାକୁ ଫିଲିପ୍ ଯିଶୁଙ୍କୁ ଅନୁରୋଧ କରିଥିଲେ ।





## ବାର୍ଥୋଲୋମ୍ୟୁ

ଆପୋଷ୍ଟୋଲ୍ ଫିଲିପ୍ ହିଁ ବାଥୋଲୋମ୍ୟୁଙ୍କୁ ଯିଶୁଙ୍କ ସହ ଭେଟ କରାଇଥିଲେ । ସେ ଯିଶୁ ସ୍ୱର୍ଗାରୋହରଣ କରିବାର ଦୃଶ୍ୟ ଦେଖିଥିଲେ । ତାଙ୍କ ବଳୀଦାନ ଦିବସକୁ କପ୍‌ଟିକ୍ କ୍ୟାଲେଣ୍ଡରର ପ୍ରଥମ ଦିନ ଭାବରେ ଗ୍ରହଣ କରାଯାଏ ଯାହା ଗ୍ରେଗୋରିଆନ୍ କ୍ୟାଲେଣ୍ଡର ଅନୁଯାୟୀ ସେପ୍ଟେମ୍ବର ୧୧ ତାରିଖରେ ପଡ଼େ । ଦୁଇଟି ପୁରାତନ ଖ୍ରୀଷ୍ଟିୟ ଗ୍ରନ୍ଥ ଅନୁଯାୟୀ ସେଣ୍ଟ ବାର୍ଥୋଲୋମ୍ୟୁ ଈଶ୍ୱରଙ୍କ ବାଣୀ ପ୍ରଚାର ପାଇଁ ଭାରତକୁ ଆସିଥିଲେ । ସେ କୋଙ୍କଣ ଉପକୂଳର କଲ୍ୟାଣ ସହରରେ ନିଜର ମିସନାରୀ କାର୍ଯ୍ୟ କରୁଥିଲେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି ।





## ଥୋମାସ

ନ୍ୟୁ ଟେଷ୍ଟାମେଣ୍ଟ ଅନୁଯାୟୀ ସେଣ୍ଟ ଥୋମାସ୍ ଯିଶୁଙ୍କ ପୁନଃଜାଗରଣକୁ ଅବିଶ୍ୱାସ କରୁଥିଲେ । ତେଣୁ ତାଙ୍କୁ 'ଡାଉଟିଙ୍ଗ ଥୋମାସ୍' ଭାବରେ ମଧ୍ୟ ଅବିହିତ କରାଯାଇଛି । ପୁନଃଜାଗରଣ ପରେ ତାଙ୍କ କ୍ଷତାକ୍ତ ଶରୀରକୁ ଦେଖି ଥୋମାସ୍ ବିହ୍ୱଳ ହୋଇ ମୋ' ମାଲିକ, ମୋ' ଈଶ୍ୱର ବୋଲି ଚିତ୍କାର କରିଥିଲେ । ବିଶ୍ୱାସ କରାଯାଏ ସେ ହିଁ ପ୍ରଥମେ ରୋମାନ୍ ସାମ୍ରାଜ୍ୟ ବାହାରକୁ ଯାଇଥିଲେ ଈଶ୍ୱରଙ୍କ ବାଣୀ ପ୍ରଚାର ପାଇଁ । ସେ ତାମିଲକମ୍ ବା ବର୍ତ୍ତମାନର ତାମିଲନାଡୁ ଓ କେରଳରେ ଈଶ୍ୱରୀୟ ଶିକ୍ଷା ଦେଉଥିଲେ । ଖ୍ରୀଷ୍ଟିୟ ୫୦ ମସିହାରେ ସେ କେରଳର ମୁଜିରିସ୍‌ରେ ପହଞ୍ଚି ଅନେକଙ୍କୁ ଦୀକ୍ଷା ଦେଇଥିଲେ । ଏହି ଆଦ୍ୟ ଦୀକ୍ଷିତମାନେ ଇହୁଦୀ ଥିଲେ । ଏହି ଆଦ୍ୟ ଖ୍ରୀଷ୍ଟୀୟ ଶୃଙ୍ଖଳକୁ ସେଣ୍ଟ ଥୋମାସ୍ ଖ୍ରୀଷ୍ଟିଆନ୍ ବା ମାର୍ ଥୋମା ନଜ୍‌ରାନିସ୍ ବୋଲି କୁହାଯାଏ । ତାଙ୍କୁ ଭାରତର ପୃଷ୍ଠପୋଷକ ସନ୍ଥ ବୋଲି କୁହାଯାଏ ।

ସିରିଆନ୍ ଖ୍ରୀଷ୍ଟିୟ ବିଶ୍ୱାସ ଅନୁଯାୟୀ ଚେନ୍ନାଇର ସେଣ୍ଟ ଥୋମାସ୍ ମାଉଣ୍ଟରେ ତାଙ୍କୁ ହତ୍ୟା କରାଯାଇଥିଲା ୭୨ ମସିହାରେ ।



## ମାଥ୍ୟୁ

ଯିଶୁଙ୍କ ପ୍ରଥମ ଦ୍ୱାଦଶ ଅନୁଗାମୀମାନଙ୍କ ମଧ୍ୟରୁ ସେଣ୍ଟ ମାଥ୍ୟୁ ଅନ୍ୟତମ । ଖ୍ରୀଷ୍ଟିୟ କଳାକୃତିର ପୃଷ୍ଠପୋଷକତା ତାଙ୍କ ଦ୍ୱାରା ହୋଇଥିଲା । ସେ ଯିଶୁଙ୍କ ଅନୁଗାମୀ ହେବା ପୂର୍ବରୁ ଟିକସ ସଂଗ୍ରହକାରୀ ଥିଲେ ।

## ଜେମ୍ସ

ଖ୍ରୀଷ୍ଟିୟ ପରମ୍ପରାରେ ଦ୍ୱିତୀୟ ଆପୋଷ୍ଟୋଲ୍ ଜେମ୍ସ ହେଉଛନ୍ତି ଯିଶୁଙ୍କ ସମ୍ପର୍କୀୟ ଭାଇ । ଜେମ୍ସଙ୍କ ମା' କ୍ଲିଓଫାସ୍ ଏବଂ ଯିଶୁଙ୍କ ମା' ମେରୀ ଦୁଇ ଭଉଣୀ ଥିଲେ । ଏହି କାରଣରୁ ତାଙ୍କୁ ଜେମ୍ସ ଦି ଲେସ୍ ଭାବରେ ବର୍ଣ୍ଣନା କରାଯାଇଛି ନ୍ୟୁ ଟେଷ୍ଟାମେଣ୍ଟରେ ।

## ଜୁଡ୍

ଜୁଡ୍ ଥାଡାୟସ୍ ମଧ୍ୟ ଯିଶୁଙ୍କର ଆଉ ଜଣେ ସମ୍ପର୍କୀୟ ଭାଇଥିଲେ । ଖ୍ରୀଷ୍ଟିୟ ପରମ୍ପରାରେ ତାଙ୍କୁ ଶେଷ ଆଶାର ସନ୍ଥ ଭାବରେ ବିଶ୍ୱାସ କରାଯାଏ । ଯେତେବେଳେ ମଣିଷର ସବୁ ଆଶା ସରିଯାଏ, ଯେତେବେଳେ ଯିଶୁଙ୍କ ପାଖରେ ପ୍ରାର୍ଥନା ନିଷ୍ଫଳ ହୁଏ ସେତେବେଳେ ରୋମାନ କ୍ୟାଥଲିକ୍‌ମାନେ ସେଣ୍ଟ ଜୁଡ୍‌ଙ୍କ ପାଖରେ ପ୍ରାର୍ଥନା କରନ୍ତି । ସେଣ୍ଟ ଜୁଡ୍ ପୁନର୍ଜନ୍ମ ଦେଇପାରନ୍ତି ବୋଲି ବିଶ୍ୱାସ କରାଯାଏ ।



## ସିମୋନ

ଯିଶୁଙ୍କ ଆପୋଷ୍ଟୋଲମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ସିମୋନ । ସେ ସିମୋନ ଦି ଜିଲଟ ଭାବରେ ଖ୍ୟାତ ।

## ଜୁଦାସ୍ ଇସ୍କାରିୟଟ୍

ଜୁଦାସ ଇସ୍କାରିୟଟ୍ ଯିଶୁଙ୍କ ଦ୍ୱାଦଶ ଦୂତଙ୍କ ମଧ୍ୟରୁ ଅନ୍ୟତମ ହୋଇଥିଲେ ମଧ୍ୟ ସେ ତାଙ୍କ ସହ ବିଶ୍ୱାସଘାତକତା କରାଇଥିଲେ । ଏହି କାରଣରୁ ପରବର୍ତ୍ତୀ ସମୟରେ ତାଙ୍କୁ ଆପୋଷ୍ଟୋଲ୍ ଭାବରେ ବିବେଚନା କରାଯାଇନଥିଲା ।

## ମାଥିଆସ୍

ଜୁଦାସ୍ ଇସ୍କାରିୟଟ୍‌ଙ୍କୁ ଆପୋଷ୍ଟୋଲ୍ ଭାବରେ ଗ୍ରହଣ କରାନଯିବା ପରେ ଯିଶୁ ପୁନଃଜାଗରଣ ପରେ ତାଙ୍କ ବାଣୀ ପ୍ରଚାର ପାଇଁ ଆଉଜଣେ ଅନୁଗାମୀ ବାଛିବାକୁ କହିଥିଲେ ଏବଂ ତାଙ୍କ ଶିଷ୍ୟମାନେ ମାଥିଆସ୍‌ଙ୍କୁ ବାଛିଥିଲେ । ଏହି କାରଣରୁ ଜୁଦାସ୍‌ଙ୍କ ବଦଳରେ ମାଥିଆସ୍‌ଙ୍କୁ ଯିଶୁଙ୍କ ଦ୍ୱାଦଶ ଦୂତ ମଧ୍ୟରେ ଗଣନା କରାଯାଏ ।




## କେଉଁଠି କାହାର କବର

ଅଧିକାଂଶ ଆପୋଷ୍ଟୋଲଙ୍କ ଶରୀରାବଶେଷ ରହିଛି ଇଟାଲୀର ଅନେକ ଚର୍ଚ୍ଚରେ ରହିଛି । ତେବେ ସେମାନଙ୍କୁ ପ୍ରାଥମିକ ଅବସ୍ଥାରେ ମୃତ୍ୟୁବରଣ କରିଥିବା ସ୍ଥାନରେ ହିଁ କବର ଦିଆଯାଇଥିଲା ।

**ପିଟର** : ଆପୋଷ୍ଟୋଲ୍ ପିଟର୍ ବା ସେଣ୍ଟ ପିଟର୍‌ଙ୍କୁ କବର ଦିଆଯାଇଥିଲା ଇଟାଲୀର ରୋମ୍ ସହର ଭିତରେ ଥିବା ନଗର ରାଷ୍ଟ୍ର ଭଟିକାନ୍‌ରେ, ସେଣ୍ଟ ପିଟର ବାସିଲିକାରେ ।

**ଆଣ୍ଡ୍ର୍ୟୁ** : ଗ୍ରୀସ୍‌ର ପେଟ୍ରାସ୍ ଠାରେ କବର ଦିଆଯାଇଥିଲା ଆପୋଷ୍ଟୋଲ୍ ଆଣ୍ଡ୍ର୍ୟୁଙ୍କୁ । ସେହି କବର ଉପରେ ନିର୍ମିତ ହୋଇଛି ସେଣ୍ଟ ଆଣ୍ଡ୍ର୍ୟୁ କାଥେଡ୍ରାଲ୍ ।

**ଜେମ୍ସ** : ଆପୋଷ୍ଟଲ୍ ଜନ୍‌ଙ୍କ ଭାଇ ଆପୋଷ୍ଟୋଲ୍ ଜେମ୍ସଙ୍କୁ କବର ଦିଆଯାଇଥିଲା ସ୍ପେନ୍‌ର ଗାଲିସିଆ ସହରର ସାଣ୍ଟିଆଗୋ ଡି' କମ୍ପୋଷ୍ଟେଲା କ୍ୟାଥଡ୍ରାଲ୍‌ରେ ।

**ଫିଲିପ୍** : ଆପୋଷ୍ଟଲ୍ ଫିଲିପ୍‌ଙ୍କୁ କେଉଁଠାରେ କବର ଦିଆଯାଇଥିଲା ସେ ନେଇ ଦ୍ୱିମତ ରହିଛି । ରୋମ୍‌ର ଚର୍ଚ୍ଚ ଅଫ୍ ହୋଲି ଆପୋଷ୍ଟୋଲ୍‌ସ ପରିସରରେ କିମ୍ବା ତୁର୍କିର ଡେନିଜ୍‌ଲି ନିକଟସ୍ଥ ହାଏରାପୋଲିସ୍ ଠାରେ କବର ଦିଆଯାଇଛି ବୋଲି ବିଶ୍ୱାସ କରାଯାଏ ।

**ଜନ୍** : ଆପୋଷ୍ଟୋଲ୍ ଜନ୍‌ଙ୍କୁ ତୁର୍କୀର ଏଫେସସ୍‌ଠାରେ ବାସିଲିକା ଅଫ୍ ସେଣ୍ଟ ଜନ୍‌ଠାରେ କବର ଦିଆଯାଇଥିଲା ।

**ବାର୍ଥୋଲୋମ୍ୟୁ** : ଇଟାଲୀର ବାସିଲିକା ଅଫ୍ ବେନେଭେଣ୍ଟୋରେ କିମ୍ବା ଇଟାଲୀର ରୋମ୍‌ରେ ବାସିଲିକା ଅଫ୍ ସେଣ୍ଟ ବାର୍ଥୋଲୋମ୍ୟୁ ଠାରେ କବର ଦିଆଯାଇଛି ।

**ମାଥ୍ୟୁ** : ଇଟାଲୀର ସାଲେର୍ନୋଠାରେ ସାଲେର୍ନୋ କାଥେଡ୍ରାଲ୍‌ରେ କବର ଦିଆଯାଇଛି ଆପୋଷ୍ଟୋଲ୍ ସେଣ୍ଟ ମାଥ୍ୟୁଙ୍କୁ ।

**ଜେମ୍ସ** : ଆଲ୍‌ଫେୟସ୍‌ଙ୍କ ପୁତ୍ର ଆପୋଷ୍ଟୋଲ୍ ଜେମ୍ସଙ୍କୁ ଜେରୁଜେଲମ୍‌ର କ୍ୟାଥେଡ୍ରାଲ୍ ଅଫ୍ ସେଣ୍ଟ୍ ଜେମ୍‌ସଠାରେ କିମ୍ବା ରୋମ୍‌ର ଚର୍ଚ୍ଚ ଅଫ୍ ହୋଲି ଆପୋଷ୍ଟୋଲ୍‌ରେ କବର ଦିଆଯାଇଛି ।

**ଥୋମାସ୍** : ଇଟାଲୀର ଆବ୍ରୁଜୋ ନିକଟସ୍ଥ ଓର୍ଟୋନାଠାରେ ବାସିଲିକା ଅଫ୍ ସେଣ୍ଟ ଥୋମାସ୍ ଦି ଆପୋଷ୍ଟୋଲ୍‌ରେ ତାଙ୍କୁ କବର ଦିଆଯାଇଛି ଆପୋଷ୍ଟୋଲ୍ ଥୋମାସ୍‌ଙ୍କୁ । କିନ୍ତୁ ଭାରତର ଚେନ୍ନାଥରେ ସାନ୍ ଥୋମ୍ ବାସିଲିକାରେ ତାଙ୍କୁ କବର ଦିଆଯାଇଥିଲା ବୋଲି ବିଶ୍ୱାସ କରାଯାଏ ।

**ସିମୋନ୍** : ଆପୋଷ୍ଟୋଲ୍ ସିମୋନଙ୍କୁ ରୋମ୍‌ର ସେଣ୍ଟ ପିଟର୍ସ ବାସିଲିକାରେ ସେଣ୍ଟ ଜୋସେଫ୍ ମଣ୍ଡପ ତଳେ ଆପୋଷ୍ଟୋଲ୍ ସେଣ୍ଟ ଜୁଡ୍‌ଙ୍କ ସହ କବର ଦିଆଯାଇଛି ।

**ଜୁଡ୍ ଥାଡେୟସ୍** : ଆପୋଷ୍ଟୋଲ୍ ଜୁଡଙ୍କୁ ରୋମ୍‌ର ସେଣ୍ଟ ପିଟର୍ସ ବାସିଲିକାରେ ସେଣ୍ଟ ଜୋସେଫ୍ ମଣ୍ଡପ ତଳେ ଆପୋଷ୍ଟୋଲ୍ ସେଣ୍ଟ ସିମୋନଙ୍କ ସହ କବର ଦିଆଯାଇଛି । ତାଙ୍କର ଦୁଇଖଣ୍ଡ ଅସ୍ଥି ଇଲିଓନିସ୍‌ର ଚିକାଗୋସ୍ଥ ନ୍ୟାସନାଲ ସ୍ରାଇନ୍ ଅଫ୍ ସେଣ୍ଟ ଜୁଡ୍‌ରେ ସଂରକ୍ଷଣ କରାଯାଇଛି ।



## ସାଂସଦ ଖେଳ ମହୋତ୍ସବ

**ପୋଲସରା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ବିକାଶରେ ଉନ୍ନତି ଆଣିବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବାର ପ୍ରୟାସ କରି ପ୍ରତ୍ୟେକଟି ବ୍ଲକମାନଙ୍କରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ କରାଯାଇଛି। ଏନେଇ ଗଂଜାମ ଜିଲ୍ଲା ପୋଲସରା ବ୍ଲକ ପରିସରରେ ସାଂସଦ ଖେଳ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ପୋଲସରା ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟତଃ ସର୍ବମୋଟ ୧୭୩୩ ଛାତ୍ରଛାତ୍ରୀ ଲୁକ୍କାୟିତ ପ୍ରତିଭା ଖେଳାଳୀ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୪୦୩ ଜଣ ପ୍ରତିଭାବାନ କୃତି ଛାତ୍ରଛାତ୍ରୀ ଭଲ ପଦର୍ଶନ କରି ବିଜୟୀ ଲାଭ କରି ପୋଲସରା ଅଞ୍ଚଳ ପାଇଁ ଗର୍ବ ଗୌରବ ଆଣିଥିଲେ। ଯାହାକୁ ନେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସେହି କୃତିତ୍ୱ ଛାତ୍ରଛାତ୍ରୀମାନଙ୍କୁ ସଦୟ ପୂର୍ବକ ପୁରସ୍କାର ବିତରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚିରହି ଥିବା ବିଭିନ୍ନ କ୍ରୀଡ଼ାର ଅନ୍ତରନିହୀତ ଗୁଣ କୌଶଳକୁ ନେଇ ଦୀର୍ଘ ଦୁଇ ମାସ ଧରି ପୋଲସରା ବିଭିନ୍ନ ପଞ୍ଚାୟତମାନଙ୍କରେ କ୍ରୀଡ଼ା ପ୍ରଦର୍ଶନ ହୋଇଥିଲା। ଯାହା ଚାରି ଭାଗରେ ବିଭକ୍ତ ଜୁନିୟର ବର୍ଗ ବାଳକ, ବାଳିକା, ସିନିୟର ବର୍ଗ ବାଳକ, ବାଳିକାର ଖେଳାଳୀ ଦଳଗତ, ଆଥଲେଟ ଭଳି ବହୁ ପରମ୍ପରାଯୁକ୍ତ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ସମସ୍ତ ଛାତ୍ରଛାତ୍ରୀ। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ଏହି ସାଂସଦ ଖେଳ ମହୋତ୍ସବ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଦେଶ ଗଠନ କରିବାରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କାର୍ଯ୍ୟକ୍ରମରେ ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ସାଂସଦ ଖେଳ ମହୋତ୍ସବରେ ସମ୍ମାନୀୟ ଅତିଥି ରୂପେ ତହସିଲଦାର ଦିପ୍ତିମୟୀ ପାତ୍ର, ଘୁମୁସର ଜିଲ୍ଲା ଉପସଭାପତି ପ୍ରଭାକର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କାମ୍ପ ବାଡେଇ ସମେତ ବହୁ ଶିକ୍ଷକ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ବାଳ ବୈଜ୍ଞାନିକ ପ୍ରଦର୍ଶନୀ

**କେନ୍ଦ୍ରାପଡ଼ା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସହରର ଇଛାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମହାକାଳପଡା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜର୍ମାନସ୍ଥିତ ବାୟୋମେଡିକାଲ ସେଣ୍ଟର ୟୁନିଭରସିଟି ଅଫ୍ ଲିପଜିଙ୍ଗର ସିଏସଓ ଡ.ଶିବାଶିଷ ଗିରି ଯୋଗଦେଇ ବିଜ୍ଞାନର ଅଗ୍ରଗତି ଓ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଉପନିର୍ଦ୍ଦେଶକ ଆରତୀ ନାୟକ, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ମହାକାଳପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଇଛାପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଓ ଶିକ୍ଷୟିତ୍ରୀ ଏଲିନା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଆଦିକନ୍ଦ ସାହୁ ସ୍ୱାଗତ ସଂଗୀତ ଗାନ କରିଥିଲେ। ମହାକାଳପଡା ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦିପ୍ତୀ ନାୟକ, ମୁଖ୍ୟବକ୍ତା ଭାବେ ମହାକାଳପଡା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଓ ସମ୍ମାନିତ ଅତିଥି ଭାବେ ଆଳି ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜିବ କୁମାର ବେହୁରା, ଇଛାପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଅବସରରେ ରାଜ୍ୟ ଓ ଜାତୀୟସ୍ତରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରି ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀ ଓ ଗାଇଡ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଆରାଧନା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅନିତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟ୍ରାକ୍ଟରସ ଫେଡେରେସନର ବୈଠକ

**କେନ୍ଦ୍ରାପଡ଼ା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା କଣ୍ଟ୍ରାକ୍ଟର ଫେଡେରେସନ ତରଫରୁ ଦିବା ୨ ଘଟିକା ସମୟରେ ଜମଧରସ୍ଥିତ ବିନାୟକ ପ୍ରିମିୟମ ହୋଟେଲରେ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ଏକ ବିଶେଷ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅଲ୍ ଓଡିଶା କଣ୍ଟ୍ରାକ୍ଟର ସଙ୍ଗଠନର ସଭାପତି ଅନିଲ କୁମାର ମହାଲିକଙ୍କ ସଭାପତିତ୍ୱ କରିଥିଲେ। ଅଲ୍ ଓଡିଶା କଣ୍ଟ୍ରାକ୍ଟର ସଂଘଠନର ସଭାପତି ମାସୁମ ମାଲିଆ ଏବଂ ସଦସ୍ୟ ହେମବତୀ ନନ୍ଦନ ଚକ୍ରବର୍ତ୍ତୀ ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ। ସଂପାଦକ ଦିଲ୍ଲୀପ କୁମାର ଜେନା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହିତ କଣ୍ଟ୍ରାକ୍ଟରମାନଙ୍କର ମୌଳିକ ଅସୁବିଧା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତ ଉପସ୍ଥିତ ସଭ୍ୟମାନଙ୍କୁ ସିଡ଼ିୟୁଲ ରେଟ୍‌ରେ ଟେଣ୍ଡର ପକାଇ କାମର ଗୁଣବତ୍ତା ରକ୍ଷାକରିବା ପାଇଁ ଅନୁରୋଧ କରାଯାଇଥିଲା। ପ୍ରକାଶଥାଉକି ଆଗାମୀ ଦିନରେ ସଂଘର ହାତମୁଠା କିପରି ଟାଣ ହେବ ସେ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ମହେନ୍ଦ୍ର କୁମାର ରାଉତ ଓ ଅଜିତ୍ କୁମାର ସାହୁ ତାଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ମିହିର ମିଶ୍ର, ମନମୋହନ ରାଉତ, ରବିନ୍ଦ୍ର ସାହୁ, ଆଲୋକ ମହାପାତ୍ର, ଶୁଭମ ରାଉତ, ସୁକାନ୍ତ ରାଉତ, ସତ୍ୟଜିତ୍ ପାତ୍ର, ସଂଗ୍ରାମ ଜେନା, ଜାନ୍ନକୀ ବଲ୍ଲଭ ସାମନ୍ତରାୟ, ହରେକୃଷ୍ଣ ନାୟକ, ରାଜେଶ ମହାନ୍ତି, ଗୌତମ ମଲ୍ଲିକ, ମନୋରଞ୍ଜନ ଦାସ, କିଶୋର ପଣ୍ଡା, ପ୍ରକାଶ ସାମଲ, ସତ୍ୟବ୍ରତ ଜେନା, ଅମାନ୍ ସାମଲ, ନୃସିଂହ ବେହେରା, ସୁବାଷ କବି, ସତେନ୍ଦୁ ସୁତାର ଓ ରଶ୍ମି ରଞ୍ଜନ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

## ରୁଦ୍ରାଣୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମସ୍ଥିତ ରୁଦ୍ରାଣୀ ପବ୍ଲିକ ସ୍କୁଲ ଏବଂ କିଡସ୍ ପ୍ଲେ ସ୍କୁଲର ମିଳିତ ଆନୁକୂଲ୍ୟରେ ୨୧ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ସସ୍କୃତି ଭବନ ପରିସରରେ ସ୍କୁଲର ସଭାପତି ପ୍ରତାପ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ସମ୍ମାନୀତ ଅତିଥି ଭାବେ ଡ.ପୂର୍ବାଶା ପ୍ରିୟଦର୍ଶିନୀ, ମାନସଭୂଷଣ ହୃଷିକେଶ ରଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମଞ୍ଚ ଉନ୍ମୋଚନ କରି କହିଥିଲେ ଯେ ଆଜିର ଶିଶୁ କାଲିର ନାଗରିକ ଓ ପିଲାମାନଙ୍କର ପ୍ରଥମ ଗୁରୁ ହେଉଛି ମା’। ଏହି ସ୍କୁଲରେ ଶିକ୍ଷୟତ୍ରୀମାନେ ମା ପରି ପିଲାମାନଙ୍କୁ ଖେଳ ମାଧ୍ୟମରେ ବିଦ୍ୟା ଅଧ୍ୟୟନ କରିବା ସହିତ ଚରିତ୍ରବାନ ହେବାକୁ ଶିକ୍ଷା ଦିଅନ୍ତି। ଅତିଥିମାନେ କୁନିକୁନି ଛାତ୍ରଛାତୀମାନଙ୍କୁ ପାଠପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପିତାମାତା ଏବଂ ଗୁରୁଗୁଜନମାନଙ୍କୁ ଭକ୍ତି କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଅଧିକ୍ଷା ସୌଦାମିନୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍କୁଲର ସମ୍ପାଦକ ଇନ୍ଦ୍ରମଣୀ ପଣ୍ଡା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସେହିପରି ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କପାଳେଶ୍ୱର ଗ୍ରାମପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବ ପରିଚାଳନାରେ ଶିକ୍ଷୟିତ୍ରୀ ବିଜୁଳତା ରାଉତ, ସୋନାଲି ରଥ, ରଞ୍ଜନା ପଣ୍ଡା, କସ୍ମିନ ଜେନା, ଅର୍ଚ୍ଚନା ସୂତାର, ଅଭିଲିପ୍ସା ନାୟକ, ଶୁଭଶ୍ରୀ ସୂତାର, ଜଗବନ୍ଧୁ ଦାସ, ପ୍ରଜ୍ଞା ରାଉତ, ଅଜୟ କୁମାର ମାହାଲିକ, ଉପାସନା ରଥ, କଲ୍ୟାଣୀ ରାଉଳ, ପି. ରଦ୍ରାଣୀ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରାଭିଭାବକ ଓ ଛାତ୍ରଛାତ୍ରୀମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ଭାରତରୁ ବାଂଲାଦେଶୀ ଉଚ୍ଛେଦ ହୁଅନ୍ତୁ



**ଭଦ୍ରକ,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାରମ୍ବାର ବାରମ୍ବାର ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚ଼ାର ହେଉଥିବା ବେଳେ ସବୁ ସୀମା ଲଂଘି ଜନୈକ ହିନ୍ଦୁ ଗରିବ ଯୁବକକୁ ହତ୍ୟା କରି ଜାଳି ଦିଆଯାଇଛି। ଯାହା ନେଇ ସମଗ୍ର ଭାରତ ସହିତ ଅନ୍ୟାନ୍ୟ ଦେଶ ରେ ବାଂଲାଦେଶକୁ ଘୋର ନିନ୍ଦା କରାଯାଇଛି। ବାଂଲାଦେଶୀମାନେ ଆସି ଭାରତରେ ବ୍ୟବସାୟ କରୁଥିବା ବେଳେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚ଼ାର ସୀମା ଲଂଘିଛି। ଏ ନେଇ ଗୁରୁବାର ରାଷ୍ଟ୍ରବାଦୀ ଯୁବକ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି କରାଯାଇଛି ଯେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ସହିତ ଭାରତରୁ ରୋହିଙ୍ଗା ବାଂଲାଦେଶୀଙ୍କୁ ଉଚ୍ଛେଦ କାର୍ଯ୍ୟ ଜୋରଦାର କରାଯାଉ। ଏହାଛଡ଼ା ଭଦ୍ରକ ଜିଲ୍ଲାରେ ଥିବା ବାଂଲାଦେଶୀଙ୍କୁ ଏକ ସ୍କ୍ୱାର୍ଡ଼ ଗଠନ କରାଯାଇ ଅଧିକାରୀଙ୍କ ଜରିଆରେ ସାପ୍ତାହିକ ରୁଟିନ ମୁତାବକ ଭୋଟର ପରିଚ଼ୟ ଓ ଆଧାର କାର୍ଡ ଯାଞ୍ଚ କରାଯିବା ସହିତ ଭଡ଼ା ଘର ଉପରେ ଜୋରଦାର ଚ଼ଢ଼ାଉ କରାଯାଉ। ଏଥିନେଇ ଦଣ୍ଡ ବ୍ୟବଧାନର ବ୍ୟବସ୍ଥା କରାଯିବା ନେଇ ମଧ୍ୟ ଦାବି କରାଯାଇଛି। ବାଂଲାଦେଶ ଭାଲୁକା ଅଞ୍ଚଳରେ ଜଣେ ଶ୍ରମିକ ଦିପୁ ଚ଼ନ୍ଦ୍ର ଦାସଙ୍କୁ ହିନ୍ଦୁ ହୋଇଥିବାରୁ ଜବରଦସ୍ତ ଧର୍ମ ପରିବର୍ତ୍ତନ କଥା ନେଇ ଶେଷରେ ସ୍ୱଷ୍ଟ ଦିବାଲୋକରେ ଅତି ନିର୍ମମ ଭାବେ ପିଟି ପିଟି ହତ୍ୟା କରି ଗଛରେ ଟାଙ୍ଗୀ ନିଆଁରେ ଜଳେଇ ସାମାଜିକ ଗଣମାଧ୍ୟମରେ ଛାଡ଼ି ଏଭଳି ହିନ୍ଦୁଙ୍କ ଅବସ୍ଥା ହେବ କହିବା ଏକ ଅଣ ସାମ୍ବିଧାନିକ ରାଷ୍ଟ୍ରର ପରିଚ଼ୟ ଦେଇଛନ୍ତି। ରାଷ୍ଟ୍ର ମୁଖ୍ୟ ପ୍ରଶାସକ ମହମଦ ୟୁନୁଷଙ୍କ ଶାସନରେ ସେଠାରେ ପୋଲିସ ଥାଇ ମଧ୍ୟ ଜିହାଦୀଙ୍କୁ ଦେଇ ହତ୍ୟା କରାଇବା ଘଟଣାରୁ ସ୍ୱଷ୍ଟ ଭାବେ ଗଣମାଧ୍ୟମରେ ଏହା ସର୍ବ ଜ୍ଞାତରେ କରାଯାଇଥିଲା ବୋଲି କୁହାଯାଉଛି। ଏ ନେଇ ଭାରତ ସରକାର ମଧ୍ୟ ଆକ୍ସନ ମୁଡ଼ ଆସିଥିଲେ ମଧ୍ୟ ତୁରନ୍ତ ହିନ୍ଦୁ ସୁରକ୍ଷା ଏବଂ ବାଂଲାଦେଶ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଏହାଛଡ଼ା ବ୍ୟବସାୟ ଆଳରେ ଆସି ଦେଶର ବିଭିନ୍ନ ରାଜ୍ୟରେ ସମ୍ପର୍କରେ ରହି ଅନେକ କିଛି ବେଆଇନ କାର୍ଯ୍ୟରେ ଲିପ୍ତ ରହି ଅସାମାଜିକତା ସୃଷ୍ଟି କରୁଛନ୍ତି। ତାପରେ ଭାରତ ଛାଡ଼ି ପଳାଉଛନ୍ତି, ଚୋରି ଡକାୟତି ଲଭ ଜିହାଦ ଜମି ଦଲାଲି ଭଳିଆ କାର୍ଯ୍ୟରେ ନିୟୋଜିତ ହୋଇ ଚ଼ାଲିଛନ୍ତି। ଭଦ୍ରକ ରେ ରହୁଥିବା ବହୁ ବାସିନ୍ଦାଙ୍କ ମୋଟା ଅର୍ଥ ଦେଇ ରହିବା ସହିତ ବେପାର କରିବା ଆଳରେ ଦେଶ ବିରୋଧୀ ତତ୍ୱ ଅନୁସନ୍ଧାନ କରୁଛନ୍ତି। ଏନେଇ ଦେଶରେ ଓଡ଼ିଶାରେ ଭଦ୍ରକରେ ମଧ୍ୟ ଗୁରୁତର ସହିତ ଏହି ଅଭିଯୋଗକୁ ଗ୍ରହଣ କରି ତୁରନ୍ତ ବାଂଲାଦେଶୀଙ୍କୁ ହଟାଇବା ପାଇଁ ଦାବି କରାଯାଇଛି। ସଂଘ ପକ୍ଷରୁ ଜ୍ଞାନ ପ୍ରକାଶ ପାଣି, ରବୀନ୍ଦ୍ର ସାହୁ ଓ ଆଶିଷ ବାରିକଙ୍କ ନେତୃତ୍ୱରେ ଜୟ ପ୍ରକାଶ ଦାସ, ମାନସ ପଣ୍ଡା, ଜୟ ଜଗନ୍ନାଥ ମଲିକ, ପ୍ରମୋଦ କୁମାର ଦାସ, ସଞ୍ଜୟ ଦାସ ପ୍ରମୁଖ ଶତାଧିକ ସଦସ୍ୟ ସାମିଲ ହୋଇ ୟୁନୁଷଙ୍କ ଫଟୋକୁ ନିଆଁ ଲଗାଇ ଜାଳିଥିଲେ।

# ମଙ୍ଗଳା ମନ୍ଦିରରୁ ଅଳଙ୍କାର ଲୁଟ୍



**କାମାକ୍ଷାନଗର,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ବୃତ୍ତଙ୍କ ଟାର୍ଗେଟରେ ଏବେ ମଠ ମନ୍ଦିର। ପ୍ରତ୍ୟେକ ଦିନ ମନ୍ଦିରରୁ ଲୁଟ ହେଉଥିବାର ଖବର ସାମନାକୁ ଆସୁଥିବା ବେଳେ ଗୁରୁବାର କାମାକ୍ଷାନଗର ଏନଏସି ନୂଆ ରେକୁଲା ସ୍ଥିତ ମାଆ ମଙ୍ଗଳାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପାର ଅଳଙ୍କାର ସମେତ ହୁଣ୍ଡିରେ ଥିବା ୨୦ହଜାର ଟଙ୍କା ଲୁଟ ହୋଇଥିବା ଦେଖିବାକୁ ମିଳିଛି। ପ୍ରାୟ ୬ରୁ ୭ଲକ୍ଷ ଟଙ୍କାର ସୁନା ଓ ରୁପାର ଅଳଙ୍କାର ଲୁଟ ହୋଇଥିବାର ଅନୁମାନ କରାଯାଉଛି।

ବୁଧବାର ବିଳମ୍ବିତ ରାତିରେ ୨ଜଣ ଦୁର୍ବୃତ୍ତ ମୁହଁରେ କପଡା ଘୋଡାଇ ମନ୍ଦିର ଭିତରକୁ ପ୍ରବେଶ କରି ମନ୍ଦିରର କବାଟକୁ କାଟି ସମସ୍ତ ଅଳଙ୍କାର ଲୁଟ କରିନେଇଛନ୍ତି। ଗୁରୁବାର ସକାଳୁ ମନ୍ଦିରର ପୂଜକ ମନ୍ଦିରକୁ ଆସିବା ପରେ ସମସ୍ତ ଘଟଣା ଜଣାପଡିଥିଲା।

ମାଆଙ୍କର ସୁନାର କାନଫୁଲ, ମଙ୍ଗଳସୂତ୍ର, ନାକଚ଼ଣା, ହାର, ଆଖି ପତା, ଚ଼ିତା, ଆଖିର ଭୂଲତା ଓ ରୁପାର ୪ଟି ମୁକୁଟ, ଅଣ୍ଟା ସୂତା, କାନଫୁଲ, ହାର ଆଦି ଲୁଟ ହୋଇଛି। ତେବେ ଏନେଇ ଗ୍ରାମବାସୀଙ୍କ ତରଫରୁ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସପ୍ତାହକ ମଧ୍ୟରେ କାମାକ୍ଷାନଗରରେ ଏହା ତୃତୀୟ ମନ୍ଦିର ଚୋରି ହୋଇଛି। ପୂର୍ବରୁ ମାଳପୁରା ରାମ ମନ୍ଦିର ଓ ଅନନ୍ତପୁରର ରାଧାକୃଷ୍ଣ ମନ୍ଦିରରୁ ମଧ୍ୟ ସମାନ ଢଙ୍ଗରେ ଲୁଟ ହୋଇଥିଲା। ବାରମ୍ବାର ମନ୍ଦିରରୁ ଚୋରି ହେଉଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସହରରେ ପୋଲିସ ପାଟ୍ରୋଲିଙ୍ଗ ହେଉନଥିବାରୁ ଦୁର୍ବୃତ୍ତମାନେ ଏଭଳି ଭାବରେ ଲୁଟ କରୁଥିବାର ଜଣାପଡିଛି।

## ବିଦ୍ୟାପୀଠ ହୀରକ ଜୟନ୍ତୀ ଲାଗି ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଚନ୍ଦନନଗରସ୍ଥ ପଦ୍ମଲୋଚନ ନୋଡାଲ୍ ବିଦ୍ୟାପୀଠରେ ହୀରକ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଗୁରୁବାର ବିଦ୍ୟାଳୟ ପରିସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ହୀରକ ଜୟନ୍ତୀ କମିଟିର ଅଧ୍ୟକ୍ଷ ସଚ୍ଚିନନ୍ଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ମାସ ୧୪ ଓ ୧୫ ଦୁଇଦିନ ଧରି ହୀରକ ଜୟନ୍ତୀ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳନ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ହୀରକ ଜୟନ୍ତୀ କମିଟିର ଉପାଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଧାନଶିକ୍ଷକ ପଞ୍ଚାନନ ଧଳ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ତଥା ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସ ବୈଠକ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାଉତ ବିଦ୍ୟାଳୟର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କମିଟିର ମୁଖ୍ୟ ଆବାହକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରଞ୍ଜନ ଶତପଥୀ ଜୟନ୍ତୀ ପାଳନର ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ବିଦ୍ୟାଳୟ ଶିକ୍ଷା ସେତୁ ସଂଗଠନର ସଭାପତି ପ୍ରଫୁଲ୍ଲ କୁମାର ଶତପଥୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ କର, ଦୁର୍ଗାଚରଣ କର, କବୀ ନଳିନୀପ୍ରଭା ଦାଶ, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ବ୍ରହ୍ମାନନ୍ଦ ମହାକୁଡ, ଉପସଭାପତି ବିଚିତ୍ର ସିଂହ, ଆବାହକ ଦେବେନ୍ଦ୍ର କୁମାର ଦାସ, ଯୁଗ୍ମ ସାଧାରଣ ସମ୍ପାଦକ ଭଗବାନ ଦାସ ଓ ଗୌରାଙ୍ଗ ରଥ, ସଂଗଠନ ସମ୍ପାଦକ ରଘୁନାଥ ସ୍ୱାଇଁ ଏବଂ ସାଂସ୍କୃତିକ ସମ୍ପାଦକ ଜଗନ୍ନାଥ ମହାପାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ପୁରାତନ ଛାତ୍ର ସଂସଦର ସଦସ୍ୟ ବୈଦ୍ୟନାଥ ନାୟକ, ଶଶୀଭୂଷଣ ପଣ୍ଡା, ପର୍ଶୁରାମ ସାହୁ, ଶିବ ପ୍ରସାଦ ରଥ, ବିଷ୍ଣୁ ଚରଣ ସୁତାର, ରମେଶ ଚନ୍ଦ୍ର ସ୍ୱାଇଁ, ସୁନାକର ନାୟକ, ଅଶୋକ କୁମାର ପଣ୍ଡା ଏବଂ ସଦସ୍ୟା ମଧୁସ୍ମିତା ସିଂହ ପ୍ରମୁଖ ମଧ୍ୟ ବିଦ୍ୟାଳୟର ଉନ୍ନତିକରଣ ଓ ହୀରକ ଜୟନ୍ତୀ ପାଳନ ଉପରେ ଆଲୋକପାତ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରତ୍ନାକର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଗ୍ମୀ ବିଶ୍ୱନାଥଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ମାହାଙ୍ଗା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମୂଳବସନ୍ତ ଠାରେ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠାତା ସଂପାଦକ ତଥା ବାଗ୍ମୀ ବିଶ୍ୱନାଥ କରଙ୍କ ୧୬୧ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆମ ପୂର୍ବଜ ବରପୁତ୍ର ଓ ସାରସ୍ୱତ ସାଧକଙ୍କ ଇତିହାସକୁ ପରବର୍ତ୍ତୀ ପିଢିର ଛାତ୍ରଛାତ୍ରୀମାନେ ସଠିକ୍ ଭାବେ ଅବଗତ ହୋଇପାରିଲେ ଆମ ରାଜ୍ୟ ତଥା ଦେଶରେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱର ବିଧାୟକ ବାବୁ ସିଂହ ଯୋଗଦେଇ ଉସବବକୁ ଉଦ୍‌ଘାଟନ କରିବା ସହ ମାହାଙ୍ଗା ମାଟି ଏକ ପବିତ୍ର ମାଟି। ଏହି ମାଟିରେ ଜନ୍ମ ନେଇଥିବା ବହୁ ଯଶସ୍ୱୀ ବରପୁତ୍ରମାନେ ଯେଉଁ ଭଳି ଭାବେ ସମାଜରେ ପରିବର୍ତ୍ତନ ଆଣି ଦେଇଛନ୍ତି ସେମାନଙ୍କ ନିତୀ ଆଦର୍ଶକୁ ପାଥେୟ କରି ଆଜିର କଳା, ସାହିତ୍ୟ, ସମାଜ ସମଗ୍ର ବିଶ୍ୱରେ ଗୌରବ ଅର୍ଜନ କରିଛି ବୋଲି ମତବ୍ୟକ୍ତି କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶାରଦା ପ୍ରସାଦ, ମୁଖ୍ୟବକ୍ତାଭାବେ ପଫେସର ରମେଶ ଚନ୍ଦ୍ର ମଲିକ, ସମ୍ମାନିତ ବକ୍ତାଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ ପ୍ରମୁଖ ଯୋଗଦେଇ ବାଗ୍ମୀ ବିଶ୍ୱନାଥ କରଙ୍କ ଅବଦାନ ସଂପର୍କରେ ଆଲୋଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମେଧାବୀ ଛାତ୍ରୀ ସ୍ମୃତି ମହାନ୍ତି, ସୁଶ୍ରୀ ପ୍ରଭା କର, ପ୍ରିତିପ୍ରଜ୍ଞା ପାତ୍ରଙ୍କ ସମେତ ବହୁ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରଫେସର ମନୋରଞ୍ଜନ ବେହୁରାଙ୍କ ଦ୍ୱାରା ଇଂରାଜୀରେ ଅନୁବାଦ ପୁସ୍ତକ ବିବିଧ ପ୍ରବନ୍ଧକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭକ୍ତଚରଣ ସ୍ୱାଇଁ, ଗୌତମ ଶତପଥି, ପନ୍ନଗ ଭୂଷଣ ଦାସ, ଜିତେନ୍ଦ୍ର ଶତପଥି, ଅଭିନ ଜେନା, ଅମିତାଭ ପଣ୍ଡା, ଶିବରାମ ସାହୁ, ସନ୍ତୋଷ ନାୟକ, ଗଣେଶ ବଳବନ୍ତରାୟ, ତପନ ବଳବନ୍ତରାୟ, ଅମରେନ୍ଦ୍ର ରାଉତରାୟ, ଶୁକଦେବ ରାଉତରାୟଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଦ୍ମମାଳୀ ମହିଳା ସଙ୍ଗଠନର ପ୍ରତିଷ୍ଠା ଉତ୍ସବ

**ବେତନଟୀ,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀର ପଦ୍ମମାଳୀ ମହିଳା ସଙ୍ଗଠନର ନବମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ପଦ୍ମମାଳୀ ମହିଳା ସଙ୍ଗଠନର ଅଧ୍ୟକ୍ଷା ଡ. ବୀଣା ଦାଶ ଓ ସଭାପତି ସଂଯୁକ୍ତା ଜୀଙ୍କ ନିର୍ଦ୍ଦେଶରେ ପ୍ରଭାତୀ ମହାନ୍ତିଙ୍କ ପୌରୋହିତ୍ୟରେ ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟରେ ଥିବା ଦେବ ଶିଶୁମାନଙ୍କୁ ସାଲ ଓ ସୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଦ୍ମମାଳୀର ଉପସଭାପତି ସୋନା ଖାତୁନ, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, କୋଷାଧ୍ୟକ୍ଷା ବିନୋଦିନୀ ମହାନ୍ତ, ସଦସ୍ୟା ପିଙ୍କି ସ୍ୱାଇଁ, ହରିପ୍ରିୟା ଦାସ, ଲକ୍ଷ୍ମୀପ୍ରିୟା ସିଂ, ରଶ୍ମିତା ଦାଶ, କୁମୁଦିନୀ ମହାନ୍ତ, ମିନତି ସାହୁ, ରୋଜାଲିନ ସାହୁ, ଆଞ୍ଚଲ ମିସ୍, ଅନିନ୍ଦିତା ସାହୁ, ସୁଜାତା ବଳା, ମନିଲତା ବଳା ଓ ମାଳତି ପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପରିବର୍ତ୍ତନ ଭିନ୍ନକ୍ଷମ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲିପ ପରିଡାଙ୍କ ନିର୍ଦ୍ଦେଶନାରେ ଭିନ୍ନକ୍ଷମ ଦେବଶିଶୁମାନେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ପଦ୍ମମାଳୀର ସଦସ୍ୟା ରଞ୍ଜିତା କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏବେ ଗ୍ରୀଟିଙ୍ଗ କାର୍ଡ ଅଲୋଡା

**ବୁଗୁଡ଼ା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ପ୍ରତି ସୋସିଆଲ ମିଡିଆର ପ୍ରଭାବରେ ଗ୍ରୀଟିଙ୍ଗ୍ କାର୍ଡ ଅଲୋଡା ହୋଇ ପଡିଛି। ଏଇ କେତେ ବର୍ଷ ଆଗରୁ ଗ୍ରାମୀଣ ଓ ସହରୀ ପିଲାଙ୍କ ମଧ୍ୟରେ ଗ୍ରୀଟିଙ୍ଗକୁ ନେଇ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଥିଲା। ଶୀତ ଛୁଟି ହେବା ପୂର୍ବରୁ ନିଜ ନିଜର ବନ୍ଧୁବାନ୍ଧବଙ୍କ ମଧ୍ୟରେ ଗ୍ରୀଟିଙ୍ଗ ଦିଆନିଆ ଆରମ୍ଭ ହୋଇଯାଉଥିଲା। ଦେବାଦେବୀ, ଖେଳାଳୀ ସିନେତାରକା, କାର୍ଟୁନ୍ ଆଦିର ଫଟୋ ଥିବା ଗ୍ରୀଟିଙ୍ଗ ପ୍ରେରଣ କରାଯାଉଥିଲା। ଗ୍ରୀଟିଙ୍ଗ ଆଦାନ ପ୍ରଦାନରେ ନିଜର ପ୍ରିୟଜନଙ୍କ ମଧ୍ୟରେ ରହିଥିବା ଆବେଗକୁ ପ୍ରକାଶ କରୁଥିଲା। ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଶୁଭେଚ୍ଛା ଜଣାଇବାର ନିଆରା ମାଧ୍ୟମ ଥିଲା ଏହି ଗ୍ରୀଟିଙ୍ଗ କାର୍ଡ। ଏବେ ତାହା ଆଉ ଦେଖିବାକୁ ମିଳୁନି। ତାହାର ସ୍ଥାନ ନେଇଛି ସାମାଜିକ ଗଣମାଧ୍ୟମ। ଅଧିକାଂଶଙ୍କ ପାଖରେ ମୋବାଇଲ୍ ରହିଥିବା ବେଳେ ୱାଟ୍ସଆପ୍, ଫେସବୁକ୍, ଇନଷ୍ଟାଗ୍ରାମ୍, ଟ୍ୱିଟର୍ ଆଦି ଜରିଆରେ ଏବେ ସେମାନେ ଶୁଭେଚ୍ଛା ଜଣାଉଥିବାରୁ ଗ୍ରୀଟିଙ୍ଗ କାର୍ଡ ଅଲୋଡା ହୋଇ ପଡିଛି। ଆଜିର ଯୁବପିଢିଙ୍କ କ୍ଷେତ୍ରରେ ସୂଚ଼ନା ଓ ପ୍ରଯୁକ୍ତି ବିଦ୍ୟାର ଚ଼ାହିଦା ବହୁ ଗୁଣରେ ବୃଦ୍ଧି ପାଇଥିବା ବେଳେ ହାତରେ ଥିବା ସ୍ମାର୍ଟଫୋନର ଭରପୁର ଫାଇଦା ଉଠାଉଛନ୍ତି। ଏବେ ସେମାନେ ନୂଆଁ ଢାଞ୍ଚାରେ ନିଜକୁ ଖାପ ଖୁଆଇ ଆଗକୁ ବଢି ଚ଼ାଲିଥିବା ବେଳେ ହାତ ଲେଖା ଗ୍ରୀଟିଙ୍ଗ ପ୍ରେରଣ ପରମ୍ପରା ପ୍ରାୟ ଲୋପ ପାଇବାକୁ ବସିଲାଣି। ପୂର୍ବେ ନୂଆଁ ବର୍ଷର ଏକ ମାସ ଆଗରୁ ବୁଗୁଡ଼ା ସହରର ବିଭିନ୍ନ ସ୍କୁଲରେ ଗ୍ରୀଟିଙ୍ଗ ପସରା ଦେଖିବାକୁ ମିଳୁଥିଲା ବେଳେ ଚ଼ଳିତ ବର୍ଷ ଗୋଟିଏ ହେଲେ ବି ଦୋକାନରେ ନୂଆଁ ଗ୍ରୀଟିଙ୍ଗ ନଥିବା ଦେଖିବାକୁ ମିଳୁଛି। ପୁରୁଣା ତେଜହୀନ ଗ୍ରୀଟିଙ୍ଗ କେଉଁଠି ଟଙ୍ଗା ହୋଇଥିଲେ ବି ଲୋକେ ସେଥି ପ୍ରତି ନଜର ପକାଉ ନାହାନ୍ତି। ଆଗ ଭଳି ଏବେ ଗ୍ରୀଟିଙ୍ଗ୍ କାର୍ଡ ବିକ୍ରି ହେଉ ନ ଥିବାରୁ ବେପାରୀମାନେ ଆଉ ଗ୍ରୀଟିଙ୍ଗ୍ କାର୍ଡ ଆଣି ନ ଥିବା କହିଛନ୍ତି। ତେବେ ଏହା ଏବେ ବିଲୁପ୍ତ ପରମ୍ପରା ପରିଣତ ହେବାକୁ ଯାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନୂଆ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**ମାହାଙ୍ଗା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଜଳସଂପଦ ବିଭାଗ ବାଲିଚନ୍ଦ୍ରପୁର ସେକ୍ସନ ପକ୍ଷରୁ ବିଭିନ୍ନ କେନାଲ ଓ ଗେଙ୍ଗୁଟୀ ନଦୀର ତଟ ସୁରକ୍ଷା ପ୍ରାଚୀର ଆଦି କାର୍ଯ୍ୟର ନିର୍ମାଣ ନିମନ୍ତେ ଏକ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶୁଭ ଶିଳାନ୍ୟାସ କରାଯାଇଛି। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ମଧୁପୁର ପଞ୍ଚାୟତ ଗସ୍ତ କରି ମଧୁପୁର ସ୍ଥିତ ଗେଙ୍ଗୁଟୀ ନଦୀତଟ ସୁରକ୍ଷା ଉନ୍ନତିକରଣ କାର୍ଯ୍ୟ, ପରେ ସାହାପୁର ପଞ୍ଚାୟତ ଦୌଲତପୁର ଠାରେ କେନାଲ ସୁରକ୍ଷା କାର୍ଯ୍ୟର ଶୁଭ ଶିଳାନ୍ୟାସ କରିବା ପରେ ଶେଷରେ କୁହୁଣ୍ଡା ପଞ୍ଚାୟତ ଗ୍ରସ୍ତ କରି କୋଠପଦା ଠାରେ ମୂଳବସନ୍ତ ମାଇନର କେନାଲର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ଜନସାଧାରଣମାନେ ଗମନାଗମନରେ ଉପକୃତ ହେବା ସହ କେନାଲ ଉନ୍ନତିକରଣ ହେବା ଦ୍ୱାରା କୃଷକମାନେ ଜମିରେ ଜଳସେଚିତ କରିପାରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ସୁରେନ୍ଦ୍ର ମହାନ୍ତି, ସମିତିସଭ୍ୟା ଲିଲି ସେଠୀ, ଅଶୋକ ବେହେରା, ଉମାକାନ୍ତ ସ୍ୱାଇଁ, ଅନିଲ ନାୟକ, ମାନସ ରଞ୍ଜନ ଦାସ, ଅମୀୟ ରଞ୍ଜନ ପ୍ରଧାନ, ରତ୍ନାକର ମହାନ୍ତିଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ସ୍ମୃତିସଭା

**ରାଜନଗର,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ଅକାଳ ବିୟୋଗ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଲହରୀ ଖେଳି ଯାଇଛି। ସ୍ୱର୍ଗତ ସେଠୀଙ୍କ ଦ୍ୱାଦଶାହ ଅବସରରେ ପ୍ରମୋଦ ସେଠୀ ସ୍ମୃତି କମିଟି ଏବଂ ପଞ୍ଚସଖା ଶିକ୍ଷାସେତୁର ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାକୁ ବିଧାୟକ ଧ୍ରୁବ ସାହୁ ପ୍ରଦୀପ ପ୍ରଜ୍ୱଳନ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧିରେନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଧାକାନ୍ତ ରାଉତରାୟ, ଶିକ୍ଷାବିତ ହେମନ୍ତ ବାରିକ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ, ଶିକ୍ଷାବିତ ସୁକାନ୍ତ ତ୍ରିପାଠୀ, ଶତ୍ରୁଘ୍ନ ତରାଇ, ବଳରାମ ତ୍ରିପାଠୀ, ସମୀରଣ ମଣ୍ଡଳ, ଶୁଭ୍ରଜ ବରାଳ, ଗାଳ୍ପିକ ପ୍ରଦୀପ ନାୟକ, ଭବାନୀ ମହାପାତ୍ର, ଚନ୍ଦ୍ରକାନ୍ତ ରାଉତ, ପ୍ରଶାନ୍ତ ଜେନା, ଭାଗବତ ପ୍ରଧାନ, ନିରାକାର ସେଠୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

# କୋଲାବିରାରେ ଉପମୁଖ୍ୟମନ୍ତ୍ରୀଙ୍କ ପଦଯାତ୍ରା

**ଝାରସୁଗୁଡା,୨୫।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରବିବାର ଝାରସୁଗୁଡ଼ା ଜିଲ୍ଲାଗସ୍ତରେ ଆସି କୋଲାବିରା ଗ୍ରାମରେ ଏକ ପଦଯାତ୍ରାରେ ସାମିଲ ହୋଇ ଶନି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କୃଷକ ସଭାରେ ଯୋଗଦେଇଥିଲେ। ଅନୁଷ୍ଠିତ ସଭାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ବର୍ତ୍ତମାନର ବିଜେପି ସରକାରରେ କୃଷକମାନଙ୍କ ପ୍ରତି ଅତ୍ୟାଚ଼ାର ଓ ଅନ୍ୟାୟ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏଣୁ ଚ଼ାଷୀମାନଙ୍କ ଧାନ ବିକ୍ରୟ ବିଳମ୍ବ ହେଉଥିଲେ ମଧ୍ୟ ଚ଼ିନ୍ତା କରିବାର କିଛି ନାହି ବୋଲି କହିବା ସହ ଚ଼ାଷୀଙ୍କ ଧାନ ସରକାର ଉଚ଼ିତ୍ ମୂଲ୍ୟରେ କିଣିବେ ବୋଲି କହିଥିଲେ। ଯେଉଁ ମିଲ ମାଲିକ ଧାନରେ କଟନି ଛଟନି କରିବା ପାଇଁ ଚ଼ାଷୀଙ୍କ ଉପରେ ଚ଼ାପ ପକାଉଛନ୍ତି ତାଙ୍କର ତାଲିକା ପ୍ରଦାନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହ ଚ଼ାଷୀମାନେ ଧାନ ବ୍ୟତୀତ ଅନ୍ୟ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମୁଖ୍ୟଅତିଥି ଶ୍ରୀ ସିଂଦେଓ ଚ଼ାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠିତ କୃଷକ ସଭାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ମିଲର୍ସଙ୍କ ଦ୍ୱାରା କୃଷକ ଶୋଷଣ ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। କେତେକ ମିଲ ମାଲିକ ବିଜେଡିର ଏଜେଣ୍ଟ ସାଜି ଚ଼ାଷୀମାନଙ୍କୁ ଆନ୍ଦୋଳନ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏଣୁ ମିଲର୍ସ ଏପରି କାର୍ଯ୍ୟକୁ ବିରୋଧ କରାଯିବ ସହ ଚ଼ାଷୀ ଧାନରେ କଟନି ଛଟନି ମୋଟା ମୋଟି କରି ଦିଆଯିବ ନାହିଁ ବୋଲି କହିଥିଲେ। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୂର୍ବ ସରକାର ସମୟରେ ଯେତେ ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରିନାହିଁ ତାହା ନୂତନ ବିଜେପି ସରକାରର ଦେଢ଼ ବର୍ଷରେ ପୂରଣ ହୋଇପାରିଛି ବୋଲି କହିଛନ୍ତି। ଜନସାଧାରଣଙ୍କ ଆଶୀର୍ବାଦ ରହିଲେ ଝାରସୁଗୁଡ଼ା ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିଶ୍ଚିତ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏଥିରେ ଜିଲ୍ଲାପାଳ କୃଣାଲ ମୋତିରାମ ଚ଼ହ୍ୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାଏକ, କୋଲାବିରା ବିଡ଼ିଓ ଅଶୋକ ମାଝୀ, ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଧନ୍ୟବାଦ୍ ଦେଇଥିଲେ। ସେୱାର ଫାଇନାନ୍ସ ମ୍ୟାନେଜର ଶ୍ରୀକାନ୍ତ କଉଡ଼ି ସଭା ପରିଚ଼ାଳନା କରିଥିଲେ। ଏହି ଉତ୍ସବରେ ୩ଜଣ ଲଙ୍କା ଚ଼ାଷୀଙ୍କ ସହ ମହିଳା ଏସଏଚ୍‌ଜିର ସଦସ୍ୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୃଷକ ସଭା ପ୍ରାରମ୍ଭରେ ପୁରାତନ ଜୟପୁର ଗଡ ତଥା ବର୍ତ୍ତମାନର କୋଲାବିରାର ପୂର୍ବତନ ଜମିଦାର ସ୍ୱାଧୀନତା ସଂଗ୍ରାମୀ ସହୀଦ କରୁଣାକର ସିଂହ ନାଏକଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କରୁଣାକର ସହୀଦ ସ୍ମୃତି ଟ୍ରଷ୍ଟର ସଭାପତି ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଓ ଅନ୍ୟ ସଦସ୍ୟ ଓ ସଦସ୍ୟା ଯୋଗଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମାଲ୍ୟାର୍ପଣ ପରେ ଜଗନ୍ନାଥ ମନ୍ଦିରରୁ ଶନି ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**AFFIDAVIT**

By virtue of affidavit sworn an before Executive Magistrate Bhubaneswar, dated 8th day of December 2025 I, Jyoti Prakash Swain Address At: Plot No. 1543/ 327, Rajani Niwas, Sastri Nagar, Unit-4, Bhubaneswar-751001, Dist: Khordha, Odisha declare that I have changed my minor daughter's name from Biswaaradhay Swain to Biswaaradhya Swain Henceforth, I shall be known as Biswaaradhya Swain for all purposes.

**(JYOTI PRAKASH SWAIN)**

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 26th December, 2025 Friday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ବାବୁଙ୍କୁ କାମବାଲିର ଚେତାବନୀ

ସ୍ତ୍ରୀ ରୋଷେଇ ଘରେ ସକାଳର ଜଳଖିଆ ପ୍ରସ୍ତୁତ କରୁଥିଲେ। ରୋଷେଇ ଘର ବାହାରପଟେ ଥିବା କୋଣ ପାଖରେ ବସି ସୁନ୍ଦରୀ କାମବାଲି ବାସନ ମାଜୁଥିଲା। ଏହି ସମୟରେ ସ୍ୱାମୀ ରୋଷେଇ ଘରେ ପଶି ସ୍ତ୍ରୀଙ୍କ ଗାଲରେ ଚୁମାଟିଏ ଦେବାକୁ ଯାଉଛନ୍ତି ତ ସେ ଚିହିଁକି ଉଠିଲେ- ଖବରଦାର୍, କାମ କଲାବେଳେ ମତେ ସେ ଚୁମା-ଫୁମା ଦେବାକୁ ଚେଷ୍ଟା କରିବନି।

ବାସନ ମାଜୁଥିବା ସୁନ୍ଦରୀ କାନରେ ଯେମିତି ଏ କଥା ବାଜିଛି ସେ ସେଇଠୁ ଥାଇ କହିଲା- ମା' ବାବୁଙ୍କୁ ଟିକେ ଭଲକରି ବୁଝାଇ ଦେଲ। ମୁଁ କହି କହି ଥକି ଗଲାଣି, ସେ ମୋ କଥା ଶୁଣୁନାହାନ୍ତି।

# ବିଜୟ ହଜାରେ ଟ୍ରଫିରେ 'ବିରାଟ ଶୋ': ଟେନ୍‌ସନ୍‌ରେ କୋଚ୍-ସିଲେକ୍ଟର

**ବେଙ୍ଗାଲୁରୁ, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ବର୍ଷ ପରେ ବିଜୟ ହଜାରେ ଟ୍ରଫିକୁ ରିଟର୍ଣ୍ଣ କରିଛନ୍ତି ବିରାଟ କୋହଲି। ମୁକାବିଲାରେ ଜବରଦସ୍ତ ବ୍ୟାଟିଂ। ବ୍ୟାଟରୁ ବାହାରିଲା ଦମଦାର ଶତକ। ବିରାଟଙ୍କ ଫ୍ୟାନ୍ସ ବି ଖୁସ୍। ତେବେ ଏହା ବିରାଟଙ୍କ ବ୍ୟାଟିଂ ନଥିଲା ବରଂ ବିସିସିଆଇକୁ କଡା ଜବାବ। ଅନ୍ତରାଷ୍ଟ୍ରୀୟ ଦିନିକିଆ ଷ୍ଟାଇଲରେ ବିରାଟ ଶତକ କରି ଅନେକ କଥା କହିଦେଇଛନ୍ତି। ଏବେବି ସେ ଫିଟ୍। ତାଙ୍କ ଫିଟନେସ ଉପରେ ପ୍ରଶ୍ନ କରୁଥିବା ବ୍ୟକ୍ତିଙ୍କୁ ସେ ବ୍ୟାଟରେ ଉତ୍ତର ଦେଇଛନ୍ତି। ବିଶ୍ୱକପରେ ସେ ଖେଳିବା ପାଇଁ ପ୍ରସ୍ତୁତ ହେଉଥିବାର ସଙ୍କେତ ମଧ୍ୟ ଏହି ବ୍ୟାଟିଂ ।

ବିସିସିଆଇର ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ମୁକାବିଲାରେ ବିରାଟ ୧୦୧ ବଲର ସାମ୍ନା କରିଥିଲେ। ଏହାସହ ୧୩୧ ରନ୍ ସଂଗ୍ରହ କରିଥିଲେ। ଫଳରେ ଦିଲ୍ଲୀ ୨୯୯ ରନର ଟାର୍ଗେଟକୁ ସହଜରେ ହାସଲ କରିନେଇଥିଲା। ଏହି ରନ୍ ସହ କୋହଲି ଲିଷ୍ଟ୍ ଏ କ୍ରିକେଟରେ ୧୬ ହଜାର ରନ୍ ଅତିକ୍ରମ କରିଛନ୍ତି। ସଚିନ ତେନ୍ଦୁଲକରଙ୍କ ପରେ ସେ ଦ୍ୱିତୀୟ ଖେଳାଳି ଭାବେ ଏହି ସଫଳତା ଅର୍ଜନ କରିଛନ୍ତି।

ଏହି ସମୟ ମଧ୍ୟରେ କିଙ୍ଗ କୋହଲି ମଧ୍ୟ ୧୬,୦୦୦ ଲିଷ୍ଟ-ଏ ରନ୍ ପୂରଣ କରିଥିଲେ। ବିରାଟ କୋହଲି ୧୬,୦୦୦ ରନ୍ ପୂରଣ କରିବାର ଦ୍ରୁତତମ ସମୟ କ୍ଷେତ୍ରରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ବିରାଟ ୧୦,୦୦୦ ରୁ ୧୬,୦୦୦ ଲିଷ୍ଟ ଏ ରନ୍ ହାସଲ କରିବାର ଯାତ୍ରା ସବୁଠାରୁ ଦ୍ରୁତତମ କରିଥିଲେ।

ବିରାଟ କୋହଲିଙ୍କ କିଛି ସମୟ ପୂର୍ବରୁ, ସେ ଜୟପୁରରେ ସିକିମ ବିପକ୍ଷରେ ମାତ୍ର ୬୨ ବଲରେ ଶତକ ହାସଲ କରିଥିଲେ। ରୋହିତ ଶର୍ମା, ଅବଶ୍ୟ, ସିକିମ ବିପକ୍ଷରେ ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ୯୪ ବଲ୍‌ରେ ୧୮ ଚୌକା ଏବଂ ୯ ଛକା ସହିତ ୧୬୫ ଷ୍ଟ୍ରାଇକ୍ ରେଟରେ ୧୫୫ ରନ୍ କରିଥିଲେ।

୭ ବର୍ଷ ପରେ ବିଜୟ ହଜାରେ ଟ୍ରଫିକୁ ଫେରିଥିବା ରୋହିତ ଶର୍ମା, କେବଳ ୬୨ ବଲ୍‌ରେ ଶତକ ହାସଲ କରିନଥିଲେ, ବରଂ କେବଳ ଚୌକା ଏବଂ ଛକା ସାହାଯ୍ୟରେ ୮୦ ରନ୍ ମଧ୍ୟ କରିଥିଲେ। ଏହା ଲିଷ୍ଟ 'ଏ'ରେ ରୋହିତ ଶର୍ମାଙ୍କ ଦ୍ରୁତତମ ଶତକ। ତାଙ୍କର ପୂର୍ବ ଦ୍ରୁତତମ ଶତକ ୨୦୨୩ ବିଶ୍ୱକପ୍ ସମୟରେ ୬୩ ବଲ୍‌ରେ ଆସିଥିଲା। ଏହା ଲିଷ୍ଟ 'ଏ'ରେ ରୋହିତଙ୍କ ୩୮ତମ ଶତକ ଥିଲା।

କୋହଲିଙ୍କ ଏହି ଶତକ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପରେ ଆସିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିରାଟଙ୍କ ବ୍ୟାଟ୍ ଗର୍ଜନ କରିଥିଲା।




ତିନିଟିକିଆ ସିରିଜରେ ସେ ଦୁଇଟି ଶତକ ଲଗାଇଥିଲେ। ଗୋଟିଏ ମୁକାବିଲାରେ ଅପରାଜେୟ ଅର୍ଦ୍ଧଶତକ ହାସଲ କରିଥିଲେ।

ଚେଜ୍ ମାଷ୍ଟରଙ୍କ ପ୍ରଦର୍ଶନ ଦେଖି ପ୍ରତିକ୍ରିୟା ଦେଇଛନ୍ତି ତାଙ୍କ ପିଲାଦିନର କୋଚ୍ ରାଜକୁମାର ଶର୍ମା। ସେ କହିଛନ୍ତି ଯେ, ଦିନିକିଆରେ ବିରାଟ ଯେଉଁ ରେସରେ ଥିଲେ ତାହା ଘରୋଇ ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିଛି। ସେ ଏବେ ଭଲ ଫର୍ମରେ ରହିଛନ୍ତି । ଦୀର୍ଘଦିନ ପରେ ସେ ଘରୋଇ ମୁକାବିଲା ଖେଳୁଛନ୍ତି । ଏହାଦ୍ୱାରା ସେ ୨୦୨୭ ବିଶ୍ୱକପ୍ ଟିମରେ ସାମିଲ ହେବା ପାଇଁ ପ୍ରସ୍ତୁତ ଅଛନ୍ତି । ଭାରତୀୟ ଦଳରେ ବିରାଟ ସବୁଠୁ ଭରସାଯୋଗ୍ୟ ବ୍ୟାଟର । ଲଗାତାର ଭାବେ ସେ ଭଲ ପ୍ରଦର୍ଶନ କରି ଆସୁଛନ୍ତି । ତେଣୁ ବିଶ୍ୱକପ୍ ସେ ଖେଳିବାରେ କିଛି ଅସୁବିଧା ନଥିବା ରାଜକୁମାର କହିଛନ୍ତି ।

# ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର, ୨୫।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ଅପରାହ୍ନରେ ଭୁବନେଶ୍ୱରର ସତ୍ୟ ବିହାରରେ ଥିବା ଏକ ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିବା ପରେ ବାସିନ୍ଦାମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଆବାସିକ କମ୍ପ୍ଲେକ୍ସର ତୃତୀୟ ମହଲାରୁ ଅଗ୍ନିକାଣ୍ଡ ଘଟିଥିଲା। କୋଠାର କିଛି ଅଂଶରେ ଘନ ଧୂଆଁ ବ୍ୟାପି ଯାଇଥିଲା। ନିଆଁ ଲାଗିବା ଦେଖି ଲୋକମାନେ ଘରୁ ବାହାରକୁ ବାହାରି ଆସିଥିଲେ। ନିଆଁ ଏବଂ ଘନ ଧୂଆଁ ପରିସରରେ ବ୍ୟାପି ଯାଇଥିଲା। ଅଗ୍ନିଶମ ସେବାକୁ ସୂଚନା ଦିଆଯାଇଥିଲା ଦୁଇଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ କୋଠାର ଅନ୍ୟ ମହଲାକୁ ନିଆଁ ବ୍ୟାପିବାକୁ ରୋକିବା ପାଇଁ ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ଘନ ଧୂଆଁ ବ୍ୟାପିବାରୁ ଅନେକ ପରିବାରକୁ ସ୍ଥାନାନ୍ତର କରିବାକୁ ପଡିଥିଲା। ଆବାସିକ କମ୍ପ୍ଲେକ୍ସରେ କିଛି ସମୟ ପାଇଁ ଆତଙ୍କ ସୃଷ୍ଟି ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣାରେ କୌଣସି କ୍ଷୟକ୍ଷତି ହୋଇଥିବାର ରିପୋର୍ଟ ହୋଇନାହିଁ ବୋଲି ଅଧିକାରୀମାନେ ନିଶ୍ଚିତ କରିଛନ୍ତି। ଅଗ୍ନିକାଣ୍ଡର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ଅଧିକ ତଦନ୍ତ ଜାରି ରହିଛି।

# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଲକ୍ଷେ ଲିଟର ଦୁଗ୍ଧ ବୃଦ୍ଧି

**ଭୁବନେଶ୍ୱର, ୨୫।୧୨: ତଥ୍ୟ**

ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା କାର୍ଯ୍ୟକାରୀ ହେବାପରେ ଦୁଗ୍ଧ ଉତ୍ପାଦନ ପ୍ରାୟ ଲକ୍ଷେ ଲିଟର ବୃଦ୍ଧି ପାଇଥିବାବେଳେ ଏହି ଯୋଜନାରେ ୬୩୨୧ ଜଣ ଗାଇ ଓ ମଇଁଷି ଚାଷୀ ଉପକୃତ ହୋଇଛନ୍ତି । ତେବେ ଏମାନଙ୍କ ମଧ୍ୟରେ ଗୋପାଳଙ୍କ ସଂଖ୍ୟା ଅଧିକ ଥିବା ଜଣାଯାଇଛି ।

୨୦୨୪-୨୫ ବର୍ଷରେ ରାଜ୍ୟ ସରକାରଙ୍କର ଏହି ମହତ୍ୱାକାଂକ୍ଷୀ ଯୋଜନା ଆରମ୍ଭ ହୋଇଥିବାବେଳେ ଏଥିରେ ବର୍ତ୍ତମାନ ସୁଦ୍ଧା ୫୩୫୪ ଜଣ ଗୋପାଳକ ଓ ୯୬୭ ଜଣ ମଇଁଷି ପାଳକ ଉପକୃତ ହୋଇଛନ୍ତି। ଗୋପାଳକମାନଙ୍କୁ ଗାଇ କିଣିବାପାଇଁ ସରକାର ପାଖାପାଖି ୬୫ କୋଟି ଟଙ୍କା ଯୋଗାଇ ଦେଇଥିବାବେଳେ ମଇଁଷି ପାଳନ ପାଇଁ ପ୍ରାୟ ୧୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସରକାରଙ୍କ ଠାରୁ ଅର୍ଥ ପାଇଲା ପରେ ଚାଷୀମାନେ ୯୬୦୧ଟି ଉନ୍ନତ କିସମର ଗାଇ କିଣିଥିବା ଜଣାଯାଇଛି।

ସେହିଭଳି ଏହି ଯୋଜନାରେ ଗୋପାଳକମାନଙ୍କୁ ସହାୟତା ଲାଗି ଓମଫେଡ୍ ଜରିଆରେ ୧ଲକ୍ଷ ୬୦ହଜାର ଦୁଗ୍ଧ ଚାଷୀଙ୍କୁ ୪୨ କୋଟି ୨୦ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି । ଗାଇମାନଙ୍କୁ ସବୁଜ ଘାସ ଯୋଗାଇ ଦେବାପାଇଁ ତୃଣ ଉଦ୍ୟୋଗ ଯୋଜନାରେ



୧୧୭୩ଜଣ ହିତାଧିକାରୀଙ୍କୁ ୨କୋଟି ଟଙ୍କାର ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏହି ଅର୍ଥ ମଧ୍ୟ ଓମଫେଡ୍ ଜରିଆରେ ଯୋଗାଇ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଉପକୃତ ହୋଇଥିବା ଗୋପାଳକମାନଙ୍କ ମଧ୍ୟରୁ ସର୍ବାଧିକ ୩୭୯ ଜଣ ଯାଜପୁର ଜିଲ୍ଲାର ହୋଇଥିବାବେଳେ ଜଗତ୍‌ସିଂହପୁରର ୩୫୩, କଟକର ୩୫୧, ଭଦ୍ରକର ୩୦୧, ପୁରୀର ୨୮୨, ବଲାଙ୍ଗିର ୨୫୯, କେନ୍ଦ୍ରାପଡାର ୨୫୮ ଜଣ ହିତାଧିକାରୀ ରହିଛନ୍ତି । ସବୁଠାରୁ କମ୍ ମାତ୍ର ୪୭ଜଣ ହିତାଧିକାରୀ ବୌଦ୍ଧ ଜିଲ୍ଲାରେ ରହିଥିବାବେଳେ ଦେବଗଡରେ ୫୮ ଓ ମାଲକାନଗିରିରେ ୭୦ଜଣ ହିତାଧିକାରୀ ରହିଛନ୍ତି ।

ଏହି ଯୋଜନାରେ ମଇଁଷି ପାଳନ କ୍ଷେତ୍ରରେ ଆଗରେ ରହିଛି ବଲାଙ୍ଗିର ଜିଲ୍ଲା । ଉପକୃତ ୯୬୭ଜଣ ମଇଁଷି ଚାଷୀଙ୍କ ମଧ୍ୟରୁ ବଲାଙ୍ଗିରରେ ସର୍ବାଧିକ ୭୩ଜଣ ଥିବାବେଳେ ଗଞ୍ଜାମରେ ୬୯ଜଣ, କଟକରେ ୫୯, ମୟୁରଭଞ୍ଜରେ ୫୧, ଭଦ୍ରକରେ ୪୫, ବାଲେଶ୍ୱରରେ ୪୪ଜଣ ମଇଁଷି ଚାଷୀ ରହିଛନ୍ତି । ସବୁଠାରୁ କମ୍ ମାତ୍ର ୪ଜଣ ଦେବଗଡ ଜିଲ୍ଲାରେ ରହିଥିବାବେଳେ ବୌଦ୍ଧରେ ୯ଜଣ ରହିଥିବା ଜଣାଯାଇଛି ।

ସେହିଭଳି ତୃଣ ଉଦ୍ୟୋଗ ଯୋଜନାରେ ଉପକୃତ ହୋଇଥିବା ୧୧୭୩ଜଣ ଦୁଗ୍ଧଚାଷୀଙ୍କ ମଧ୍ୟରୁ ସର୍ବାଧିକ ୧୦୪ ଜଣ କଟକ ଜିଲ୍ଲାରେ ଥିବାବେଳେ କେନ୍ଦୁଝରରେ ୯୩, ବରଗଡରେ ୮୬, ବଲାଙ୍ଗିରରେ ୮୦ଜଣ ଚାଷୀ ରହିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନେ ୯୬୦୧ଟି ଗାଇ କିଣିଥିବାବେଳେ ୧୮୦୯ଟି ମଇଁଷି ଖରିଦ କରିଥିବା ଜଣାଯାଇଛି ।

ଓମଫେଡ୍ ମାଧ୍ୟରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତିଗୁଡ଼ିକୁ ରାଜ୍ୟ ସରକାର ଏହି ଯୋଜନାରେ ୪୨କୋଟି ୨୦ଲକ୍ଷ ୮୪ହଜାର ଟଙ୍କା ଯୋଗାଇ ଦେଇଥିବାବେଳେ ଏଥିରୁ ସର୍ବାଧିକ ପ୍ରାୟ ୧୪ କୋଟି ଟଙ୍କା କଟକ ଦୁଗ୍ଧ ସଂଘ ପାଇଥିବା ଜଣାଯାଇଛି । ବାଲେଶ୍ୱର, ଭଦ୍ରକ ଦୁଗ୍ଧ ସଂଘ ୭କୋଟି ୫୪ଲକ୍ଷ ୬୫ହଜାର ଟଙ୍କା ପାଇଥିବାବଳେ ସମ୍ବଲପୁର ଦୁଗ୍ଧ ସଂଘ ୭କୋଟି ୫୨ଲକ୍ଷ ୨୬ହଜାର ଟଙ୍କା ପାଇଛନ୍ତି । ସବୁଠାରୁ କମ୍ ୨୬ଲକ୍ଷ ୨୮ହଜାର ଟଙ୍କା ମୟୁରଭଞ୍ଜ ଦୁଗ୍ଧ ସଂଘ ପାଇଥିବା ଜଣାଯାଇଛି।

# ବାଜପେୟୀ ଥିଲେ ରାଜନୈତିକ ନୀତି ଓ ଆଦର୍ଶର ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର

**ଭୁବନେଶ୍ୱର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଜପେୟୀଜୀଙ୍କ ସୁଶାସନର ମନ୍ତ୍ର ଏବଂ ମୋଦୀଜୀଙ୍କ ପ୍ରଶାସନିକ ସଂସ୍କାରକୁ ପାଥେୟ କରି ଆମ ୧୮ ମାସର ସରକାର ଓଡିଶାର ସାଢେ ଚାରି କୋଟି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ରହିଛି ବୋଲି ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଏମ ଡ୍ୟାସବୋର୍ଡ, ଓସ୍ୱାସ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକସ୍ତର ପର୍ଯ୍ୟନ୍ତ ସଂପ୍ରସାରଣ ଏବଂ ଉନ୍ନତମାନର ଚିକିତ୍ସାସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ ହ୍ୱାଟସଆପ ଚାଟ୍‌ବଟ'ର ଲୋକାର୍ପଣ କରିଥିଲେ।

ଭୁବନେଶ୍ୱର ଓୟୁଏଟି କୃଷିଶିକ୍ଷା ସଦନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ଅଟଳ ବିହାରୀ ବାଜପେୟୀ ଥିଲେ ଜଣେ ପ୍ରବୀଣ ରାଜନୀତିଜ୍ଞ, କବି, ଲେଖକ ଏବଂ ଭାରତୀୟତାର ଦାର୍ଶନିକ। ରାଜନୈତିକ ନୀତି ଓ ଆଦର୍ଶର ସେ ଥିଲେ ଶ୍ରେଷ୍ଠ ବ୍ରାଣ୍ଡ ଆମ୍ବାସଡର। ରାଜନୀତିକୁ କେବେ ହେଲେ ସେ ଏକ ପେସା ଭାବେ ଗ୍ରହଣ କରିନଥିଲେ।

ଶାସକ ପକ୍ଷ ହେଉ ଅଥବା ବିରୋଧୀ ପକ୍ଷ ରାଷ୍ଟ୍ରହିତକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ଦେଶର ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ସ୍ୱର୍ଣ୍ଣଚତୁର୍ଭୁଜ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ସର୍ବଶିକ୍ଷା ଅଭିଯାନ, ବିତ୍ତୀୟ ଅନୁଶାସନ ପାଇଁ ଏଫଆରବିଏମ୍ ଏସିଟିପ୍ରଣୟନ ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱର୍ଗତ ବାଜପେୟୀଙ୍କ ପରିକଳ୍ପିତ। ବାଜପେୟୀଜୀଙ୍କ ଏହି ସବୁ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା ଯୋଗୁ ତାଙ୍କ ପ୍ରତି ସମ୍ମାନ ଜଣାଇ ତାଙ୍କ ଜୟନ୍ତୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଶାସନ ଦିବସ ଭାବେ ଉତ୍ସର୍ଗ କରିଛନ୍ତି।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ମୁଖମନ୍ତ୍ରୀ ଉଦଘାଟନ କରି ବୁଲି ଦେଖିଥିଲେ। ବିଭାଗ ପକ୍ଷରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଏମ୍ସ ପରିସରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଭାବେ ସୀମିତ ସମୟ ପାଇଁ ରହିଥିଲେ ମଧ୍ୟ ତାଙ୍କ କାର୍ଯ୍ୟ ପ୍ରଣାଳୀ ଯୋଗୁ ଆମେ ଆଜି ସୁଖଦ ଅନୁଭବ କରୁଛୁ। ବାଜପେୟୀଙ୍କ କୀର୍ତ୍ତି ଓ କୃତୀକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ।

ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ସମସ୍ତଙ୍କ ପାଖରେ ପହଞ୍ଚାଇବା ହେଉଛି ସୁଶାସନର ପରିଭାଷା। ଅଭିବୃଦ୍ଧି ହାର ବଢାଇବା ପାଇଁ ସୁଶାସନ ନିହାତି ଆବଶ୍ୟକ ବୋଲି ସେ କହିଥିଲେ।

ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ତଥା ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ କହିଥିଲେ ଯେ, ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ କରିବାରେ ସ୍ୱର୍ଗତ ବାଜପେୟୀଙ୍କ ବଳିଷ୍ଠ ଭୂମିକା ରହିଥିଲା।

କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ସୁଶାସନ ଦିବସ ପାଳନ ଆମକୁ ସ୍ମରଣ କରାଇ ଦେଉଥାଏ ଯେ, ସରକାରୀ ସେବାକୁ ଆମକୁ ଆହୁରି ଅଧିକ ଜନାଭିମୁଖୀ କରିବାକୁ ପଡିବ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଜାନୁଆରୀ ପ୍ରଥମ...

କୁହୁଡ଼ିର ଆସ୍ତରଣ ଦେହ ହାତକୁ କାଲୁଆ କରି ଦେଉଛି। ବୁଧବାର ସକାଳେ ରାଉରକେଲା, ସମ୍ବଲପୁର, ହୀରାକୁଦ, ଢେଙ୍କାନାଳ, ସୁବର୍ଣ୍ଣପୁର, ଫୁଲବାଣୀ, ଝାରସୁଗୁଡ଼ା, କୋରାପୁଟ, ଭବାନୀପାଟଣା ଏବଂ ବାରିପଦାର ବିଭିନ୍ନ ଅଞ୍ଚଳରେ କୁହୁଡ଼ି ଦୃଶ୍ୟମାନ ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଗୁରୁବାର ସକାଳେ ଝାରସୁଗୁଡ଼ା, ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୁବର୍ଣ୍ଣପୁର, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଅନୁଗୋଳ, ଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାର କିଛି ଅଞ୍ଚଳରେ କୁହୁଡ଼ି ଦୃଶ୍ୟମାନ ହେବାର ସମ୍ଭାବନା ରହିଛି। ଝାରସୁଗୁଡ଼ା ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼ ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାକୁ ଘନ କୁହୁଡ଼ି ପାଇଁ ଯେଲୋ ୱାର୍ଣ୍ଣି ଜାରି କରାଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ। ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ ସାହୁ କହିଛନ୍ତି, ରାଜ୍ୟରେ ରାତି ତାପମାତ୍ରା କମିବା ଆରମ୍ଭ ହୋଇଛି। ୨୫ତାରିଖ ରାତିରୁ ପାରଦ ଆହୁରି ତଳମୁହାଁ ହେବା ସହ ଶୀତ ପ୍ରକୋପ ବଢ଼ିବ। ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ବିଶେଷ ଭାବେ ପଡ଼ିବ ନାହିଁ ବୋଲି ବର୍ତ୍ତମାନ ପାଣିପାଗ ସଙ୍କେତରୁ ଜଣାପଡୁଛି।

### ଦେବୀଙ୍କ ଦମ୍ଭୋକ୍ତି...

ଭବିଷ୍ୟତ ହେଉଛି ନବୀନ ବାବୁଙ୍କୁ ଛାଡ଼ି ବିଜେଡି ରହିପାରିବ ନାହିଁ। ଦଳର ସଭାପତି ଜାଣିସାରିଛନ୍ତି, ଯାହାଙ୍କୁ ଆଣିବାକୁ ପ୍ରୟାସ ହେଉଛି, ତାଙ୍କ ପାଇଁ ଦଳର ବଡ଼ କ୍ଷତି ହୋଇଛି। ଦଳରେ ସମସ୍ତ ଆସିପାରିବେ, କିନ୍ତୁ ଯିଏ ଆସିବ ସେ ପ୍ରଥମେ କାମ କରିବା ଉଚିତ। ତିନି ଜଣଙ୍କୁ ନେଇ ଦଳ ପରିଚାଳନା ହୁଏ ନାହିଁ। ଗୋଟିଏ ଟିମ୍ ହୋଇ କାମ କରିବା ଉଚିତ। ଯୁବ ନେତାମାନେ ଏହି ଉଦ୍ଦେଶ୍ୟରେ ବସିଥିଲେ। ସେମାନେ ଜାଣିଛନ୍ତି ଯେ, ନବୀନଙ୍କ ଛଡ଼ା ଅନ୍ୟ କେହି ବୁଝିଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର। ଦଳ ସମସ୍ତଙ୍କୁ ନେଇ ଚାଲିପାରିବନାହିଁ। ଅସନ୍ତୋଷ ବୋଲି ୪୦ ଜଣ ଝୁମୁକାରେ ଏକାଠି ହୋଇଥିଲେ। ଆମେ ବି ବସୁଛୁ। ପ୍ରଫୁଲ ମଲ୍ଲିକଙ୍କୁ କାହିଁକି ଦଳରୁ ବାହାର କରାଗଲା। ଯଦି ଆକ୍ସନ ନେବା କଥା ସମସ୍ତଙ୍କ ଉପରେ ନିଆଯାଇପାରିଥାନ୍ତା। ୨୪ ନିର୍ବାଚନରେ ବିଜୁ ବାବୁଙ୍କୁ ଆମେ ପୁରା ଭୁଲିଗଲୁ। ପୋଷ୍ଟରରେ ବିଜୁ ବାବୁ ଫଟୋ ବି ରହିଲାନି। ଦଳକୁ ସଂଗଠିତ ପାଇଁ ନବୀନ ବାବୁ ବରିଷ୍ଠଙ୍କୁ ଡାକି ଆଲୋଚନା କରିବେ।

### ବାସୀ ଖାଦ୍ୟ...

ପ୍ରାକ୍ତନ ଉପସଭାପତି ଶିଶିର ରଥ, ମୁଖପାତ୍ର ମାନସ ପରିଡ଼ା, ଜିଲ୍ଲା ପ୍ରାକ୍ତନ ସାଧାରଣ ସମ୍ପାଦକ ରଞ୍ଜନ ସେନାପତି ଓ ଉଗ୍ରସେନ ଭୂୟାଁ, ଜିଲ୍ଲା ପ୍ରାକ୍ତନ ଉପସଭାପତି ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ସଦର ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ସେନାପତି, ମିହିର କୁମାର ଦାସ, ନିହାର ରଞ୍ଜନ ନନ୍ଦ, ସୁବ୍ରତ ଦାସ, ରଷି କାଣ୍ଡି, ଦିଲ୍ଲୀପ କୁମାର ବାରିକ, ଜୟନାରାୟଣ ତ୍ରୀପାଠୀ, ସବୀର ମହମ୍ମଦ, ଅଶୋକ କୁମାର ରାଉତ, ରବୀନ୍ଦ୍ର କୁମାର ଦାସ, ବଂଶୀଧର କର, ଡୋରା ଗୋଚ୍ଛାୟତ ପ୍ରମୁଖ ଯୋଗଦେଇ ବିଧାୟକଙ୍କ ଏପରି ଅବହେଳାତ୍ମକ ଓ ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁଁ ହୋଇଥିବା ଅଘଟଣ ପାଇଁ ଆନିମଲ ନିବାରଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ ।

### ସମୁଦ୍ରରେ ଭାସି...

ଆଣୁଛନ୍ତି। ସେପଟେ ଚିତ୍ରରୁ ଦେଖାଯାଉଛି, ଭିଡ ବଢୁଛି। ବଢି ବଢି ଚାଲୁଛି। ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଚିତ୍କାର ସାଙ୍ଗକୁ ଫଟୋ, ସେଲଫି ଉଠାଇବାର ଏକ ପ୍ରକାର ପ୍ରତିଯୋଗିତ ଲାଗିଯାଉଛି। ଏ ଦୃଶ୍ୟ ମହୋଦଧି ତଟର। କିନ୍ତୁ କେଉଁଠୁ ଓ କିପରି ଜଗନ୍ନାଥଙ୍କ ଏତେ ବଡ ବିଗ୍ରହ ଭାସି ଆସିଲା ତାହା ସ୍ପଷ୍ଟ ହୋଇନାହିଁ। ଏହା ବି ସ୍ପଷ୍ଟ ହୋଇନି ଠାକୁରଙ୍କୁ ନେଇଗଲେ କିଏ ବା କେଉଁଠାରେ ରଖାହେଲେ ସେ ? କିନ୍ତୁ ଏହା ସତ ଯେ, ମହୋଦଧିରେ ଭାସୁଥିବା ଜଗନ୍ନାଥଙ୍କ ମୂର୍ତ୍ତିଙ୍କର ଏହି ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ହଁ କିଛି ଶ୍ରଦ୍ଧାଳୁ କୁହନ୍ତି, ମନୁଆ ଠାକୁର କେବେ, କେଉଁଠୁ, କିପରି ସେ ଆସିବେ ତାହା କେହି ଜାଣେନି। ପୁରାଣ କଥା ଅନୁସାରେ ସେ ତ ଦିନେ ଦାରୁ ରୂପରେ ସମୁଦ୍ରରେ ଭାସି ଆସିଥିଲେ। ଆଉ ଏବେ ମୂର୍ତ୍ତି ରୂପରେ। ବଡ ଅପରାମ୍ପର ଲୀଳା ତାଙ୍କର।

### ସୁରକ୍ଷା ବାହିନୀଙ୍କ...

ହନୁମନ୍ତୁ, ରାଜେଶ ତିୱାରୀ ଏବଂ ରୂପା ଭଳି ଅନେକ ନାମରେ ଜଣାଶୁଣା ଥିଲେ। ସେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ମୁଖ୍ୟ ଚେହେରା ଥିଲେ ଏବଂ କେନ୍ଦ୍ରୀୟ ନେତୃତ୍ୱ ଏବଂ ସ୍ଥାନୀୟ ୟୁନିଟଗୁଡ଼ିକ ମଧ୍ୟରେ ମୁଖ୍ୟ ସଂଯୋଗକାରୀ ଥିଲେ।କିଛି ବର୍ଷ ପୂର୍ବେ ତାଙ୍କୁ ନିଷିଦ୍ଧ ସଂଗଠନର କେନ୍ଦ୍ରୀୟ କମିଟିରେ ସାମିଲ କରାଯାଇଥିଲା। ସେ ଗତ ତିନି ବର୍ଷ ଧରି ଓଡ଼ିଶାର କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲେ। ସେ ଗରିଲା କାର୍ଯ୍ୟକଳାପର ସମନ୍ୱୟ କରୁଥିଲେ ଏବଂ ମାଓ ନେଟୱାର୍କକୁ ମଜବୁତ କରୁଥିଲେ।

### ଓଡ଼ିଶାର ୩ ସୁନା...

ଏକ ବୈଠକ ବସିବ। ନିଲାମ କିପରି ଠିକ ଭାବେ ହେବ ସେ ନେଇ ପ୍ରକ୍ରିୟା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ (ଜିଏସଆଇ) ସଂସ୍ଥା ରାଜ୍ୟର କେତେକ ସ୍ଥାନରେ ସୁନା ଖଣି ରହିଥିବା ଚିହ୍ନଟ କରିଛି। ସେସବୁକୁ ୨୦୨୬ ସୁଦ୍ଧା ନିଲାମ କରିବାକୁ ସରକାର ଯୋଜନା ରଖିଛନ୍ତି।

### ଭୂପିନ୍ଦରଙ୍କ ଭବିଷ୍ୟବାଣୀ...

ବୁଝିଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର। ଦଳ ସମସ୍ତଙ୍କୁ ନେଇ ଚାଲିପାରିବନାହିଁ। ଅସନ୍ତୋଷ ବୋଲି ୪୦ ଜଣ ଝୁମୁକାରେ ଏକାଠି ହୋଇଥିଲେ। ଆମେ ବି ବସୁଛୁ। ପ୍ରଫୁଲ ମଲ୍ଲିକଙ୍କୁ କାହିଁକି ଦଳରୁ ବାହାର କରାଗଲା। ଯଦି ଆକ୍ସନ ନେବା କଥା ସମସ୍ତଙ୍କ ଉପରେ ନିଆଯାଇପାରିଥାନ୍ତା। ୨୪ ନିର୍ବାଚନରେ ବିଜୁ ବାବୁଙ୍କୁ ଆମେ ପୁରା ଭୁଲିଗଲୁ। ପୋଷ୍ଟରରେ ବିଜୁ ବାବୁ ଫଟୋ ବି ରହିଲାନି। ଦଳକୁ ସଂଗଠିତ ପାଇଁ ନବୀନ ବାବୁ ବରିଷ୍ଠଙ୍କୁ ଡାକି ଆଲୋଚନା କରିବେ।

# କୁମ୍ଭୀର ମୁହଁରୁ ସାଥୀକୁ ବଞ୍ଚାଇବା ପାଇଁ ନଦୀକୁ ଡେଇଁଲେ ମାଙ୍କଡପଲ

**କେନ୍ଦ୍ରାପଡା, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁଠି ମଣିଷ ବିପଦ ବେଳାରେ ମଣିଷର ହାତ ଛାଡ଼ି ଦେଉଛି ସେଠି ମାଙ୍କଡ଼ମାନେ କିନ୍ତୁ ନିଜର ଏକତା ଦେଖାଇଛନ୍ତି। କୁମ୍ଭୀର ମୁହଁରୁ ନିଜ ସାଥୀକୁ ବଞ୍ଚାଇବା ପାଇଁ ମାଙ୍କଡ଼ ପଲ ନଦୀକୁ ଡେଇଁ ପଡ଼ିଛନ୍ତି। ଏମିତି ଏକ ହୃଦୟ ଥରାଇ ଦେବା ଭଳି ଦୃଶ୍ୟ ଆସିଛି କେନ୍ଦ୍ରାପଡା ମହାକାଳପଡ଼ା ଅଞ୍ଚଳରୁ।

ମହାକାଳପଡ଼ା ବ୍ଲକ୍ ମହାନଦୀର ଏକ ଶାଖା ଖରିନାସୀ ନାଳରେ ଏକ କୁମ୍ଭୀର ଗୋଟେ ମାଙ୍କଡ଼କୁ ଝାମ୍ପି ନେଇ ନଦୀ ଭିତରକୁ ପକାଇଥିଲା। ଏହା ଦେଖି ଅନ୍ୟ ମାଙ୍କଡ଼ମାନେ ନଦୀକୁ ଡେଇଁ ପଡିଥିଲେ। ନିଜ ସାଥୀକୁ ବଞ୍ଚାଇବା ପାଇଁ ପାଣିରେ ପଶି ଆର ପଟକୁ ପହଁରି ପହଁରି ଯାଇଥିଲେ। ଯଦିଓ କୁମ୍ଭିର ମୁହଁରୁ ତାଙ୍କ ସାଥି ମାଙ୍କଡକୁ ରକ୍ଷା କରି ପାରି ନଥିଲେ ତଥାପି ନିଜ ଭିତରେ ଏକତା ଓ ଭାଇଚାରା ଦେଖାଇଥିଲେ ସେମାନେ।

ସ୍ଥାନୀୟ ଅଞ୍ଚଳର କେହି ଜଣେ ବ୍ୟକ୍ତି ଏହି ଘଟଣାକୁ ନିଜ ନିଜ ମୋବାଇଲରେ ରେକର୍ଡ କରିଥିଲେ। ତେବେ ମହାକାଳପଡ଼ାର ରାମନଗର, ବଉଳକଣୀ, ସୁନୀତି, କଂସାର, ପେଟଛେଲା, ଏକଲପୁର, ବିଜୟନଗର, ଚଣ୍ଡିଆପଲି, ବାଙ୍କୀଛନ୍ଧା, ଓରତ ପ୍ରଭୃତି ଅଞ୍ଚଳର ସମସ୍ତ ନଦୀ ନାଳରେ ପଲ ପଲ କୁମ୍ଭୀର ବସବାସ କରୁଛନ୍ତି। ଅନେକ ସମୟରେ ସେମାନେ ସ୍ଥଳଚର ଜୀବଜନ୍ତୁଙ୍କ ଶିକାର କରୁଛନ୍ତି।

# ଜାଗା ବିବାଦକୁ ନେଇ ରାସ୍ତାରୋକ: ଶତାଧିକ ଲୋକଙ୍କ ଧାରଣା

**ପୁରୁଷୋତ୍ତମପୁର, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପଲ୍ଲୀ ଗ୍ରାମର ଗୋଟିଏ ଜାଗାକୁ ନେଇ ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ ବଢିଲା ବିବାଦ। ବିବାଦ ଜାଗାକୁ ନେଇ ଦୁଇ ଗୋଷ୍ଠୀ ଦାବି କରିଥିବା ବେଳେ ପ୍ରଶାସନ ଉଭୟ ପକ୍ଷକୁ ନେଇ ବୈଠକ କରିବା ସହ ବିବାଦୀୟ ସ୍ଥାନରେ ପ୍ରଶାସନ ଜେସିବି ଦ୍ୱାରା ଜବର ଦଖଲ ଉଚ୍ଛେଦ କରିଥିବା ବେଳେ ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧକରୀ ପ୍ରଶାସନକୁ ଘେରିବା ସହ ରାଜରାସ୍ତା ଅବରୋଧ କରାଯାଇଛି। ରାସ୍ତା ଉପରେ ମହିଳା ପୁରୁଷ ବସିବା ସହ କବିସୂର୍ଯ୍ୟନଗର ଓ ପୁରୁଷୋତ୍ତମପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଅବରୋଧ କରିଛନ୍ତି। ଉଭୟ ପାର୍ଶ୍ୱରେ ବହୁ ଗାଡି ଅଟକ ରହିଛି। ତେବେ ବିବାଦୀୟ ଜାଗାକୁ ନେଇ ପୂର୍ବରୁ ଗ୍ରାମର ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଗୁରୁବାର ତାହା ଉଗ୍ରରୂପ ନେଇଛି। ପୋଲିସ ଲୋକଙ୍କୁ ବୁଝାସୁଝା ପାଇଁ ପ୍ରୟାସ ଜାରିରଖିଛି। ଗତ ବୁଧବାର ଦିନ ଗ୍ରାମବାସୀ ଏହି ବିବାଦୀୟ ଜାଗାକୁ ନେଇ ପୁରୁଷୋତ୍ତମପୁର ତହସିଲ ଆଗରେ ଧାରଣା ଦେଇଥିଲେ ତହସିଲଦାର। ଘଟଣାସ୍ଥଳରେ ପହଞ୍ଚି ବିବାଦୀୟ ଜାଗାକୁ ନେଇ ଉଭୟଙ୍କୁ ନେଇ ଏକ ଶାନ୍ତି କମିଟି କରି ବୁଝାସୁଝା କରିଥିବା ବେଳେ ପୁଣି ଗୁରୁବାର ପ୍ରଶାସନ ପକ୍ଷରୁ ବିବାଦୀୟ ଜାଗାରୁ ଜେସିବି ସହୟତାରେ ଜବରଦଖଲ ହଟାଇଦେଇଥିଲେ। କିନ୍ତୁ ଗ୍ରାମବାସୀ ପ୍ରତିବାଦ କରି ପୁରୁଷୋତ୍ତମପୁର-ଆସ୍କା ମୁଖ୍ୟରାସ୍ତା ଅବରୋଧ କରିଦେଇଥିଲେ। ଘଟଣାସ୍ଥଳରେ ଛତ୍ରପୁର ଉପ ଜିଲ୍ଲାପାଳ, ପୁରୁଷୋତ୍ତମପୁର ତହସିଲଦାର, ପୁରୁଷୋତ୍ତମପୁର ଏସଡିପିଓ ପ୍ରମୁଖ ଉପସ୍ଥିତ ରହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଚାପା ଉତ୍ତୋଜନା ପୂର୍ଣ୍ଣ ରହିଛି।

# ୧୮ ଲିଟର ଆଇଡ଼ି ଲିକର ଜବତ: ୨ ମହିଳା ଗିରଫ

**କଟକ, ୨୫।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଭାବେ ନିଶିଦ୍ଧ ଆଇଡ଼ି ଲିକର (ମଦ) କାରବାର କରୁଥିବା ଅଭିଯୋଗରେ କଟକ ଅବକାରୀ ମୋବାଇଲ ୟୁନିଟ ବିଭାଗ ପକ୍ଷରୁ ଗୁରୁବାର ଚୌଦ୍ୱାର ଥାନା ଅନ୍ତର୍ଗତ ଗାନ୍ଧୀଛକଠାରେ ଚଢ଼ାଉ କରାଯାଇ ୨ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଚାଉଳିଆଗଂଜ ଥାନା ଅନ୍ତର୍ଗତ ଗାନ୍ଧୀପଲ୍ଲୀର ପ୍ରଭା ରାଉତ (୨୬) ଓ ଦମୟନ୍ତୀ ରାଉତ । ଅବକାରୀ ବିଭାଗ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୮ ଲିଟର ନିଶିଦ୍ଧ ଆଇଡ଼ି ଲିକର ଓ ଗୋଟିଏ ସୁଜିକି ଆସେସ ସ୍କୁଟି ଜବତ କରିଛି । ଜବତ ହୋଇଥିବା ନିଶିଦ୍ଧ ଆଇଡ଼ି ଲିକରର ଆନୁମାନିକ ମୂଲ୍ୟ ୯୪ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଏଏସଆଇ ଜୟପ୍ରକାଶ ବେଉରିଆ, କନେଷ୍ଟବଳ ଅଜୟ ଜେନା, ଦେବବ୍ରତ ଓଝା, ପୂର୍ଣ୍ଣେଶ୍ୱର ମାଝୀ, ଶଙ୍କର ସିଂହ ଓ ଦମୟନ୍ତୀ ନାଥ ପ୍ରମୁଖ ସାମିଲ ହୋଇଥିଲେ । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ